R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୦
ତିଥି : ଅଷ୍ଟମୀ
୨୬ ମାର୍ଚ୍ଚ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 170
26 March 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଟ୍ରମ୍ପଙ୍କ ୧୫ ସୂତ୍ରୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ

ୱାଶିଂଟନ, ୨୫।୩ : ଇରାନ ସହ ଯୁଦ୍ଧ କରି ହରଡ଼ଘଣାରେ ପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଶାନ୍ତି ପ୍ରତିଷ୍ଠା ପାଇଁ ବିକଳ ହେଉଛନ୍ତି । ସେ ଇରାନ ସହ ଯୁଦ୍ଧକୁ ସ୍ଥଗିତ ରଖି ପାକିସ୍ତାନ ଜରିଆରେ ୧୫ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ପାକିସ୍ତାନ ମଧ୍ୟ ଟ୍ରମ୍ପଙ୍କ କଥାରେ ଇରାନକୁ ଆମେରିକାର ଚିଠି ଦେଇଛି । ଯୁଦ୍ଧରେ ଆମେରିକା ବ୍ୟାପକ କ୍ଷତି ସହିଥିବାରୁ ପୂରା ବିଶ୍ୱର ଚାପ ଟ୍ରମ୍ପଙ୍କ ଉପରେ ପଡ଼ିଛି । ଏହି ଚାପରେ ଟ୍ରମ୍ପ ଶାନ୍ତି ପାଇଁ ବିକଳ ହେଉଥିବା ବେଳେ ଇରାନ ଆଜି ତାଙ୍କୁ ପୁଣି କଡ଼ା ଚେତାବନୀ ଦେଇଛି । ଏଥିସହ ଆମେରିକା ଦେଇଥିବା ୧୫ ସୂତ୍ରୀ ପ୍ରସ୍ତାବକୁ ଇରାନ କେବେ ହେଲେ ବି ଗ୍ରହଣ କରିବ ନାହିଁ




ବୋଲି କହିଛି । ସେହିପରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଅତିରିକ୍ତ ୧ ହଜାର ସୈନ୍ୟ ମୁତୟନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହା ଉପରେ ନଜର ରଖାଯାଇଥିବା ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ

### ଚାଲୁ ଯୁଦ୍ଧ, ପଛଘୁଞ୍ଚା ନାହିଁ : ଇରାନ

ବୁଧବାର କହିଛନ୍ତି ।

ଆମେରିକା ସୈନ୍ୟ ବାହିନୀକୁ କଡ଼ା ଚେତାବାନୀ ଦେଇ ସେ କହିଛନ୍ତି ଯେ ଏହି ଅଞ୍ଚଳକୁ ସେନା ପଠାଇଲେ ଆମେରିକା ଓ ଇସ୍ରାଏଲ ନେତୃତ୍ୱ କରିଥିବା ଭୁଲର ସମାଧାନ ହୋଇପାରିବ ନାହିଁ । ସୈନ୍ୟମାନେ ବିଚାରା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନାହୁଙ୍କ ଭ୍ରମର ଶିକାର ବନି ପାରନ୍ତି ବୋଲି ଘାଲିବାଫ କହିଛନ୍ତି । ଏକ୍ସରେ ସେ ଲେଖିଛନ୍ତି, ଆମେ ଏହି ଅଞ୍ଚଳରେ ଆମେରିକା ଗତିବିଧି ଉପରେ ନଜର ରଖିଛୁ । ବିଶେଷ କରି ସୈନ୍ୟ ମୁତୟନ ଉପରେ ଆମର ନଜର ରହିଛି । ଯାହା ଜେନେରାଲମାନେ ଭାଙ୍ଗିଛନ୍ତି, ତା'କୁ ସୈନ୍ୟମାନେ କେବେ ହେଲେ ଠିକ କରିପାରିବେ ନାହିଁ । ସେମାନେ ବରଂ ନେତ୍ୟାନହୁଙ୍କ ଭ୍ରମର (୯ ପୃଷ୍ଠାରେ)

## ପାକ୍ ଜାହାଜକୁ ମିଳିଲାନି ଅନୁମତି

ତେହେରାନ, ୨୫ ।୩ : ଇରାନ-ଇସ୍ରାଏଲ-ଆମେରିକା ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନର ଶାନ୍ତି ପ୍ରସ୍ତାବ ସତ୍ତ୍ୱେ ଆଜି ଇରାନର ଏକ ନିଷ୍ପତ୍ତି ପାକିସ୍ତାନକୁ ଶକ୍ତ ଝଟ୍କା ଦେଇଛି। ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଦେଇ ପାକିସ୍ତାନର କରାଚି ଅଭିମୁଖେ ଯାଉଥିବା ଏକ ପାକିସ୍ତାନୀ ଜାହାଜକୁ ଆଜି ଇରାନ ଫେରାଇ ଦେଇଛି। କାବୁଲ ସ୍ଥିତ ଇରାନ ଦୂତାବାସ ଏକ ବିବୃତି ଜାରି କରି କହିଛି ଯେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଦେଇ ଯିବା ପାଇଁ ଅନୁମତି ନଥିବାରୁ ଇରାନ ପାକିସ୍ତାନର କରାଚୀ ଅଭିମୁଖେ ଯାଉଥିବା ଏକ ଜାହାଜକୁ ଫେରାଇ ଦେଇଛି। ଆଇନଗତ ପ୍ରୋଟୋକଲ ପାଳନ କରିବାରେ ବିଫଳତା ଏବଂ ହର୍ମୁଜ ପ୍ରଣାଳୀ ଦେଇ ଯିବା ପାଇଁ ଅନୁମତି ନଥିବାରୁ କଣ୍ଟେନର ଜାହାଜ ସେଲେନକୁ ଆଇଆର୍ଜିସି ଫେରାଇ ଦେଇଥିବା ବିବୃତିରେ କୁହାଯାଇଛି।

ଉକ୍ତ ଜଳପଥ ଦେଇ ଯେକୌଣସି ଜାହାଜ ଯିବାପାଇଁ ଇସଲାମିକ୍ ରାଷ୍ଟ୍ର ଇରାନର ସାମୁଦ୍ରିକ କର୍ତ୍ତୃପକ୍ଷଙ୍କ ସହିତ ପୂର୍ଣ୍ଣ ସମନ୍ୱୟ ଆବଶ୍ୟକ। ତେବେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପରେ ନିଶ୍ଚିତ

### ହର୍ମୁଜରୁ ଫେରାଇ ଦେଲା ଇରାନ

କରିଥିଲା ଯେ ଜାହାଜଟି 'ଆଇନଗତ ପ୍ରୋଟୋକଲ' ପାଳନ କରିବାରେ ବିଫଳ ହୋଇଥିଲା। ରିଅର ଆଡମିରାଲ ଆଲିରେଜା ତାଙ୍ଗସିରି କହିଛନ୍ତି ଯେ ଜାହାଜକୁ ପ୍ରଣାଳୀ ଦେଇ ଯିବା ପାଇଁ ଅନୁମତି ନ ମିଳିବାରୁ ଏହାକୁ ଫେରାଇ ଦିଆଯାଇଥିଲା।ହର୍ମୁଜ ଦେଇ ଜାହାଜ ଅତିକ୍ରମ କରିବାପାଇଁ ଇରାନ ସାମୁଦ୍ରିକ କର୍ତ୍ତୃପକ୍ଷଙ୍କ ସହିତ ପରିବହନ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।ଉଲ୍ଲେଖଯୋଗ୍ୟ, ଆମେରିକା ଏବଂ ଇସ୍ରାଏଲ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ତେହେରାନ ଜଳପଥ ଉପରେ ନିଜର ନିୟନ୍ତ୍ରଣ ଜାହିର କରିବା ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବା ପାଇଁ କିଛି ଜାହାଜକୁ ୨ ନିୟୁତ ଆମେରିକୀୟ ଡଲାର ଦେବାକୁ ନିଷ୍ପତ୍ତି ନେଇଛି। ଇରାନୀ ସାଂସଦ ଆଲାଏଦ୍ଦିନ ବୋରୋଜେର୍ଦି ରାଷ୍ଟ୍ରୀୟତ୍ତ ପ୍ରସାରଣ ସଂସ୍ଥା ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ ବ୍ରଡକାଷ୍ଟିଂକୁ କହିଛନ୍ତି ଯେ ଏହି ପଦକ୍ଷେପ ଦଶନ୍ଧି ପରେ (୯ ପୃଷ୍ଠାରେ)

## ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଣତିମଣତି ଆରମ୍ଭ



ପୁରୀ, ୨୫ ।୩ (ସବ୍ୟୁ) : ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ ଆଧାରରେ ତଥା ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ନିଷ୍ପତ୍ତି ଅନୁଯାୟୀ ବୁଧବାର ମାର୍ଚ୍ଚ ୨୫, ୨୦୨୬ ଧାର୍ଯ୍ୟ ଅପରାହ୍ଣ ୧୨ ଟା ୦୯ ଶୁଭ ମୁହୂର୍ତ୍ତରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ (ଚଳନ୍ତି ରତ୍ନ ଭଣ୍ଡାର) ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର କଡା ସୁରକ୍ଷା ତଥା ପବିତ୍ରତା ରକ୍ଷା ପୂର୍ବକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ଖୋଲାଯାଇ ଗଣତି କାର୍ଯ୍ୟ ର ଶୁଭାରମ୍ଭ ହୋଇଯାଇଛି।

ରତ୍ନଭଣ୍ଡାର ଅଳଙ୍କାର ଆଦିର ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟ ମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ପୂର୍ବକ ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷାପାଇଁ ଘୋଷଣାନାମା ଦେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢ଼ୀ ଏବଂ ରତ୍ନଭଣ୍ଡାର ପାଇଁ ଗଠିତ ଉଚ୍ଚ ସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ ରଥ ଙ୍କ ନେତୃତ୍ୱରେ ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ,ରତ୍ନଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୧ଟା ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ (୯ ପୃଷ୍ଠାରେ)

## ଏସ୍‌ସିବି ନିଆଁ : ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର, ୨୫ ।୩ (ସବ୍ୟୁ) : ଏସ୍‌ସିବି ତାତି ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଧାନସଭାରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ଉଭୟ ସଭ୍ୟ ହାତରେ ପୋଷ୍ଟର ବ୍ୟାନର ପ୍ରତିବାଦ ଜଣାଇଛନ୍ତି । ବିଜେଡି ଓ କଂଗ୍ରେସ ସଭ୍ୟମାନେ କଳା ପୋଷାକ ପରିଧାନ କରିବା ସହ ପୋଷ୍ଟର ବ୍ୟାନର ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ସେପଟେ ଶାସକ ସଭ୍ୟମାନେ ପୋଷ୍ଟର, ବ୍ୟାନର ଧରି ବିରୋଧୀଙ୍କୁ ଦେଖାଇବା ସହ ବିଜେଡି-କଂଗ୍ରେସ ଭାଇଭାଇ ସ୍ଲୋଗାନ ଦେଇଥିଲେ । ବିରୋଧୀମାନେ ଆଲୋଚନାରେ ଭାଗ ନେବାକୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସୂର୍ଯ୍ୟବଂଶୀ ସୁରଜ ଅନୁରୋଧ କରିଥିଲେ ।



ବୁଧବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ କଳା ଟି-ସାର୍ଟ ପରିଧାନ କରି ଗୃହ ମଧ୍ୟକୁ ପ୍ରବେଶ କରିଥିଲେ । ଟି-ସାର୍ଟ ଆଗ ପଟେ ଲେଖାଥିଲା ଦୁର୍ବଳ ମୁଖ୍ୟମନ୍ତ୍ରୀ ଓ ପଛପଟେ ଶକ୍ତିଶାଳୀ ସ୍ୱାସ୍ଥ୍ୟମନ୍ତ୍ରୀ । ପ୍ରଥମରୁ ବିରୋଧୀ ସଭ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ୭ ଦିନ ଧରି ଗୋଟିଏ ନାରା ଥିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି । ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ସୁରମା ପାଢ଼ୀ ୧୦.୩୩ରୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ଗୃହ ମୁଲତବୀ ରହିଥିବାବେଳେ ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟ ବିଧାନସଭା ପରିକ୍ରମା (୯ ପୃଷ୍ଠାରେ)

- କଳା ପୋଷାକ ପିନ୍ଧି ପରିକ୍ରମା କଲେ ବିରୋଧୀ
- ରିପୋର୍ଟର୍ସ ଟେବୁଲ ଉପରେ ଶୋଇଲେ ଲକ୍ଷ୍ମଣ ମୁଣ୍ଡା
- ବିରୋଧୀ ଆଲୋଚନାରେ ଭାଗ ନେବାକୁ କହିଲେ ମନ୍ତ୍ରୀ
- ସର୍ବଦଳୀୟ ବୈଠକ ପରେ ବି ବିଜେଡି, କଂଗ୍ରେସ ସଭ୍ୟ ଆସିଲେନି

## ପେଟ୍ରୋଲ, ଡିଜେଲର ଅଭାବ ନାହିଁ

### ଏଲ୍‌ପିଜି ଚାର୍ଜ ବେଆଇନ୍ : ସରକାର

ନୂଆଦିଲ୍ଲୀ, ୨୫ ।୩ : କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ), ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡିକ ଦ୍ୱାରା ଗ୍ରାହକଙ୍କ ବିଲରେ ଏଲପିଜି ଚାର୍ଜ, ଗ୍ୟାସ ସର୍ଚାର୍ଜ ଏବଂ ଇନ୍ଧନ ମୂଲ୍ୟ ଭରଣା ଭଳି ଅତିରିକ୍ତ ଶୁଳ୍କ ଆଦାୟକୁ ବେଆଇନ ବୋଲି କହିଛନ୍ତି । ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁସାରେ ଏହିଭଳି କାର୍ଯ୍ୟକୁ ଅସାଧୁ ବୋଲି ଦର୍ଶାଯାଇଛି। ସର୍ଭିସ ଚାର୍ଜ ସମ୍ପର୍କିତ ବିଦ୍ୟମାନ ନିର୍ଦ୍ଦେଶାବଳୀକୁ ଏଡ଼ାଇବା ପାଇଁ ଏଭଳି ଚାର୍ଜଗୁଡିକ ପୂର୍ବ ନିର୍ଦ୍ଧାରିତ ଭାବେ ଲଗାଯାଉଥିବା ଲକ୍ଷ୍ୟ କରି, ପ୍ରାଧିକରଣ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ର ଧାରା ୧୦ ଅନୁଯାୟୀ ଏକ ନୂତନ ମାର୍ଗଦର୍ଶିକା ଜାରି କରିଛନ୍ତି । ଏଥିରେ ନିର୍ଦ୍ଦେଶ ଦିଆଯାଇଛି ଯେ, ଏଭଳି କୌଣସି ଚାର୍ଜ ସ୍ୱୟଂଚାଳିତ ଭାବେ ଲଗାଯାଇପାରିବ ନାହିଁ । ପୁଣି ଏହାର ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜାତୀୟ ଗ୍ରାହକ ହେଲ୍ପଲାଇନରେ ପ୍ରାପ୍ତ ଅଭିଯୋଗ ଏବଂ ଗଣମାଧ୍ୟମର ରିପୋର୍ଟକୁ ଆଧାର କରି ସିସିପିଏ ଏହିଁ ଦୃଢ଼ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ସିସିପିଏ ଲକ୍ଷ୍ୟ କରିଛି ଯେ, କେତେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ମେନୁରେ ଦର୍ଶାଯାଇଥିବା ଖାଦ୍ୟ (୯ ପୃଷ୍ଠାରେ)

## ମାର୍ଚ୍ଚ ସୁଦ୍ଧା ଓଡ଼ିଶା ସମ୍ପୂର୍ଣ୍ଣ ମାଓ ମୁକ୍ତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫ ।୩ (ସବ୍ୟୁ): ରାଜ୍ୟରେ ସମ୍ପ୍ରତି ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଅଛି । ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରହିଛି । ସମୟୋପଯୋଗୀ ଗୁଇନ୍ଦା ତଥ୍ୟ ଏବଂ ପୋଲିସର ଆଗୁଆ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ। ଚଳିତ ବର୍ଷ ନିକଟରେ ଭାରତର ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପୋଲିସର ସୁବନ୍ଦୋବସ୍ତ ଯୋଗୁଁ ସୁଚାରୁରୂପେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ କହିଛନ୍ତି ।

ସ୍ୱରାଷ୍ଟ୍ର ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ମାଓବାଦୀଙ୍କ ସଂଖ୍ୟା ସିଙ୍ଗଲ ଡିଜିଟରେ ପହଞ୍ଚିଛି । ଆଉ ୭ ଦିନ ସମୟ ଅଛି । ଏହି ମାସ ଶେଷରେ ଓଡିଶା ସମ୍ପୂର୍ଣ୍ଣ ମାଓ ମୁକ୍ତ ହେବ । ୪ ଦଶନ୍ଧୀ ଧରି ମାଓ ହିଂସା ବଢୁଥିଲା, କିନ୍ତୁ କମୁ ନଥିଲା । ଆଉ ୭ ଦିନ ଭିତରେ ମାଓ ମୁକ୍ତ ହେବ ଭାରତ । ଓଡିଶା ନକ୍ସଲ ମୁକ୍ତ ହେବ । ୨୦୨୫ରୁ ଏବେ ସୁଦ୍ଧା ୨ କେନ୍ଦ୍ରୀୟ କ୍ୟାଡର ସହ ୨୭ ଜଣଙ୍କୁ ନିହତ କରାଯାଇଛି ଓ ୭୭ ଜଣ ଆତ୍ମ ସମର୍ପଣ କରିଛନ୍ତି । ଗତକାଲି ମାଓ ନେତା ଶୁକ୍ରୁ ଆତ୍ମ ସମର୍ପଣ କରିଛି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ପଥଭ୍ରଷ୍ଟ ହୋଇଥିବା ଏହି ଲୋକଙ୍କୁ ଏକ ନୂତନ ଜୀବନ ପ୍ରଦାନ ପାଇଁ ସରକାର ସାର୍ଥକ ପ୍ରୟାସ କରୁଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ପରେ ଏହା ଏକ (୯ ପୃଷ୍ଠାରେ)

## ଲାଞ୍ଚ ନେଇ ଅଡିଟର ଗିରଫ

### ୨୮ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ

ଭୁବନେଶ୍ୱର, ୨୫ ।୩ (ସବ୍ୟୁ) : ୪ ହଜାର ଟଙ୍କା ଲାଞ୍ଚ ନେଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଅଡିଟର ଅମ୍ବିକା ପ୍ରସାଦ ରଥ ଗିରଫ ହେବା ପରେ ତାଙ୍କ ଘରେ ଓ ଅଫିସ୍‌ରେ ଚଢାଉ କରାଯାଇଥିଲା। ମଧୁସୂଦନନଗର ଘରୁ ୨୭ଲକ୍ଷ ୪୨ ହଜାର ୯୦୦ ଟଙ୍କା ଜବତ ହୋଇଥିବା ବେଳେ ଅଫିସ୍ ଡ୍ର'ରୁ ୧ଲକ୍ଷ ୨୮ ହଜାର ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି ।

ଅମ୍ବିକା ରଥ ୧୯୭୧ ମସିହା ଏପ୍ରିଲ ୧୮ ତାରିଖରେ ଅଡିଟର ଭାବେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଅଡିଟର ଭାବେ କାମ ଆରମ୍ଭ କରିଥିଲେ । ମଙ୍ଗଳବାର ଖୋର୍ଦ୍ଧାର ଏକ ଡିଗ୍ରୀ କଲେଜ ଷ୍ଟାଫ୍‌ଙ୍କ ଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ । ଯାହାଙ୍କ ଠାରୁ ଲାଞ୍ଚ ନେଉଥିଲେ ତାଙ୍କ ଚାକିରି ଅବଧି ଯାଞ୍ଚ କରି ତ୍ରୁଟି ସୁଧାରିବା ସହ ଏମ୍‌ଏସିପି ସ୍କିମ୍‌ରେ ତାଙ୍କ ଦରମା ସ୍ଥିର କରିବାକୁ ସେ ଅନୁରୋଧ କରିଥିଲେ । ସେଥିପାଇଁ ଲାଞ୍ଚ ମାଗିଥିଲେ ଅଡିଟର । ସେ ବିରକ୍ତ ହୋଇ ଭିଜିଲାନ୍ସ ଅଫିସ୍‌ରେ ଜଣାଇବା ପରେ ତାଙ୍କ ସହ ଭିଜିଲାନ୍ସ ଅଫିସର ଯାଇ ମିଳିତ ଭାବେ ଅଡିଟରଙ୍କ ଅଫିସ୍‌କୁ ଯାଇ ୪ ହଜାର ଟଙ୍କା ଦେବା ବେଳେ ଭିଜିଲାନ୍ସ ଅଫିସର ତାଙ୍କୁ (୯ ପୃଷ୍ଠାରେ)

## ଶ୍ୱେତପତ୍ର : ରାଜ୍ୟରେ ବଢ଼ିଛି ଧର୍ତ୍ତବ୍ୟ ଅପରାଧ

ଭୁବନେଶ୍ୱର, ୨୫ ।୩ (ସବ୍ୟୁ): ୨୦୨୪ ତୁଳନାରେ ୨୦୨୫ରେ ଧର୍ତ୍ତବ୍ୟ ଅପରାଧରେ ୭.୩% ବୃଦ୍ଧି ପାଇଛି । ଚାରି, ଡକାୟତି ସାଙ୍ଗକୁ ମହିଳା ଦୁଷ୍କର୍ମ ଘଟଣା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ନାରୀଙ୍କ କ୍ଷେତ୍ରରେ ୨୯୯୪ଟି ଦୁଷ୍କର୍ମ ମାମଲା ପଞ୍ଜିକରଣ କରାଯାଇଛି । ଆଇନଶୃଙ୍ଖଳା ଦୃଷ୍ଟିରୁ ବାଲେଶ୍ୱର ଜିଲ୍ଲା ସବୁଠୁ ସମ୍ବେଦନଶୀଳ । ଦେଶର ମିଜାଇଲ ଜିଲ୍ଲା ଭାବେ ପରିଚିତ ଏହି ଉପକୂଳ ଜିଲ୍ଲାରେ ହତ୍ୟା, ଡକାୟତି ଓ ଦୁଷ୍କର୍ମରେ ରେକର୍ଡ କରିଛି ।

ଗୃହ ବିଭାଗ ପକ୍ଷରୁ ଉପସ୍ଥାପିତ ହୋଇଥିବା ଶ୍ୱେତପତ୍ର ଏହି ତଥ୍ୟ ପ୍ରକାଶ ପାଇଛି । ସରକାରୀ ତଥ୍ୟ କହୁଛି ୨୦୨୪ ତୁଳନାରେ ୨୦୨୫ରେ ରାଜ୍ୟରେ ସାମଗ୍ରିକ ଅପରାଧର ହାରରେ ୭.୩୬ ପ୍ରତିଶତ ବୃଦ୍ଧି ହୋଇଛି । ମହିଳାଙ୍କ ପ୍ରତି



ଦୁଷ୍କର୍ମ ଘଟଣା ପୂର୍ବ ବର୍ଷ ତୁଳନାରେ ସାମାନ୍ୟ କମିଥିଲେ ବି ଚିନ୍ତାଜନକ ସ୍ଥିତିରେ ରହିଛ । ୨୦୨୪ରେ ସାମଗ୍ରିକ ଭାବେ ରାଜ୍ୟରେ ୩୦୫୪ଟି ଦୁଷ୍କର୍ମ ଘଟଣା ଘଟିଥିବା ବେଳେ ୨୦୨୫ରେ ୨୯୯୪ ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି । ସେଥିମଧ୍ୟରୁ ୨୧୨୯ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ଥିବା ବେଳେ ବର୍ଷ ଶେଷ ସଦ୍ଧା ୧୯୩୦ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । ଏହାସହ ୯୭୧ଟି ତଦନ୍ତାଧୀନ ମାମଲା ମଧ୍ୟରୁ ୮୩୯ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି ।

ସେହିପରି ୨୦୨୪ରେ ରାଜ୍ୟରେ ମୋଟ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ଥିଲା ୨ଲକ୍ଷ ୧୪ ହଜାର (୯ ପୃଷ୍ଠାରେ)

- ୨୦୨୪ ତୁଳନାରେ ଏବର୍ଷ ୭.୩% ଅଧିକ
- ୨.୨୯ ଲକ୍ଷ ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ
- ୨୯୯୪ ଦୁଷ୍କର୍ମ ମାମଲା ପଞ୍ଜିକରଣ

## ୧୨.୩୩ କୋଟି ଅନ୍‌ଲାଇନ ଠକେଇ

ଭୁବନେଶ୍ୱର, ୨୫ ।୩ (ସବ୍ୟୁ) : ୧୨.୩୩ କୋଟି ଅନ୍‌ଲାଇନ ନିବେଶ ନାଁରେ ଠକେଇ କରିଥିବା ଆନ୍ତଃରାଜ୍ୟ ସାଇବର ଠକ ରାହୁଲ ଜୟସ୍ୱାଲ (୩୬)କୁ କୋଲ୍‌କାତାରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ । ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ବୁଧବାର କୋର୍ଟଚାଲାଣ କରାଯାଇଛି ।

ଅନ୍‌ଲାଇନ ଟଙ୍କା ବିନିଯୋଗ କଲେ ଅଧିକ ପରିମାଣରେ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ପ୍ରଭାବିତ କରିଥିଲା। ୨୦୨୫ ମସିହା ଜୁଲାଇ ୩୧ ତାରିଖରେ ଅଭିଯୋଗକାରୀ ଅଜଣା ହ୍ୱାଟ୍‌ସଆପ୍ ମାଧ୍ୟମରେ ଅଭିଯୁକ୍ତ ସହ ଯୋଗାଯୋଗରେ ଆସିଥିଲେ। ଅଭିଯୁକ୍ତ ନିଜକୁ ଷ୍ଟକ୍ ମାର୍କେଟର କନ୍‌ସୋଲଟାଣ୍ଟ ବୋଲି ପରିଚୟ ଦେଇ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଗଦେବା ପାଇଁ



### ଆନ୍ତଃରାଜ୍ୟ ସାଇବର ଠକ ଗିରଫ

କହିଥିଲା । ନକଲି ବିନିଯୋଗ ଗୁଡିଏ ଅଭିଯୋଗକାରୀଙ୍କୁ ପଠାଇ ପ୍ରଭାବିତ କରିଥିଲା । ଅଭିଯୋଗକାରୀ ପ୍ରଭାବିତ ହୋଇ ଅଭିଯୁକ୍ତର ଟ୍ରେଡିଂ ଆପ୍ଲିକେସନକୁ ଇନ୍‌ଷ୍ଟଲ କରିବା ସହ ଟଙ୍କା ବିନିଯୋଗ କରିଥିଲା ।

୨୦୨୫ ମସିହା ଅଗଷ୍ଟ ୧୨ ତାରିଖରୁ ୨୦୨୫ ମସିହା ସେପେଟମ୍ବର ୨ ତାରିଖ ମଧ୍ୟରେ ଅଭିଯୋଗକାରୀ ୧୨ କୋଟି ୩୩ଲକ୍ଷ ୫୦ ହଜାର ଟଙ୍କା ୯ଟି ବିଭିନ୍ନ ଆକାଉଣ୍ଟକୁ ପଠାଇଥିଲା । କାରଣ ଅଭିଯୁକ୍ତ ଯେଉଁ ଅନୁସାରେ ତାଙ୍କୁ ପ୍ରଭାବିତ କରିଥିଲା ସେ ସେହି ଅନୁସାରେ ଟଙ୍କା ୫୨ଟି ଟ୍ରାଞ୍ଜାକ୍‌ସନରେ ସମସ୍ତ ଟଙ୍କା ପଠାଇଲେ ଅଭିଯୋଗକାରୀ। ଅଭିଯୋଗକାରୀ ଯେତେବେଳେ ବିନିଯୋଗ କରିଥିବା ଟଙ୍କା ଉଠାଇବା ପାଇଁ ଚାହିଁଲେ ତାହା ସମ୍ଭବ ହେଲାନାହିଁ। କାରଣ ଅଭିଯୁକ୍ତ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ସମ୍ପୂର୍ଣ୍ଣ ମିଛ ଥିଲା ।


ଉପାୟଶୂନ୍ୟ ହୋଇ ଠକେଇର ଶିକାର ହୋଇଥିବା ବ୍ୟକ୍ତି ୨୦୨୫ ମସିହା ସେପେଟମ୍ବର (୯ ପୃଷ୍ଠାରେ)

# ଫଳ ଖାଇବା ଜରୁରୀ



ଗ୍ରୀଷ୍ମ ଦିନେ ପ୍ରବଳ ଖରା ଓ ଝାଳ ଯୋଗୁଁ ଶରୀରରୁ ପାଣି ସହ ଜରୁରୀ ଇଲେକ୍ଟ୍ରୋଲାଇଟ୍ସ କମିଯାଏ, ଯାହାଦ୍ୱାରା ଥକାପଣ ଓ ଡିହାଇଡ୍ରେସନ୍ ଭଳି ସମସ୍ୟା ଦେଖାଦେଇଥାଏ । ଲକ୍ଷ୍ନୌର ସିନିୟର ଡାଏଟିସିଆନ୍ ଡକ୍ଟର ପୂନମ ତିୱାରୀଙ୍କ ଅନୁଯାୟୀ, କେବଳ ପାଣି ପିଇବା ଶରୀର ପାଇଁ ଯଥେଷ୍ଟ ନୁହେଁ, ବରଂ ଖାଦ୍ୟରେ ପର୍ଯ୍ୟାପ୍ତ ଜଳୀୟ ଅଂଶ ଥିବା ଫଳ ସାମିଲ କରିବା ଜରୁରୀ । ତରଭୁଜ, ଖରଭୁଜ, କାକୁଡ଼ି ଏବଂ କମଳା ଭଳି ଫଳରେ ୮୦% ରୁ ୯୫% ପର୍ଯ୍ୟନ୍ତ ପାଣି ରହିଥାଏ । ଯାହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ତେବେ ଫଳର ରସ ପିଇବା ଅପେକ୍ଷା ଫଳକୁ କାଟି ଖାଇବା ଅଧିକ ଲାଭଦାୟକ । କାରଣ ଏଥିରୁ ଶରୀରକୁ ଭରପୂର ଫାଇବର ମିଳିଥାଏ ଏବଂ ବ୍ଲଡ୍ ସୁଗାର ନିୟନ୍ତ୍ରିତ ରହେ । ନଡ଼ିଆ ପାଣିକୁ ଏକ ପ୍ରାକୃତିକ ଇଲେକ୍ଟ୍ରୋଲାଇଟ୍ ଭାବେ ଗ୍ରହଣ କରାଯାଇଥାଏ ତେଣୁ ନିଜ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରନ୍ତୁ । ସେହିଭଳି ଫଳ ଖାଇବାର ସଠିକ୍ ସମୟ ହେଉଛି ସକାଳ ଜଳଖିଆ ପରେ କିମ୍ବା ମଧ୍ୟାହ୍ନ ଭୋଜନ ପୂର୍ବରୁ । ଫଳକୁ କାଟି ଫ୍ରିଜରେ ରଖିଲେ ଏହାର ହାଇଡ୍ରେଟିଂ ଗୁଣରେ ବିଶେଷ ପରିବର୍ତ୍ତନ ହୁଏନାହିଁ, କିନ୍ତୁ ଏହାକୁ ସର୍ବଦା ଏୟାରଟାଇଟ୍ କଣ୍ଟେନରରେ ରଖିବା ଉଚିତ୍ । ନିଜ ଖାଦ୍ୟରେ ଅନ୍ୟ ପୋଷଣଯୁକ୍ତ ଖାଦ୍ୟ ସହିତ ଫଳକୁ ସାମିଲ କରନ୍ତୁ ।

## ସୋସିଆଲ କୋଟ୍ସ



ଧୁରନ୍ଧର ଫିଲ୍ମ ଖୁବ ଭଲ ହୋଇଛି । ଏହାକୁ ପ୍ରତିଟି ଭାରତୀୟ ଦେଖିବା କଥା । ଆଦିତ୍ୟ ବର୍ତ୍ତମାନ ବକ୍ସ ଅଫିସର ରାଜା ପାଲଟିଯାଇଛନ୍ତି ।

**ରଜନୀ କାନ୍ତ, ଅଭିନେତା**



ଜୀବନର ପ୍ରତିଟି ଅଂଶ ରାଜନୀତି ସହିତ ଜଡିତ । ତେଣିକି ଏହା ଜାତୀୟ ସ୍ତରୀୟ ହେଉ କିମ୍ବା ନିଜର ସମ୍ପର୍କୀୟମାନେ ହୁଅନ୍ତୁ । ଗୋଟିଏ ଭଲ ଫିଲ୍ମ ଯେ କୌଣସି ଏକ ଆଇଡୋଲୋଜିକୁ ସବୁବେଳେ ଦେଖାଇଥାଏ ଏହା ହିଁ ଧାରା ।

**ନବୀନ କୌଶିକ, ଅଭିନେତା**



୨୬ / ୧୧ ର ଭୟବହତା ନିଜ ଆଖିରେ ଦେଖିଛି । ସେଦିନର ଘଟଣା ଆଜି ବି ମନେ ଅଛି । ସେଦିନ ହୋଟେଲରୁ ଘର ଆସିବା ସମୟରେ ଭୟଙ୍କର ଦୃଶ୍ୟ ଦେଖିଦେଖି ଫେରିବାକୁ ପଡିଥିଲା ।


**ଅର୍ଜୁନ ରାମ୍‌ପାଲ, ଅଭିନେତା**

## ଅଶୋକାଷ୍ଟମୀ

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନେଶ୍ୱରର ଏକାମ୍ର କ୍ଷେତ୍ରରେ ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରଥଯାତ୍ରା ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ଅନୁଷ୍ଠିତ ହୋଇଥାଏ । ଚୈତ୍ର ମାସର ଏହି ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପ୍ରଭୁ ଲିଙ୍ଗରାଜ ମା' ରୁକ୍ମିଣୀ ଓ ବାସୁଦେବଙ୍କ ସହ 'ରୁକୁଣା ରଥ'ରେ ବିରାଜମାନ କରି ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିଥାଆନ୍ତି । ଏହି ଯାତ୍ରାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ରୁକୁଣା ରଥକୁ 'ଅଣଲେଉଟା ରଥ' କୁହାଯାଏ । ଅର୍ଥାତ୍ ଏହି ରଥର ମୁଖକୁ ଫେରିବା ସମୟରେ ବୁଲାଇବାକୁ ପଡ଼ିନଥାଏ । ରଥଟଣା ପୂର୍ବରୁ ଭୋରରୁ ମଙ୍ଗଳ ଆଳତି, ମହାସ୍ନାନ ଏବଂ ସାହାଣମେଲା ଭଳି ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥାଏ । ଶହ ଶହ ବର୍ଷର ପରମ୍ପରା ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣ ବଧ ପାଇଁ ଏହି ତିଥିରେ ଦେବୀ ଦୁର୍ଗାଙ୍କୁ ପ୍ରସନ୍ନ କରିବା ସହ ପ୍ରଭୁ ଲିଙ୍ଗରାଜଙ୍କୁ ଏହି ରଥରେ ନେଇଥିଲେ ବୋଲି ବିଶ୍ୱାସ କରାଯାଏ । ଭୁବନେଶ୍ୱରର ରଥ ରୋଡ୍‌ରେ 'ହରିବୋଲ' ଏବଂ 'ହୁଳହୁଳି' ଶବ୍ଦରେ ଆଧ୍ୟାତ୍ମିକ ପରିବେଶରେ ଏହି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।



## ହାଃହାଃ



**ରୋଗୀ:** ଡାକ୍ତରବାବୁ, ମୋତେ ଯାହା ବି ହେଉଛି ସବୁ ଭୁଲିଯାଉଛି । କିଛି ମନେ ରହୁନି ।

**ଡାକ୍ତର:** ଏମିତି କେବେଠୁ ହେଉଛି ?

**ରୋଗୀ:** କ'ଣଟା କେବେଠୁ ହେଉଛି ସାର୍?

## ଇତିହାସ

୧୮୫୭- ପଶ୍ଚିମବଙ୍ଗରେ ଇଂରେଜଙ୍କ ବିରୋଧରେ ପ୍ରଥମ ସୈନ୍ୟ ବିଦ୍ରୋହ ।

୧୮୬୩- ଆମେରିକାର ୧୬ତମ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ଆମେରିକୀୟ ମୁଦ୍ରା ଅଧିନିୟମ ଉପରେ ସ୍ୱାକ୍ଷର କଲେ ।

୧୮୮୭- ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀ ଗୋପାଳ ଯୋଶୀଙ୍କ ୨୧ ବର୍ଷ ବୟସରେ ଦେହାନ୍ତ ।

୧୯୭୨- ବିକ୍ରମ ଆର୍ଥ ସାଟେଲାଇଟ୍ ଷ୍ଟେସନ୍‌କୁ ଭାରତର ଚତୁର୍ଥ ରାଷ୍ଟ୍ରପତି ଭି.ଭି. ଗିରି ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲେ ।

୧୯୭୫- ଗୁଜରାଟର ଅହମ୍ମଦାବାଦରେ ଦେଶର ପ୍ରଥମ ଗୁଡ଼ି ସଂଗ୍ରହାଳୟ "ଶଙ୍କର କେନ୍ଦ୍ର' ସ୍ଥାପନ କରାଗଲା ।

୧୯୯୫- କପିରାଇଟ୍ ପ୍ରସଙ୍ଗରେ ଚୀନ୍ ତଥା ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଚୁକ୍ତି ।

୧୯୯୯- ପାଞ୍ଚଟି ଗ୍ରାମୀ ଆୱାର୍ଡ଼ ଜିତି ରାପର୍ ତଥା ଗାୟିକା ଲରେନ୍ ହିଲ୍ ନୂଆ ରେକର୍ଡ଼ କଲେ ।

## କ୍ୟାରିୟରରେ ପଡ଼ିବ କି ପୂର୍ଣ୍ଣଚ୍ଛେଦ



ପ୍ରୟାଗରାଜ କୁମ୍ଭମେଳାରୁ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଥିବା ମୋନାଲିସା ଭୋସଲେଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହେବା ପରିସ୍ଥିତି ସୃଷ୍ଟି ହୋଇଛି । କେରଳର କୋଚିଠାରେ ଏକ ପ୍ରେସ୍ କନଫରେନ୍ସ କରି ମୋନାଲିସା ଚଳଚ୍ଚିତ୍ର ନିର୍ଦ୍ଦେଶକ ସନୋଜ ମିଶ୍ରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମ ସୁଟିଂ ସମୟରେ ନିର୍ଦ୍ଦେଶକ ତାଙ୍କୁ ଅନେକ ଥର ଖରାପ ଉଦ୍ଦେଶ୍ୟରେ ଛୁଇଁଥିଲେ ଏବଂ ମାନସିକ ନିର୍ଯାତନା ଦେଇଥିଲେ । ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇବା ପରେ ମଧ୍ୟ ସେମାନେ ମୋନାଲିସାଙ୍କୁ ସାହାଯ୍ୟ କରିନଥିଲେ । ଏହା ସହିତ ମୋନାଲିସାଙ୍କ ସ୍ୱାମୀ ଫରମାନ ଖାନଙ୍କୁ ନିର୍ଦ୍ଦେଶକ ଜଣକ 'ଆତଙ୍କବାଦୀ' କହିବା ସହ ସେମାନଙ୍କ ବିବାହକୁ 'ଲଭ୍ ଜିହାଦ୍' ବୋଲି ପ୍ରଚାର କରୁଥିବା ସେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ମୋନାଲିସା ଏବଂ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକ ମିଳୁଥିବାରୁ ସେମାନେ କେନ୍ଦ୍ର ସରକାର, କେରଳ ଏବଂ ମଧ୍ୟପ୍ରଦେଶ ସରକାରଙ୍କ ପାଖରୁ ସୁରକ୍ଷା ମାଗିଛନ୍ତି । ତେବେ ପ୍ରଥମ ଫିଲ୍ମକୁ ନେଇ ଏଭଳି ବିବାଦ ଉପୁଜିଥିବାରୁ ତାଙ୍କ କ୍ୟାରିୟର ଏବେ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି ବୋଲି ଆଲୋଚନା ହେଉଛି । ସୁରକ୍ଷା ଓ ନ୍ୟାୟ ନମିଳିଲେ ଦମ୍ପତି ଆତ୍ମହତ୍ୟା କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ସୂଚନା ଅନୁସାରେ କୁମ୍ଭମେଳାରେ ଭାଇରାଲ ହେବାପରେ ମୋନାସିଲାଙ୍କୁ 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମରେ କାମ କରିବାର ସୁଯୋଗ ମିଳିଥିଲା । ଫିଲ୍ମଟି ଖୁବ ଶୀଘ୍ର ରିଲିଜ ହେବାକୁ ଥିବା ସମୟରେ ହିଁ ମୋନାଲିସା ନିଜର ମୁସଲିମ ବନ୍ଧୁଙ୍କୁ ବିବାହ କରିଥିଲେ । ଯାହାପରେ ନିର୍ଦ୍ଦେଶକ ଫିଲ୍ମର ରିଲିଜ୍‌କୁ ଘୁଞ୍ଚାଇଥିଲେ, ବର୍ତ୍ତମାନ ଫିଲ୍ମଟି ରିଲିଜ ହେବ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ।

## ଗାଇକୁ ନିୟନ୍ତ୍ରଣ କରିବ ଏଆଇ



ପଶୁପାଳନ କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ନ୍ୟୁଜିଲ୍ୟାଣ୍ଡର ଏକ କମ୍ପାନୀ ସ୍ମାର୍ଟ ଏଆଇ ନେକବ୍ୟାଣ୍ଡ ପ୍ରସ୍ତୁତ କରିଛି, ଯାହା ଗାଇମାନଙ୍କୁ ସ୍ୱୟଂଚାଳିତ ଭାବେ ନିୟନ୍ତ୍ରଣ କରିପାରିବ । ଏହି ଟେକ୍ନୋଲୋଜିରେ ଚାଷୀମାନେ ମୋବାଇଲ୍ ଆପ୍ ସାହାଯ୍ୟରେ ଏକ ଅଦୃଶ୍ୟ ବା ଭର୍ଚୁଆଲ୍ ସୀମା ନିର୍ଦ୍ଧାରଣ କରିଥାନ୍ତି । ଗାଇଟି ସେହି ସୀମା ପାଖକୁ ଗଲେ ନେକବ୍ୟାଣ୍ଡରୁ ବିପ୍ ଶବ୍ଦ ଓ ଭାଇବ୍ରେସନ୍ ସହ ଏକ ହାଲୁକା ସିଗନାଲ୍ ମିଳିଥାଏ, ଯାହା ଗାଇକୁ ନିଜେ ନିଜେ ଫେରିବାକୁ ବାଧ୍ୟ କରେ । କେବଳ ସେତିକି ନୁହେଁ, ଚାଷୀ ଜଣକ ଆପ୍‌ରେ ଥିବା କମ ବଟନ୍ ଦବାଇଲେ ସମସ୍ତ ଗାଈ ଗୋଠ ଆପେ ଆପେ କ୍ଷୀର ଦେବା ପାଇଁ ମିଲ୍କିଙ୍ଗ୍ ସେଡ୍ ଆଡ଼କୁ ଚାଲିଆସନ୍ତି । 'କାଓଗୋରିଦମ୍' ନାମକ ଏହି ବିଶେଷ ପ୍ରଯୁକ୍ତିବିଦ୍ୟା ଗାଈର ସ୍ୱାସ୍ଥ୍ୟ ଏବଂ ପ୍ରତିଟି ଗତିବିଧି ଉପରେ ନଜର ରଖିଥାଏ । ଯାହାଫଳରେ ଚାଷୀଙ୍କର ଲକ୍ଷ ଲକ୍ଷ ଟଙ୍କାର ଖର୍ଚ୍ଚ ବଞ୍ଚିବା ସହ ପାରମ୍ପରିକ ଭାବେ ଗାଇକୁ ଜଗିବାକୁ ପଡିବନାହିଁ ବୋଲି ଏହାକୁ ନିର୍ମାଣ କରିଥିବା ସଂସ୍ଥା ପ୍ରକାଶ କରିଛି ।

## ଗାଡ଼ି ନ ଚଳାଇଲେ ପୁରସ୍କାର



ପ୍ରଦୂଷଣ ରୋକିବା ପାଇଁ ଦେଶ ବିଦେଶରେ ବିଭିନ୍ନ ପ୍ରକାର ପନ୍ଥା ଆପଣା ଯାଉଛି । ସେହିଭଳି ରାସ୍ତାରେ ଗାଡ଼ି ସଂଖ୍ୟା କମାଇବା ଏବଂ ପ୍ରଦୂଷଣ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ୟୁରୋପୀୟ ଦେଶ ମାଲ୍ଟା ଏକ ନିଆରା ଯୋଜନା ଆରମ୍ଭ କରିଛି । ଯେଉଁଥିରେ ନିଜର ଡ୍ରାଇଭିଂ ଲାଇସେନ୍ସ ସରେଣ୍ଡର କଲେ ସରକାର ପ୍ରାୟ ୨୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏହି ସ୍କିମ୍ ଅଧୀନରେ ଜଣେ ବ୍ୟକ୍ତିଙ୍କୁ କ୍ରମାଗତ ୫ ବର୍ଷ ପର୍ଯ୍ୟନ୍ତ ଗାଡ଼ି ନ ଚଲାଇବାକୁ ଶପଥ ନେବାକୁ ପଡ଼ିବ ଏବଂ ଏହି ଅର୍ଥରାଶି ଏକାଥରକେ ନୁହେଁ, ବରଂ ବାର୍ଷିକ ୫.୫ ଲକ୍ଷ ଟଙ୍କା ହିସାବରେ କିସ୍ତିରେ ମିଳିବ । ତେବେ ଏହି ଯୋଜନାର ଲାଭ ଉଠାଇବା ପାଇଁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ରହିଛି, ଯେପରିକି ଆବେଦନକାରୀଙ୍କ ବୟସ ୩୦ ବର୍ଷ ବା ତା'ଠାରୁ କମ୍ ହୋଇଥିବା ଆବଶ୍ୟକ । ସେ ଅନ୍ୟୂନ ୭ ବର୍ଷ ଧରି ମାଲ୍ଟାରେ ରହୁଥିବା ଦରକାର ଏବଂ ତାଙ୍କର ଲାଇସେନ୍ସ ରେକର୍ଡ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥିବା ଜରୁରୀ । ଯଦି କେହି ଏହି ୫ ବର୍ଷ ମଧ୍ୟରେ ଗାଡ଼ି ଚଲାନ୍ତି, ତେବେ ତାଙ୍କୁ ସମସ୍ତ ଟଙ୍କା ସରକାରଙ୍କୁ ଫେରସ୍ତ କରିବାକୁ ପଡ଼ିବ ଏବଂ ୫ ବର୍ଷ ପରେ ପୁନର୍ବାର ଗାଡ଼ି ଚଲାଇବାକୁ ହେଲେ ନୂତନ ଭାବେ ଡ୍ରାଇଭିଂ ଟେଷ୍ଟ ଦେଇ ଲାଇସେନ୍ସ ହାସଲ କରିବାକୁ ହେବ । ବର୍ତ୍ତମାନ ପାଇଁ ପ୍ରତିବର୍ଷ କେବଳ ୧୦୦୦ ଲୋକଙ୍କୁ ଏହି ସୁଯୋଗ ଦିଆଯାଉଥିବା ବେଳେ ଏହା ଲୋକଙ୍କୁ ସାଧାରଣ ପରିବହନ ବ୍ୟବହାର କରିବା ପାଇଁ ଉତ୍ସାହିତ କରୁଛି ।



**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭସମାଚାର, ମାନସିକ ଅବସାଦ, ଦେବକାର୍ଯ୍ୟରେ ଆଗ୍ରହ, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟ ସୁଖ, ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା- ଶଙ୍କର ଭଗବାନ ।

**ବୃଷ:** ବ୍ୟୟ ବୃଦ୍ଧି, ଲୋକସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ,ବନ୍ଧୁଲାଭ, ଶରୀର ସୁସ୍ଥ, କିଛି କାର୍ଯ୍ୟରେ ଅସନ୍ତୁଷ୍ଟ, ସନ୍ତାନ ସମସ୍ୟା, ପାରିବାରିକ ଖୁସି, ସମ୍ପତ୍ତିଲାଭ, ବ୍ୟକ୍ତି ସହାୟତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନଲାଭ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ଶୁଭଖବର, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସମ୍ମାନିତ, ଉଚ୍ଚବ୍ୟକ୍ତିଙ୍କ ସହାୟତାରୁ ଶାନ୍ତି, ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବଜ, ସଂଖ୍ୟା- ୧୨, ଆରାଧନା- ଶ୍ରୀ ଗଣେଶ ।

**କର୍କଟ:** କର୍ମେ ଖୁସି, ମାନସିକ ଶାନ୍ତି, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ନୂତନ କର୍ମାରମ୍ଭ, ସମ୍ପତ୍ତିବିବାଦ, ବ୍ୟବସାୟିକ ଖୁସି, ପରିଭ୍ରମଣ ସୁଖ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ସିଂହ:** ଶରୀର ସୁସ୍ଥ, ମାନସିକ ଶାନ୍ତି, ସନ୍ତାନସୁଖ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ଭାତ୍ରୁଭଗ୍ନୀଙ୍କ ସ୍ନେହ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହଠାତ୍ ଦୂରାତ୍ରା, ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ଦାମ୍ପତ୍ୟ କଳହ, ନୂତନ କାର୍ଯ୍ୟାରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜିତ, ପରିବହନ କ୍ଷେତ୍ରେ ସମସ୍ୟା, ଆୟ ଭଲ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୬, ଆରାଧନା- ମା' କୋଟିଲାଇ ।

**ତୁଳା:** ଆର୍ଥିକ ସୁଖ, ଶୁଭଖବର, ସନ୍ତାନ ସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଅବସାଦ, ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ଖୁସି, ବ୍ୟକ୍ତି ସହାୟତା, ଦୂରଯାତ୍ରା, ଗୃହେ ଉତ୍ସବ, ପିତାମାତାଙ୍କ ଚିନ୍ତା, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟଲାଭ, ଆତ୍ମସନ୍ତୋଷ, ଶୁଭକାର୍ଯ୍ୟରେ ଯୋଗଦାନ, ଶତ୍ରୁସମସ୍ୟା, ଗାଡ଼ିଚାଳନାରେ ସତର୍କ, ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅବସାଦ, ଅର୍ଥପ୍ରାପ୍ତି, ସନ୍ତାନ ଖୁସି, ସମ୍ପତ୍ତି କନ୍ଦଳ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ଧନୁ:** ପିଲାଙ୍କ କଷ୍ଟ, ପାରିବାରିକ ଖୁସି, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଦୂରଯାତ୍ରା, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ମାନସିକ ଅବସାଦ, ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** କଳହଯୋଗ, ସନ୍ତାନଖୁସି, ପାରିବାରିକ ବିବାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦ୍ରବ୍ୟନଷ୍ଟ, ବ୍ୟକ୍ତି ସହାୟତା, ବିଦେଶ ଭ୍ରମଣ, ଶରୀର ସୁସ୍ଥ, କଚେରୀ ମାମଲା, ଆୟ କମ୍, ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୫, ଆରାଧନା- ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, ଶାରୀରିକ ଅସୁସ୍ଥତା, ଅର୍ଥ ସମସ୍ୟା, ସନ୍ତାନ ସମସ୍ୟା, ବିଦ୍ୟାରେ ସଫଳତା, ନୂତନ କାର୍ଯ୍ୟ ଆରମ୍ଭ, ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ଗାଈଙ୍କୁ ଖାଇବାକୁ ଦିଅନ୍ତୁ ।

**ମୀନ:** ନୂତନ ଆଶା ପୂର୍ଣ୍ଣ, ସମ୍ପତ୍ତିଲାଭ, ଭ୍ରାତୃ କଳହ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରେ ସମସ୍ୟା, ଅର୍ଥ ସମସ୍ୟା, ଶତ୍ରୁ ସମସ୍ୟା, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।

**ଚୈତ୍ର ଶୁକ୍ଳପକ୍ଷ, ଅଷ୍ଟମୀ**
**୨୬.୩.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଶ୍ରୀରାମ ମନ୍ଦିର ପରିସରରୁ

### ସାଉଣ୍ଡ ବକ୍ସ ସୁରକ୍ଷା ପାଇଁ ବ୍ୟବହୃତ ବକ୍ସ ଚୋରି, ଥାନାରେ ଏତଲା

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ୩ ନଂ ୟୁନିଟ୍ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରୁ ସାଉଣ୍ଡ ବକ୍ସ ରଖିବା ପାଇଁ ବ୍ୟବହୃତ ଏକ ବକ୍ସ ଚୋରି ହୋଇଯାଇଥିବା ନେଇ ଖାରବେଳ ନଗର ଥାନାରେ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଦେବାଶିଷ ଧଳ ନାମକ ଜଣେ ବ୍ୟକ୍ତିଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଏତଲା ଅନୁଯାୟୀ ସେମାନେ ୧୯୯୦ ମସିହାରୁ ଶ୍ରୀରାମ ମନ୍ଦିର ପରିସରରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ସତସଙ୍ଗ ଅନୁଷ୍ଠାନ କରିଆସୁଛନ୍ତି । ୨ ତାରିଖ ସକାଳ ୯ ଟା ୩୦ ମିନିଟ ସମୟରେ ସାଉଣ୍ଡ ବକ୍ସର ସୁରକ୍ଷା ଉଦ୍ଦେଶ୍ୟରେ ବ୍ୟବହୃତ ଏକ ବକ୍ସ ସେମାନେ ମୁଖ୍ୟ ମନ୍ଦିରର ହନୁମାନ ବିଗ୍ରହର ସମ୍ମୁଖରେ ରଖାଯାଇଥିଲା । ତେବେ ସନ୍ଧ୍ୟା ୫ ଟା ସମୟରେ ଦେଖିଲା ବେଳକୁ ଉକ୍ତ ବକ୍ସଟି ସେଠାରେ ନଥିଲା ଓ ଏହା ଚୋରି ହୋଇଯାଇଥିବା ଜାଣିବାକୁ ମିଳିଲା । ଶ୍ରୀରାମ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ପାଣି ଓ ମ୍ୟାନେଜର ମନୋଜ ବେହେରାଙ୍କ ଉପରେ ସନ୍ଦେହ କରି ସେମାନେ ଏହି ଏତଲା ଖାରବେଳନଗର ଥାନାରେ ଦେବା ସହ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଆଇଆଇସି ଅନୁରୋଧ କରିଛନ୍ତି ।

## ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ନିମନ୍ତେ

# ଜିଲ୍ଲାପାଳଙ୍କ ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ବିସ୍ତୃତ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକର ଅଗ୍ନି ନିରାପତ୍ତା ଭିତ୍ତିଭୂମି ନିମନ୍ତେ ନିରୀକ୍ଷଣ, ଆବଶ୍ୟକ ଏଷ୍ଟିମେଟ ଏବଂ ସମୟସୀମା ମଧ୍ୟରେ ଶେଷ କରିବାକୁ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ହସ୍ପିଟାଲରେ ଅଗ୍ନି ନିରୋଧ ଓ ନିର୍ବାପନ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରାଯାଉଛି ।ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ମକ୍ ଡ୍ରିଲ, ନିୟମିତ ଯାଞ୍ଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ



କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମାନଙ୍କରେ ଏସବୁକୁ ଗୁରୁତ୍ୱର ସହ ପାଳନ ନିମନ୍ତେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମୀକ୍ଷା ବେଳେ ମନ୍ତ୍ରୀ ରୋଗୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ଅଗ୍ନି ସୁରକ୍ଷା ଯାଞ୍ଚ କରାଯିବ । ସମସ୍ତ ଅଗ୍ନି ନିରାପତ୍ତା ଉପକରଣ ବ୍ୟବହାର ଯୋଗ୍ୟ ରହିବା ଆବଶ୍ୟକ, ନିୟମିତ ଭାବେ ଫାୟାର ସେଫ୍ଟି ଅଡିଟ ଓ ମକ୍ ଡ୍ରିଲ୍ ଆୟୋଜନ କରାଯିବ । ଏହାସହ ଫାୟାର ସର୍ଭିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ , ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ , ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ. , କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସା ଅଧିକାରୀ, ଅଗ୍ନିଶମ ଅଧିକାରୀ, ମେଡିକାଲ କଲେଜର ଅଧ୍ୟକ୍ଷ, ସୁପରିଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ : ରାସ୍ତାରୋକ

ତିହିଡି, (ସବ୍ୟୁ) :ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡି ଥାନା ଅଧୀନ କୋହ୍ଲ ବଜାରରେ ବୁଧବାର ମଧ୍ୟାହ୍ନରେ ଉତ୍ତ୍ୟକ୍ତ ଲୋକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ମଙ୍ଗଳବାର ଅପରାହ୍ନରେ କୋହ୍ଲ ପଞ୍ଚାୟତ ଅଧୀନ ଓରଡ଼ା ଗ୍ରାମର ଆଦିତ୍ୟ ମହାଲିକ (୩୮)ନାମକ ଜଣେ ଯୁବକଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟଣାର ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି । କୋହ୍ଲ ବଜାରରେ ହମ୍ପସ ନିର୍ମାଣ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଅପରାହ୍ନରେ ଆଦିତ୍ୟ ତାଙ୍କ ଘରୁ କୋହ୍ଲ ଗ୍ରାମକୁ ଯାଉଥିବା ବେଳେ କୋହ୍ଲ ବଜାର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ଆଦିତ୍ୟ ଗୁରୁତର ଆହତ ହୋଇଥିଲେ ୫ ତାଙ୍କୁ ତିହିଡି ଡାକ୍ତରଖାନାରେ ଚିକିତ୍ସା କରାଯାଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରା ଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା ୫ ଆଦିତ୍ୟ ମଙ୍ଗଳପୁର ସମବାୟ ସମିତିର ପରିଚାଳନା କମିଟି ସଦସ୍ୟ ଥିଲେ ୫ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥୁଲା । ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପୂର୍ବରୁ ରାସ୍ତା ଅବରୋଧ କରାଯାଇଛି । ତିହିଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ ମଧ୍ୟ ଅବରୋଧ ଅବ୍ୟାହତ ରହିଥିଲା । ପରେ ପ୍ରଶାସନିକ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ହମ୍ପସ ନିର୍ମାଣ ସହ ତାଙ୍କ ପରିବାର ଥଇଥାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

## ବେଆଇନ ବ୍ଲାଷ୍ଟିଂକୁ ବିରୋଧ : ପୁଲିସ-ଗ୍ରାମବାସୀ ମୁହାଁମୁହିଁ

କୁହୁଡି/ଟାଙ୍ଗି, (ସବ୍ୟୁ): ବେଆଇନ ବ୍ଲାଷ୍ଟିଂକୁ ବିରୋଧ କରିବାରୁ ଟାଙ୍ଗୀ ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳ ବାର ସକାଳେ ଉଠାଇ ଆଣିଥିଲା । ସେହି ବ୍ୟକ୍ତିଙ୍କୁ ଛାଡ଼ିବା ପାଇଁ ମଙ୍ଗଳବାର ଅପରାହ୍ନରେ ପ୍ରାୟ ୩୦/୪୦ ମହିଳା ଓ ପୁରୁଷ ଟାଙ୍ଗୀ ଥାନାରେ ରୁଣ୍ଡ ହୋଇଥିଲେ । ଜନତାଙ୍କ ଅଶୋଭନୀୟ ଆଚରଣ-ଉଚ୍ଚାରଣ ଯୋଗୁଁ ପରିସ୍ଥିତି ଉତ୍ତେଜନା ହୋଇଥିଲା । ଉତ୍ୟକ୍ତ ଜନତାଙ୍କୁ ଥାନା ପରିସରରୁ ଘଉଡାଇବା ପାଇଁ ପୋଲିସ କଠୋର ପଦକ୍ଷେପ ଗ୍ରହଣ କରିବାରୁ ଉତ୍ୟକ୍ତ ଜନତା ଉତ୍ତେଜିତ ହୋଇ ପୋଲିସ ଉପରକୁ ଟେଙ୍କା-ପଥର ମାଡ଼ କରିଥିଲେ । ପୁଲିସର ଲାଠି ମାଡ଼ରେ ୧୦ରୁ ଅଧିକ ମହିଳା ଆହତ ହୋଇଥିଲେ । ଆହତ ମହିଳାମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏହି ଲାଠି ମାଡରେ କିଛି ପୁରୁଷ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ପୁଲିସ ମଧ୍ୟ ଉତ୍ୟକ୍ତ ଲୋକଙ୍କ ଅର୍ନଗଳ ପଥରମାଡ଼ ଶିକାର ହୋଇଥିବା ବେଳେ ଖୋଦ ଆଇଆଇସି ଆର କେ ମହାକୁଡ, ହୋମଗାର୍ଡ ରାଜେନ୍ଦ୍ର ବିଶ୍ୱାଳ ଆହତ ହୋଇଥିବା ଜଣାପଡିଛି। ଘଟଣା ଏକାଧିକ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତକୁ ପୋଲିସ ଆଜି ଉଠାଇ ଆଣିବା ଘଟଣାକୁ ନେଇ ପୋଲିସ-ଜନତା ବିବାଦ ସୃଷ୍ଟି ହୋଇଛି ।



ସ୍ଥଳରେ ପୋଲିସ ଛାଉଣୀ ହୋଇଛନ୍ତି । ଅନ୍ୟପଟରେ ଟାଙ୍ଗୀ ଥାନା କୁହୁଡ଼ି ଫାଣ୍ଡି ଇଲାକାରେ ଥିବା ଏକ କଳା ମୁଗୁନି ପଥର ଖଣି ଘଟଣାକୁ ନେଇ କିଛି ଦିନ ଧରି ଆଡିଆପଡା ଗାଁରେ ବିବାଦ ସୃଷ୍ଟି ହୋଇଥିଲା । ଏହି ଘଟଣାରେ ଟାଙ୍ଗୀ ଥାନାରେ ଉଭୟ ପକ୍ଷର ଆହାତମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଆକ୍ରମଣ କରିଥିବା ଜନତାଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ବାଲୁଗାଁ ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଦୋକାନରୁ ଚୋରି

ସାକ୍ଷୀଗୋପାଳ ,(ସବ୍ୟୁ): ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ଥିବା ମିଥୁନ ସାହୁଙ୍କର ମହାଲକ୍ଷ୍ମୀ ଭେରାଇଟି ଷ୍ଟୋରରୁ ବିଳମ୍ବିତ ରାତ୍ରିରେ ଚୋରି ହୋଇଯାଇଛି । ଚୋରମାନେ ଦୋକାନ କବାଟ ତାଲା କାଟିକରି ଦୋକାନ ମଧ୍ୟରେ ପ୍ରବେଶ କରିଥିଲେ । ନଗଦ ୪୨୦୦ ଟଙ୍କା, ସିଗାରେଟ ସାଉଣ୍ଡ ବକ୍ସ, ମୋବାଇଲ ଚାର୍ଜର, ପାନ ମସଲା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି । ଚୋରି ସାମଗ୍ରୀ ୩୦ହଜାର ଟଙ୍କାର ବୋଲି ଦୋକାନୀ ଶ୍ରୀଯୁକ୍ତ ସାହୁ ପ୍ରକାଶ କରିଥିଲେ । ସତ୍ୟବାଦୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ ।ଖୁବ ଶୀଘ୍ର ଚୋର ମାନଙ୍କୁ ଗିରଫ କରାଯିବ ବୋଲି ସତ୍ୟବାଦୀ ଆଇ ଆଇ ସି ସୌମ୍ୟରଞ୍ଜନ ମହାଳିକ ପ୍ରକାଶ କରିଛନ୍ତି ।

## ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲି ପଦବି ପୂରଣ ମାମଲା

# ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

କଟକ, (ସବ୍ୟୁ) : ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ ପାଇଁ ପ୍ରାର୍ଥନା କରି ରୁଜୁ ମାମଲାରେ ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ହୋଇଥିଲା । ସରକାରୀ ଓକିଲ ଦର୍ଶାଇଥିଲେ ଯେ, ଉକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ବିଷୟ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି ଏବଂ କୁଳପତି ନିଯୁକ୍ତି ହେଲା ପରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ । ଏତେ ସମୟ ଧରି ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଇ ନ ଥିବାରୁ ଚିନ୍ତାପ୍ରକଟ କରିବା ସହିତ ଖଣ୍ଡପୀଠ ଏହି ମାମଲାରେ ଦୁଇସପ୍ତାହ ମଧ୍ୟରେ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଯାଇଛି । ଆବେଦନକାରୀ ଆଇନଜୀବୀ ଶ୍ରୀ ଦାସ ମାମଲାରେ ଦର୍ଶାଇଛନ୍ତି ଯେ ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷା ବର୍ଷ ୨୦୨୩ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିଲା । ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ, ଭାଷା ବିଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣା, ଅଧ୍ୟୟନ ଏବଂ ଜ୍ଞାନର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଥିବା କୁହାଯାଇଥିଲାନ୍ତ କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ଏପର୍ଯ୍ୟନ୍ତ ମଞ୍ଜୁରିପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର ଓ ୧୨ଟି ସହକାରୀ ପ୍ରଫେସର ପଦ ପୂରଣ କରାଯାଇ ନାହିଁ । ଅତିଥି ଶିକ୍ଷକ ଓ ଅବସରପ୍ରାପ୍ତ ପ୍ରଫେସରଙ୍କ ହାତରେ ଶିକ୍ଷାଦାନ ଦାୟିତ୍ୱ ରହିଛି । ଏହାଦ୍ୱାରା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି । ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ଯେଉଁ ଆଶା ନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଆସୁଛନ୍ତି ତାହା ପୂରଣ ହେଉ ନାହିଁ । ୨୦୨୫ ମାର୍ଚ୍ଚ ୧୮ରେ ଆବେଦନକାରୀଙ୍କ ତରଫରୁ ଏହି ସବୁ ପଦ ପୂରଣ ପ୍ରସଙ୍ଗ ନେଇ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆବେଦନକାରୀଙ୍କ ସ୍ମାରକପତ୍ରକୁ କୁଳାଧିପତିଙ୍କ କାର୍ଯ୍ୟାଳୟ ତରଫରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବା ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲାନ୍ତ କିନ୍ତୁ ଏହାପରେ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷା ବିଭାଗ ତରଫରୁ ଗ୍ରହଣ କରାଯାଇ ନାହିଁ । ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ କରିବାକୁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି ।

## ବାଇକ୍ ଚାଳକକୁ ଚାପି ଦେଲା ହାଇୱା

କୁହୁଡ଼ି, (ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୟଥପଲ୍ଲୀ



ଛକ ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । କଳା ମୁଗୁନି ପଥର ବୋଝେଇ ହାଇଓ୍ୱା ଟ୍ରକ ଚକା ତଳେ ବାଇକ ଚାଳକର ଜୀବନ ଯାଇଛି । ମୃତ ବାଇକ ଚାଳକ ଜଣକ ଖୋର୍ଦ୍ଧା ଜିଲ୍ଲା ବାଣପୁର ନିକଟସ୍ଥ ବିଂଝଳା ଗ୍ରାମର ଶଙ୍କର ବରାଳ ବୋଲି ଜଣାପଡିଛି । ଦ୍ରୁତ ଗତିରେ ଓ ବେପାରୁଆ ଭାବେ ଗାଡ଼ି ଚାଳନା କରି କଳା ମୁଗୁନି ପଥର ବୋଝେଇ ହାଇୱା ଟ୍ରକଟି ବାଇକକୁ ଧକ୍କା ଦେଇ ବାଇକ ଉପରେ ଚଢ଼ି ଯାଇଥିଲା । ମୁଗୁନି ପଥର ବୋଝେଇ ହାଇୱା ଟ୍ରକ ଚକା ତଳେ ପଡି ବାଇକ ଚାଳକର ମୃତ୍ୟୁ ହୋଇଛି । ଟାଙ୍ଗୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରୁଛି ।

## ଓଏଚ୍ଆର୍ସି ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ମାମଲା, ଖୁବଶୀଘ୍ର ନିଆଯିବ ନିଷ୍ପତ୍ତି

କଟକ, (ସବ୍ୟୁ ) : ରାଜ୍ୟ ମାନବାଧିକାର କମିସନ (ଓଏଚ୍ଆର୍ସି)ରେ ଅଧ୍ୟକ୍ଷ ପଦ ସମେତ ସଦସ୍ୟ ଏବଂ ଅନ୍ୟାନ୍ୟ ବହୁ ପଦ ଖାଲି ପଡ଼ିଥିବାରୁ ଏହାକୁ ପୂରଣ ପାଇଁ ଓଡ଼ିଶା ହାଇକୋର୍ଟରେ ରୁଜୁ ମାମଲାରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଶାଶ୍ୱତ ଦାସ ଜଣାଇଥିଲେ ଯେ ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିର ବୈଠକ ମାର୍ଚ୍ଚ ୨୩ରେ ଅନୁଷ୍ଠିତ ହୋଇ ପଦକ୍ଷେପ ନିଆଯାଇଛି ଏବଂ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ । ଏହାକୁ ବିଚାରକୁ ନେଇ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ.ଏସ ରମଣଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରିଛନ୍ତି । ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ମାମଲାରେ ଦର୍ଶାଇନ୍ତି ଯେ, ଗତ ଫେବୃଆରୀ ୯ ତାରିଖରୁ ଓଏଚ୍ଆରସିର ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ପଡ଼ିଛି । ଏବେ କେବଳ ଜଣେ ସଦସ୍ୟଙ୍କୁ ନେଇ କମିସନ କାର୍ଯ୍ୟ କରୁଛିନ୍ତ ତେଣୁ ତୁରନ୍ତ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରିବା ସହିତ ଏବେ କାର୍ଯ୍ୟରତ ଏକମାତ୍ର ସଦସ୍ୟଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ସେ ପ୍ରାର୍ଥନା କରିଛନ୍ତି । ପୁନଶ୍ଚ ଓଏଚ୍ଆରସିର ପୂର୍ବତନ ସଚିବ ୨୦୨୩ ଅଗଷ୍ଟ ୩୧ରେ ଏବଂ ପୂର୍ବତନ ତଦନ୍ତ ନିର୍ଦ୍ଦେଶକ ୨୦୨୪ ମେଦ ୫ ତାରିଖରେ ଅବସର ନେଇଥିବାରୁ ଏହି ପଦ ମଧ୍ୟ ପୂରଣ କରାଯାଇ ନାହିଁ । ଏହି ଦୁଇ ପଦ ପୂରଣ ଲାଗି ଆବେଦନକାରୀ ପ୍ରାର୍ଥନା କରିଥିଲେ । ସେହିପରି କମିସନରେ କର୍ମଚାରୀଙ୍କ ପାଇଁ ଉଦିଷ୍ଟ ଅନୁମୋଦିତ ପଦରୁ ୨୭ଟି ପଦ ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ପ୍ରାର୍ଥନା କରାଯାଇଥିଲା । ଆବେଦନକାରୀ ଆହୁରି ଦର୍ଶାଇଛନ୍ତି ଯେ, କମିସନରେ ବର୍ତ୍ତମାନ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ମାମଲା ଶୁଣାଣି ପାଇଁ ପଡ଼ିରହିଛି । କର୍ମଚାରୀଙ୍କ ଅଭାବରୁ ମାମଲା ସମାଧାନ ହୋଇ ନ ପାରିବା ଫଳରେ ସାଧାରଣ ଲୋକେ ଓଏଚ୍ଆରସିରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନ୍ୟାୟ ପାଇପାରୁ ନାହାନ୍ତି ।

## ମେଗା ଟ୍ରେଡ୍ ଫେୟାର ୨୭ରେ

ଭୁବନେଶ୍ୱର,(ସବ୍ୟୁ) : ଜି.ଏସ୍. ମାର୍କେଟିଂ ଆସୋସିଏସଟ୍ସ ଏବଂ ଓଡ଼ିଶା ଡେଭଲପର୍ସ ଫେଡେରେସନ୍ (ଓଡିଫେଡ଼) ପକ୍ଷରୁ ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ୍ ଫେୟାର ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ, ଭୁବନେଶ୍ୱରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ପ୍ରଦର୍ଶନୀ ମାର୍ଚ୍ଚ ୨୭ ରୁ ଏପ୍ରିଲ ୪, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ୟୁନିଟ୍-୩ ର ଇଡକୋ (ଇଡକୋ) ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପ୍ରଦର୍ଶନୀକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ୨୭ ତାରିଖରେ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ବିଧାୟକ, ବିଜେପି ନେତା ଇଂ ଜଗନ୍ନାଥ ପ୍ରଧାନ, ବିଏମ୍ସି କମିଶନର ଚଞ୍ଚଳ ରାଣା ଯୋଗଦେବେ ।




## କନ୍ଧମାଳରେ ଅସ୍ତ୍ରଶସ୍ତ୍ର ସହ ମାଓ ନେତା ଶୁକ୍ରୁ ଓ ଅନ୍ୟ ୪ ମାଓବାଦୀଙ୍କ ଆତ୍ମସମର୍ପଣ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା ପୋଲିସ୍ ନିକଟରେ ଏକେ-୪୭ ବନ୍ଧୁକ ଛାଡି ନିଜର ଆଉ ୪ ଜଣ ସହଯୋଗୀଙ୍କ ସହ ଆତ୍ମସମର୍ପଣ କରିଛନ୍ତି ଦୁର୍ଦ୍ଦାନ୍ତ ମାଓ ନେତା ଶୁକ୍ରୁ(୪୯) । ତାର ଘର ମାଲକାନଗିରି ଜିଲ୍ଲା କୁରୁବରେ ଏବଂ ତା ମୁଣ୍ଡରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା । ବୁଧବାର ଫୁଲବାଣୀ ସ୍ଥିତ ମାଦିକୁନ୍ଦା ରିଜର୍ଭ ପୋଲିସ ପଡିଆରେ ଆନୁଷ୍ଠାନିକ ଭାବେ ଏହି ସୁଚନା ଦେଇଛନ୍ତି । ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ଆଣ୍ଟି ନକ୍ସଲ ଅଭିଯାନର ମୁଖ୍ୟ ସଞ୍ଜୀବ ପଣ୍ଡା । ଅନ୍ୟ ପକ୍ଷରେ ଆଜି ଜିଲ୍ଲାରେ ସକ୍ରିୟ ଥିବା ଅବଶିଷ୍ଟ ୮ ରୁ ୯ ଜଣ ମାଓବାଦୀଙ୍କୁ ଧରିବା ପାଇଁ ଦାରିଙ୍ଗବାଡ଼ି ଜଙ୍ଗଲରେ ଜବାନ୍ ମାନେ କୁମ୍ବିଂ ଅପରେସନ ଚଳାଇଥିବା ବେଳେ ମାଓବାଦୀଙ୍କ ସହିତ ମୁହାଁମୁହିଁ ହେବା ଫଳରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା । ଏଥିରେ ଜଣେ ଏସ୍ଓଜି ଜବାନ୍ ଗୁରୁତର ଭାବରେ ଆହତ ହୋଇଥିବା ନେଇ ମଧ୍ୟ



ସୁଚନା ଦେଇଛନ୍ତି ସଞ୍ଜୀବ ପଣ୍ଡା । ଆହତ ଜବାନଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ହେଲେ ଆଜି ଶୁକ୍ରୁ ଗତ ସହିତ ଆତ୍ମ ସମର୍ପଣ କରିଥିବା ଆଉ ଚାରି ଜଣ ମାଓବାଦୀଙ୍କ ମଧ୍ୟରେ ପାର୍ଟି ମେମ୍ବର ସଞ୍ଜୟ ରାଓ୍ୱା (୨୮) ତା ଘର ଛତିଶଗଡର ଢେଲାମାରେ । ସେ ଗତ ୨୦୧୭ ମସିହାରେ ସଂଗଠନରେ ଯୋଗ ଦେଇଥିଲା । ତା ମୁଣ୍ଡରେ ୨ ଲକ୍ଷ ୭୫ ହଜାର ଟଙ୍କା ର ପୁରସ୍କାର ରାଶି ଘୋଷଣା ହୋଇଥିଲା । ଅନ୍ୟ ଜଣେ ରୋନି ପଟାମୀ(୨୬) ଘର ଛତିଶଗଡର ପୁମ୍ବାଡା ତା ମୁଣ୍ଡରେ ୨ ଲକ୍ଷ ୭୫ ହଜାର ଟଙ୍କାର ପୁରସ୍କାର ରାଶି, କୁନି ମାଝୀ (୨୬)ଘର କଳାହାଣ୍ଡି ଜିଲ୍ଲା ପାଞ୍ଚକୁରେ ଏବଂ ତା ମୁଣ୍ଡରେ ୨ ଲକ୍ଷ ୭୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ବେଳେ ଛତିଶଗଡ ମାଙ୍କିଲର ବନିଲା କୃଶମ(୨୫) ତା ମୁଣ୍ଡରେ ମଧ୍ୟ ୨ ଲକ୍ଷ ୭୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା । ଏହିମାନେ ସମୁଦାୟ ୮୨ ଲକ୍ଷ ୯୬ ହଜାର ୬୮୫ ଟଙ୍କା ପାଇବେ ବୋଲି ସେ ସୁଚନା ଦେଇଛନ୍ତି । ତେବେ ପୋଲିସ୍ର ଲଗାତାର କୁମ୍ବିଂ ଅପରେସନ ଓ ଏନକାଉଣ୍ଟର, ସଂଗଠନରେ ନେତୃତ୍ୱର ଅଭାବ ଯୋଗୁଁ ମାଓବାଦୀମାନେ ନିଜକୁ ଅସୁରକ୍ଷିତ ମନେ କରିବା ଏବଂ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ତଥା ମାଓ ଆତ୍ମସମର୍ପଣ ପରେ ଆକର୍ଷଣୀୟ ଥଇଥାନ ଯୋଜନାର ଲାଭ ନେବା ପାଇଁ ମାଓବାଦୀ ମାନେ ଆତ୍ମ ସମର୍ପଣ କରିଥିବା ସେ କହିଛନ୍ତି । ଆଜି ଏହି ଅବସରରେ ଆଇଜି ଦଲିପ ଅମରେଶ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଡିଆଇଜି ଅଖିଳେଶ ସିଂ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, କନ୍ଧମାଳ ଏସପି ହରିଶ ବିଶି ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦଙ୍କ ସମେତ ବିଏସଏଫ, ସିଆରପିଏଫ୍, ଏସ୍ଓଜିର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଧାରିତ ସମୟରେ କନ୍ଧମାଳ ଜିଲ୍ଲା ମାଓ ମୁକ୍ତ ଜିଲ୍ଲା ଘୋଷଣା ହେବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହ ପ୍ରସ୍ତୁତି ମଧ୍ୟ ହୋଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## 'ଯକ୍ଷ୍ମା ମୁକ୍ତ' ଓଡ଼ିଶା ଅଭିଯାନ ତ୍ୱରାନ୍ୱିତ

# ଚିକିତ୍ସକ ଏବଂ ସ୍ୱାସ୍ଥ୍ୟକର୍ମୀ ସମ୍ମାନିତ

ଭୁବନେଶ୍ୱର,(ସବ୍ୟୁ) : ଓଡ଼ିଶାରୁ ଯକ୍ଷ୍ମା ନିରାକରଣର ଲକ୍ଷ୍ୟ ହାସଲ ଦିଗରେ ସମ୍ମିଳିତ ଉଦ୍ୟମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ସହଯୋଗ' ପକ୍ଷରୁ ବୁଧବାର ରାଜଧାନୀରେ ଏକ ଉଚ୍ଚସ୍ତରୀୟ ପରାମର୍ଶ ଶିବିର ଏବଂ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ ସେବକଙ୍କୁ "ସେବା ସମ୍ମାନ" ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ରାଜ୍ୟ ଯକ୍ଷ୍ମା ଅଧିକାରୀ ଡାକ୍ତର ଅର୍ଘ୍ୟ ପ୍ରଧାନ ଯକ୍ଷ୍ମା ନିର୍ମୂଳ କରିବା ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଏହି ବୈଷୟିକ ଆଲୋଚନାଚକ୍ରରେ ରାଜ୍ୟ ଯକ୍ଷ୍ମା ପ୍ରଶିକ୍ଷଣ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ସଞ୍ଜିତ ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ପ୍ରଫେସର ଡାକ୍ତର ସୁଦର୍ଶନ ପୋଥାଳ, ପ୍ରଫେସର ଡାକ୍ତର ବନାନୀ ଜେନା ଏବଂ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତୁଷାରକାନ୍ତି ରାୟ



ପ୍ରମୁଖ ଯୋଗ ଦେଇ ଡ୍ରଗ୍-ରେଜିଷ୍ଟାଣ୍ଟ ଟିବିର ପରିଚାଳନା ଏବଂ ସାମାଜିକ କଳଙ୍କକୁ ଦୂର କରିବା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଯକ୍ଷ୍ମା ନିରାକରଣ ପାଇଁ ସଫଳ ଉଦ୍ୟମ ଏବଂ ମାନବୀୟ ଚିକିତ୍ସା ପାଇଁ : ପ୍ରଫେସର ଡାକ୍ତର ଥିଙ୍ଗା ମହାନ୍ତି, ପ୍ରଫେସର ଡାକ୍ତର ସୁଦର୍ଶନ ପୋଥାଳ ଏବଂ ପ୍ରାଇଭେଟ ହସପିଟାଲ ରୁ ପ୍ରଫେସର ଡାକ୍ତର ବନାନୀ ଜେନା ସମ୍ମାନିତ ହୋଇଥିଲେ । ପରିଶେଷରେ 'ସହଯୋଗ'ର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ବୋଲଗଡ ପୁଲିସ ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱ କୁସପଲ୍ଲା ଗ୍ରାମ ନିକଟସ୍ଥ ଫାସିଓଦା ଅଂଚଳରେ ଚଢଉ କରି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ପୁଲିସ ଗିରଫ କରିଛି।



ଗିରଫ ଦ୍ୱୟ ହେଲେ ବୌଦ୍ଧ ପୁରୁଣା କଟକ ଚାରିଛକର ବାଲ୍ମିକୀ ନାୟକ (୧୯) ଓ ଶ୍ରବଣ ନାୟକ (୧୯)। ତାଙ୍କ ଠାରୁ ୨୬ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ଏହାର ମୂଲ୍ୟ ପ୍ରାୟ ୨୬ ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି। ବାଲ୍ମିକୀ ଓ ଶ୍ରବଣ ଏକ ବସ ଯୋଗେ ବୌଦ୍ଧରୁ ଗଞ୍ଜେଇ ଧରି ଆସିଥିଲେ। ନିର୍ଭରଯୋଗ୍ୟ ସୂତ୍ରରୁ ପୁଲିସ ଖବର ପାଇ ସେମାନଙ୍କୁ ଧରିବାକୁ ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସଆଇ ଆଶାମାରିଆ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ସେମାନେ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ମଙ୍ଗଳବାର ଅପରାହ୍ନ ୩.୫୦ମି ସମୟରେ ଚଢଉ କରି ଦୁଇଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଏକ ଜରିବସ୍ତାରେ ବନ୍ଧା ହୋଇଥିବା ୨୬କେଜି ଗଞ୍ଜେଇକୁ ପୁଲିସ ଜବତ କରିଥିଲା। ବୌଦ୍ଧରୁ ବୋଲଗଡକୁ ଆସୁଥିବା ସେମାନେ ସ୍ୱୀକାର କରିଥିଲେ। ଏଠାରେ ଜଣେ ଗ୍ରାହକଙ୍କୁ ଦେବା ପରେ ସେମାନେ ଏଠାରୁ ଅନ୍ୟସ୍ଥାନକୁ ଚାଲାଣ କରୁଥିବା ପୁଲିସ ଜାଣିବାକୁ ପାଇଛି। ଏସ୍ଆଇ ଡୁଙ୍ଗଡୁଙ୍ଗଙ୍କ ଅଭିଯୋଗ କ୍ରମେ ପୁଲିସ ୧୨୧/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

## ବିଜୁ ଜନତା ଦଳରେ ଯୋଗ ଦେଲେ

# ରଘୁନାଥ ମହାନ୍ତି ଓ ଜୀବନ ପ୍ରଦୀପ ଦାସ

ଭୁବନେଶ୍ୱର, (ସବ୍ୟୁ) : ବୁଧବାର ବାଲେଶ୍ୱର ଜିଲ୍ଲାର ଦୁଇ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଉଭୟ ଶ୍ରୀ ମହାନ୍ତି ଓ ଶ୍ରୀ ଦାସଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରି ନବୀନ ପଟ୍ଟନାୟକ କହିଥିଲେ ଯେ ଏ ଦୁଇ ନେତାଙ୍କ ଯୋଗଦାନ ଦ୍ୱାରା ବିଜେଡି ବାଲେଶ୍ୱର ଜିଲ୍ଲାରେ ଆହୁରି ମଜଭୁତ ହେବ। ଜିଲ୍ଲାରେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ଶ୍ରୀ ପଟ୍ଟନାୟକ ଉଭୟଙ୍କୁ ପରାମର୍ଶ ଦେଇଥିଲେ। ବିଜେଡିରେ ସେମାନଙ୍କୁ ଗ୍ରହଣ କରିଥିବାରୁ ଶ୍ରୀ ମହାନ୍ତି ଓ ଶ୍ରୀ ଦାସ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାର ଆଠ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେମାନେ କାମ କରିବେ ବୋଲି ଘୋଷଣା କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡି ଉପ ସଭାପତି ତଥା



ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ଅରୁଣ ସାହୁ, ମାଧବ ଧଡା, ଗୌତମ ବୁଦ୍ଧ ଦାସ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ରଙ୍କ ସମେତ ଜିଲ୍ଲାର ବିଜେଡି ନେତୃବୃନ୍ଦ ଓ ଶହ ଶହ କର୍ମୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ରଘୁନାଥ ମହାନ୍ତି ପୂର୍ବରୁ ବିଜେଡି ସରକାରରେ ଦୀର୍ଘ ଦିନ ଧରି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ନିକଟରେ ବିଜେପିରୁ ଇସ୍ତଫା ଦେଇଥିଲେ।

# ଅବୈଧ ଏଲ୍‌ପିଜି ରିଫିଲିଂ ରାକେଟର ପର୍ଦ୍ଦାଫାସ୍, ଜଣେ ଗିରଫ

କଟକ, (ସବ୍ୟୁ) : ଚାଲିଥିଲା ଘରୋଇ ଗ୍ୟାସ୍ ରିଫିଲିଂର ଅବୈଧ କାରବାର। ନିଜେ ଏକ ଗ୍ୟାସ ଏଜେନ୍ସୀର ଯୋଗାଣ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲାବେଳେ ଲୋଭ ସମ୍ବରଣ କରି ନ ପାରି ଆରମ୍ଭ କରିଦେଇଥିଲା ଡୁପ୍ଲିକେଟ କାରବାର । ହେଲେ ପୁଲିସ ନଜରକୁ ଆସିଥିଲା ଏହି ଘଟଣା। ବିଡାନାସି ଥାନା ଅଞ୍ଚଳରେ ଏହି ଅବୈଧ ଭାବେ ସିଲିଣ୍ଡର ଏଲପିଜି ରିଫିଲିଂ ଓ ମିଶ୍ରଣ କାରବାର ଚାଲୁଥିବା ଘଟଣା ଜାଣି ଏହାର ପର୍ଦ୍ଦାଫାସ୍ କରିଛି ସ୍ଥାନୀୟ ପୋଲିସ୍। ପୋଲିସ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିର ନାମ ଧ୍ରୁବ ଚରଣ ବେହେରା (୪୫)। ପ୍ରାପ୍ତ ସୂଚନା ଅନୁସାରେ, ମାର୍ଚ୍ଚ ୨୪ ତାରିଖରେ ବିଡାନାସି ଥାନାରେ ଏକ ମାମଲା ରେଜିଷ୍ଟର୍ ହୋଇଥିଲା। ବିଶେଷ ସୂଚନା ଆଧାରରେ ପୋଲିସ ଦଳ ରାଧାକିଶୋରପୁର, ମଙ୍ଗଳା ମନ୍ଦିର ବସ୍ତିରେ ଚଢାଉ କରିଥଲେ।



ସେଠାରେ ଧ୍ରୁବ ନାମକ ବ୍ୟକ୍ତି ଅବୈଧ ଭାବେ ଏଲପିଜି ସିଲିଣ୍ଡର ରିଫିଲିଂ କରୁଥିବା ବେଳେ ଧରାପଡ଼ିଥିଲେ। ଅଭିଯୁକ୍ତ ଘରୋଇ ସିଲିଣ୍ଡରକୁ ତତେଇ ଓ ପାଇପ୍ ମାଧ୍ୟମରେ ଗ୍ୟାସ୍ ଟ୍ରାନ୍ସଫର କରି ଅନ୍ୟ ସିଲିଣ୍ଡରକୁ ଭର୍ତ୍ତି କରୁଥିଲେ। ପରେ ଏହି ସିଲିଣ୍ଡରକୁ ସିଲ୍ କରି ବିକ୍ରି କରୁଥିଲେ। ଏହି କାରବାର ଏକ ରେସିଡେନ୍ସିଆଲ୍ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବିନା ଚାଲୁଥିବାରୁ ଭୟାବହ ଅଗ୍ନିକାଣ୍ଡ ଓ ବିସ୍ଫୋରଣର ଆଶଙ୍କା ଥିଲା। ପୋଲିସ ପଚରାଉଚରାରେ ଅଭିଯୁକ୍ତ ଗ୍ୟାସ୍ ସିଲିଣ୍ଡରରେ ପାଣି ମିଶାଇ ଲୋକମାନଙ୍କୁ ବିକ୍ରି କରୁଥିବାକୁ ସ୍ୱୀକାର କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ପୋଲିସ ଗୋଟିଏ ଟିଭିଏସ ମୋପେଡ୍ ଲୁନା, ୧୦ଟି ଘରୋଇ ଗ୍ୟାସ୍ ସିଲିଣ୍ଡର, ନଗଦ ୨୩,୧୦୦ ଟଙ୍କା, ମୋବାଇଲ୍ ଫୋନ୍, ଗ୍ୟାସ୍ ଚୁଲା, ପାଇପ୍, ଲିକେଜ୍ ମେସିନ୍ ସହିତ ଅନେକ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତଙ୍କ ପାଖରେ କୌଣସି ବୈଧ ଲାଇସେନ୍ସ ନଥିବା ବେଳେ, ସେ ଗୋଟିଏ ଗ୍ୟାସ୍ ଏଜେନ୍ସିର ଡିଲିଭେରୀ କର୍ମଚାରୀ ଥିବା ସୂଚନା ମିଳିଛି। ଅର୍ଥଲାଭ ପାଇଁ ସେ ଏହି ଅବୈଧ କାରବାର କରୁଥିବା ତଦନ୍ତରୁ ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ, ତାଙ୍କୁ କୋର୍ଟ ଚାଲାଣ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ୍ ସୂତ୍ରରୁ ପ୍ରକାଶ।

## ପତରପଡା ଆଶ୍ରମ ସ୍କୁଲ ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ପତରପଡା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଭଲ ମଣିଷ କରି ଗଢିବା କେବଳ ଶିକ୍ଷକଙ୍କ ଦାୟିତ୍ୱ ନୁହେଁ, ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଡ଼ଃ. ସୁମନ୍ତ ନାଏକ ଯୋଗଦେଇ ବର୍ଣ୍ଣବୋଧ ଏବେବି କିପରି ପ୍ରାସଙ୍ଗିକ ସେ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ ।

## ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ

# ମହାଗୌରୀ ବେଶରେ ଦର୍ଶନ ଦେଲେ ମା'

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା ଜାଗୁଲାଇଙ୍କ ଶକ୍ତିପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଅଷ୍ଟମୀ ତିଥିରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମା ଙ୍କୁ ମହାସ୍ନାନ ପରେ ଚିତ୍ରକର ବିଜୟ ପଣ୍ଡାଙ୍କ ଦ୍ୱାରା ମହାଗୌରୀ ବେଶ କରାଯାଇଥିଲା । ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ



ଚାଲିଥିଲା । ଆସନ୍ତା କାଲି ସକାଳେ ମହାସ୍ନାନ ସୂର୍ଯ୍ୟପୂଜା ପରେ ନଗର ପରିକ୍ରମା କରି ମା ଗଡ଼ବଘେଇଙ୍କ ପାଖେ ବିଜେ ହେବେ । ଦୁଇ ଭଉଣୀ ମିଳନ ପରେ ନିଜ ମନ୍ଦିରକୁ ଫେରି ସଂଧ୍ୟାରେ ମହାସ୍ନାନ ପରେ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେବା ସହ ନଅ ଜଣ କୁମାରୀ କନ୍ୟାଙ୍କୁ ଯଜ୍ଞ ବେଦିରେ ପୂଜା କରାଯିବ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି ।

# ମହିଳା ଅସଦାଚରଣ, ଚୋରି ମାମଲା: ଆସାମୀକୁ ୩ ବର୍ଷ ଜେଲ

ନିରାକାରପୁର,(ସବ୍ୟୁ) ମହିଳାଙ୍କୁ ଅସଦାଚରଣ ଏବଂ ଘରେ ପଶି ଚୋରି କରିବା ଭଳି ଏକ ସମ୍ବେଦନଶୀଳ ମାମଲାରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବୁଧବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଅଦାଲତ ଅଭିଯୁକ୍ତ ମାନସ ମହାପାତ୍ର ଓରଫ ସୁକୁଟାକୁ ଦୋଷୀ ସାବ୍ୟସ୍ତ କରିବା ସହ ଭିନ୍ନ ଭିନ୍ନ ଦଫାରେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ନିରାକାରପୁର ଥାନା ଅନ୍ତର୍ଗତ କପିଳେଶ୍ୱର ଗ୍ରାମର ଅଭିଯୁକ୍ତ ମାନସ ମହାପାତ୍ର ଜଣେ ମହିଳାଙ୍କ ଘରେ ବେଆଇନ ଭାବେ ପ୍ରବେଶ କରିମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ଶାଳୀନତା ହାନି କରିବାକୁ ଚେଷ୍ଟା କରିଥିଲା । ମହିଳା ଜଣକ ପ୍ରତିରୋଧ କରି ଖସି ପଳାଇବାରେ ସକ୍ଷମ ହୋଇଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ଫେରାର ହୋଇଯାଇଥିଲା । ଅଦାଲତ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଭାରତୀୟ ନ୍ୟାୟ ସଂହିତାର ଦଫା ୭୪ ମହିଳାଙ୍କ ଶାଳୀନତା ହାନି ଘଟଣାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୩,୦୦୦ ଟଙ୍କା ଜରିମାନା, ଦଫା ୩୦୩(୨) (ଚୋରି) ଘଟଣାରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨,୦୦୦ ଟଙ୍କା ଜରିମାନା, ଦଫା ୩୩୩ (ଗୃହ ପ୍ରବେଶ) ଯୋଗୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨,୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦେୟ ହେଲେ ଅଭିଯୁକ୍ତକୁ ଅଧିକ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ଏହି ମାମଲାଟିକୁ ଅତିରିକ୍ତ ସରକାରୀ ଓକିଲ ରୁଦ୍ରନୀଲ ଭଟ୍ଟାଚାର୍ଯ୍ୟ ପରିଚାଳନା କରୁଥିଲେ । ତଦନ୍ତକାରୀ ଅଧିକାରୀ ଶ୍ରୀମତୀ ଦୀପାଲିସା ନାୟକଙ୍କ ଦ୍ୱାରା କରାଯାଇଥିବା ସଠିକ ତଦନ୍ତ ଏବଂ ଡେପୁଟି ଡାଇରେକ୍ଟର ଶ୍ରୀ ନଳିନୀ କାନ୍ତ ମହାରଣାଙ୍କ ପ୍ରତ୍ୟକ୍ଷ ତ%୦ାବଧାନ ଯୋଗୁଁ ଅଭିଯୁକ୍ତକୁ ଦଣ୍ଡ ମିଳିବା ସହଜ ହୋଇପାରିଛି । ପୋଲିସ ଓ ପ୍ରସିକ୍ୟୁସନର ଏହି ସଫଳ ସମନ୍ୱୟ ଆଇନର ଶାସନକୁ ଆହୁରି ସୁଦୃଢ଼ କରିଛି ।

# ୩ ଘଣ୍ଟା ମଧ୍ୟରେ ଲୁଟ୍‌ର ପର୍ଦ୍ଦାଫାଶ

ଭୁବନେଶ୍ୱର (ସବ୍ୟୁ) : ଟେଷ୍ଟ ଡ୍ରାଇଭ୍ ବାହାନାରେ କାର୍ ସହ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଲୁଟେରାଙ୍କୁ ୩ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରୁ ଅପରାଧୀଙ୍କୁ ଧରି ଲୁଟ୍‌ର ପର୍ଦ୍ଦାଫାଶ କରିବାରେ କମିଶନରେଟ୍ ପୋଲିସ ସଫଳ ହୋଇଛି । ଭରତପୁର ଥାନା ଅଞ୍ଚଳରୁ ଏକ କାର କିଣିବା ବାହାନାରେ ଟେଷ୍ଟ ଡ୍ରାଇଭ୍ କରିବାକୁ କହି ଦ୍ରୁତଗତିରେ କାର୍ ନେଇ ପଳାଇଥିଲେ। ପରିସ୍ଥିତିରେ ପଡ଼ି କାର ମାଲିକ ଏ ସମ୍ପର୍କରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ଅଭିଯୋଗ ହେବାର ୩ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେଲେ। ଅଭିଯୁକ୍ତଙ୍କ ବିହାରୀ ଭାଷା ଓ ମିଶ୍ରିତ ହିନ୍ଦୀ ଭାଷାକୁ ନେଇ ପୋଲିସ ତଦନ୍ତକୁ ବଢ଼ାଇ ଆନ୍ତରାଜ୍ୟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି।

## ପାଇକା ମହୋତ୍ସବ ୨୦୨୬

# ନୃତ୍ୟରେ ମନମୋହିଲେ "ନୃତ୍ୟଶାଳା" କଟକର ଶିଳ୍ପୀ

ଭୁବନେଶ୍ୱର, (ସବ୍ୟୁ) : ପୁରାଣ ବର୍ଣ୍ଣିତ ପାଇକାନଦୀ କୂଳରେ ପୋତାରୀ, ବଡିରା, ମଙ୍ଗରାଜପୁର ଠାରେ ଦୀର୍ଘ



୧୫ବର୍ଷ ହେବ ଫ୍ରେଣ୍ଡ୍ସ ୟୁଥ କ୍ଲବ ଦ୍ୱାରା " ପାଇକା ମହୋତ୍ସବ " ମହା ସମାରୋହରେ ପାଳିତ ହୋଇ ଆସୁଛି । ଏଥିରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ଆମନ୍ତ୍ରିତ କଟକସ୍ଥିତ " ନୃତ୍ୟଶାଳା" ସଂସ୍କୃତି କେନ୍ଦ୍ରର ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ, ଡ଼କ୍ଟର ସଂଗୀତା ସାହୁ, ଅଭିଲିପ୍ସା ସେଠି, ବୈଷ୍ଣବୀ ସାହୁଙ୍କ ଦ୍ୱାରା ଅତୀବ ଭାବରସାତ୍ମକ ଆଧ୍ୟାତ୍ମଭରା ଓଡିଶୀନୃତ୍ୟ ସାହସ୍ରାଧିକ ଦର୍ଶକଙ୍କୁ ଆମୋହିତ କରିଛି । ଅନୁଷ୍ଠାନର ସଭାପତି ପ୍ରତାପ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ତ୍ରିଲୋଚନ ଦାସ ଓ ମୁଖ୍ୟ ସଂଯୋଜକ ସର୍ବେଶ୍ୱର ଦାସ ନୃତ୍ୟ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନିମାପଡା ବଜାରରେ ଜବର ଦଖଲ ଉଚ୍ଛେଦ

ନିମାପଡା,(ସବ୍ୟୁ): ଡ୍ରେନ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ନିମାପଡା ଥାନା ଛକ ଠାରୁ ଦୋଳବାଦୀ ଛକ ଓ ଜୟଶ୍ରୀ ଛକ ଠାରୁ ଓମ୍‌ଫେଡ ଛକ ପର୍ଯ୍ୟନ୍ତ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ସରକାରୀ ଜମିର ମାପଚୂପ କରାଯାଇ ଜବର ଦଖଲ କାରୀଙ୍କୁ ପୂର୍ବରୁ ପ୍ରଶାସନ ପକ୍ଷରୁ ନୋଟିସ ଜାରୀ କରାଯାଇଥିଲା। ଆଜି ଜୟଶ୍ରୀ ଛକ ଠାରୁ ଓମ୍‌ଫେଡ ଛକ ପର୍ଯ୍ୟନ୍ତ ସରକାରୀ ଜମିରେ ଥିବା ଆଜବେଷ୍ଟସ ଘର, ପ୍ରାଚେରୀ, କଯାବିନ ଗୁଡିକୁ ୨ଟି ଜେସିବ ମେସିନ ଦ୍ୱାରା ଭାଙ୍ଗି ଦିଆଯାଇଛି। ସେହିପରି ଗତ ମଙ୍ଗଳବାର ଦିନ ଥାନା ଛକ ଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ତହସିଲଦାର ଡଃ.ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରଂଜନ ନାୟକ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କ ସମେତ ରାଜସ୍ୱ ନିରିକ୍ଷକ, ପୁଲିସ ଅଧିକାରୀ, ପୁଲିସ ଫୋର୍ସଙ୍କ ଉପସ୍ଥିତରେ ଏହି ଜବର ଦଖଲ ଉଚ୍ଛେଦ କାର୍ଯଯ ଜାରି ରହିଛି।

# ଧୂଳିଝଡ଼ ସହ କୁଆପଥର ମାଡ଼

ବନ୍ତ,(ସବ୍ୟୁ) : ବୁଧବାର ଅପରାହ୍ନରେ ହଠାତ ପାଗ ବଦଳିଯିବା ସହ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ପ୍ରବଳ ବେଗରେ ପବନ, ଭୟଙ୍କର ଧୂଳିଝଡ଼ ଏବଂ କୁଆପଥର ମାଡ଼ ସାଙ୍ଗକୁ ବର୍ଷା ଯୋଗୁ ସମଗ୍ର ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ମାତ୍ର କିଛି ସମୟର ଏହି ପ୍ରାକୃତିକ ବିପର୍ଯ୍ୟୟ ବହୁ କ୍ଷୟକ୍ଷତି ଘଟାଇଥିବା ସୂଚନା ମିଳିଛି । ବିଶେଷ କରି ବନ୍ତ ବ୍ଲକର ବନ୍ତ, ପଧାନପଡ଼ା, ନିଳୋକ, ସେଣ୍ଡତୀରା, ଗୋବିନ୍ଦପୁର, କେନ୍ଦୁଆପଦା, ତୋଡଙ୍ଗା, ରାମପୁର, ରାମକୃଷ୍ଣପୁର, ଗଣିଜାଙ୍ଗ, ଛୟାଳସିଂ, ଟିଂଲୋ, ବସନ୍ତିଆ, ରାମଚନ୍ଦ୍ରପୁର ଏବଂ ଆଡ଼ିଆ ଆଦି ପଞ୍ଚାୟତରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି । ପବନର ବେଗ ଏତେ ତୀବ୍ର ଥିଲା ଯେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଯାଇଛି । ଯାହାଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । କୁଆପଥର ମାଡ଼ ଯୋଗୁ ପନିପରିବା ଚାଷ ଏବଂ ଖରାଦିନିଆ ଫସଲ କେତେକାଂଶରେ ନଷ୍ଟ ହୋଇଯାଇଥିବା ଚାଷୀ କହିଛନ୍ତି । ଅନେକ ସ୍ଥାନରେ ଚାଳଘରର ଛପର ଉଡ଼ିଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ପଡ଼ିବାରୁ କେତେକ ଅଞ୍ଚଳ ଅନ୍ଧାରମୟ ହୋଇଯାଇଛି । କିଛି ସ୍ଥାନରେ ଟିଣ ଓ ଆଜବେଷ୍ଟସ ଉଡ଼ିଯାଇଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ଧୂଳିଝଡ଼ ଯୋଗୁ ରାସ୍ତାରେ ଦୃଶ୍ୟମାନ କ୍ଷମତା କମିଯାଇଥିବାରୁ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା । ହଠାତ ମାଡ଼ି ଆସିଥିବା ଏହି ବିପତ୍ତିରେ କେତେକ ଚାଷୀ ଓ ଗରିବ ଖଟିଖିଆ ଶ୍ରେଣୀର ଲୋକେ କ୍ଷତି ସହିଥିବା କୁହାଯାଉଛି । ସରକାର ଓ ଜିଲା ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

## ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ଦିଗହରା

# ପଥର ଚୋରଙ୍କ କବ୍ଜାରେ ପ୍ରକଳ୍ପର ୪ଶହ ଏକର ଜମି

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଡଙ୍କାରୀ ଠାରେ ୮ହଜାର ୭୪୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୪ ବିଲିୟନ ମେଟ୍ରିକ ଟନ କ୍ଷମତା ସମ୍ପର୍ଣ୍ଣ ବହୁ ପ୍ରତିକ୍ଷୀତ ଦେଶର ସର୍ବ ବୃହତ ଚଣ୍ଡିଖୋଲ ଭୁତଳ ତୈଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇ ଚାଲିଥିଲେ ମଧ୍ୟ ସରକାର ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବବୋଲି ବାରମ୍ବାର ଘୋଷଣା ସତ୍ତ୍ୱେ ସରକାରୀ ସ୍ତରରେ ଅହେତୁକ ଶିଥିଳତା ପାଇଁ ଏତେବଡ ପ୍ରକଳ୍ପର ଭବିଷ୍ୟତ ଦିଗହରା ହୋଇ ପଡିଛି। ବର୍ତ୍ତମାନ ଯୁଦ୍ଧ ପାଇଁ ଦେଶ ତୈଳ ସଂକଟ ଜନିତ ସ୍ଥିତିକୁ ସାମନା କରୁଛି । ଏପରି ସ୍ଥିତିରେ ଏହି ବୃହତ୍ତ ତୈଳ ଭଣ୍ଡାରର ଆବଶ୍ୟକତାକୁ ନେଇ ସବୁସ୍ତରରେ ଆଲୋଚନା ହେଉଥିଲେ ମଧ୍ୟ ଏଥିପ୍ରତି ସରକାରଙ୍କ ପକ୍ଷରୁ ଉପଯୁକ୍ତ ଧ୍ୟାନ ଦିଆନଯିବା ଘଟଣା ସାଧାରଣରେ ନିରାଶାଭାବ ସୃଷ୍ଟି କରୁଛି। ଗତ ପ୍ରାୟ ଏକବର୍ଷ ହେବ ଏହି ପ୍ରକଳ୍ପ ପାଇଁ ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ମୌଜାରେ ୪ଶହ ଏକର ଜମି ହସ୍ତାନ୍ତର ହୋଇ ସାରିଛି। ହେଲେ ସରକାର ଅଧିଗୃହିତ ଏହି ଜମିକୁ ଅକ୍ତିଆରକୁ ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପରିବର୍ତ୍ତେ ଚୁପହୋଇ ବସିଛନ୍ତି । ଫଳରେ ପ୍ରକଳ୍ପ ପାଇଁ ଅଧିଗୃହିତ ୪ଶହ ଏକର ଜମିକୁ ଏବେ ସ୍ଥାନୀୟ ପଥର ଚୋର ନିଜ ଅକ୍ତିଆରକୁ ନେଇ ସେଠାରୁ ଶହଶହ କୋଟି ଟଙ୍କାର କଳାପଥର ଲୁଟପାଟ କରୁଛନ୍ତି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଏକ ଅସ୍ୱାଭାବିକ ବାତାବରଣ ସୃଷ୍ଟି ହୋଇଛି। ପୂର୍ବ ସରକାର ସମୟରେ ଚକ୍ରବ୍ୟୁହ ରଚନା ହୋଇଥିବାରୁ ଦୀର୍ଘ ୧୦ ବର୍ଷ ଧରି ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ପାରିନଥିଲା । ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନିର୍ବାଚିତ ପ୍ରତିନିଧି ମାନେ ଏଠାରେ ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବବୋଲି ଲୋକଙ୍କୁ ସ୍ୱପ୍ନ ଦେଖାଇଥିଲେ। ହେଲେ ନୂଆ ସରକାରକୁ ଏବେ ଦୁଇ ବର୍ଷ ପୁରିବାକୁ ବସିଥିଲେ ମଧ୍ୟ ପ୍ରକଳ୍ପ କାମ ଆରମ୍ଭ ହେବାତ ଦୂରର କଥା ସେଥିନେଇ ଶୋ ଶବ୍ଦ ଶୁଭୁନାହିଁ। ଅପରପକ୍ଷରେ ପ୍ରକଳ୍ପ ପାଇଁ କୋଟିକୋଟି ଟଙ୍କାର ରାଜସ୍ୱ ହାନି କରାଯାଇ ଅବଧି ପୂର୍ବରୁ ଏଠାରେ ଥିବା ପଥରଖଣି ଗୁଡିକର ଲିଜ ବାତିଲ କରାଯାଇ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ହୋଇଥିଲେ ମଧ୍ୟ ଏବେ ସେହି ଜମିକୁ ପଥର ମାଫିଆ



ନିଜ ଅକ୍ତିଆରରେ ରଖି ସେଠାରେ ପୂର୍ବ ଠାରୁ ଅଧିକ ମାତ୍ରାରେ ବେଆଇନ ଖଣି ଖନନ କରି ଚାଲିଛନ୍ତି। ସରକାରଙ୍କ ଏପରି ଦୁର୍ବଳ ନିଷ୍ପତ୍ତି ପାଇଁ ଗୋଟିଏ ପଟେ ଖଣିଲିଜ ବାତିଲ ଜନିତ ଲିଜଧାରୀଙ୍କୁ କୋଟି କୋଟି ଟଙ୍କା ଫେରସ୍ତ ଦେବାକୁ ଥିଲା ବେଳେ ଅନ୍ୟପଟେ ପ୍ରକଳ୍ପ ଜମିରୁ ପଥର ଚୋରି ଯୋଗୁଁ ସରକାର ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଇ ଚାଲିଛନ୍ତି । ଗତ ୨୦୧୮ ମସିହା ଜୁନ ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇ ବଜେଟରେ ଅର୍ଥ ବରାଦ କରିଥିଲେ। ବଳମ୍ବରେ ହେଉପଛେ ପ୍ରକଳ୍ପ ନିର୍ମାଣ ପାଇଁ ଗତ ୨୦୨୫ ଏପ୍ରିଲ ମାସ ୮ତାରିଖରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କେନ୍ଦ୍ର ସରକାର ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭର ଲିମିଟେଡ଼ (ଆଇଏସ୍‌ପିଆରଏଲ୍) ସହିତ ଏମ୍ ଓ ୟୁ ସ୍ୱାକ୍ଷର କରିଥିଲେ। ହେଲେ ଏତେସବୁ ପରେବି ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହେଉନାହିଁ। ଯେକୌଣସି ଜରୁରୀ କାଳିନ ସ୍ଥିତିକୁ ସାମନା କରିବା ପାଇଁ ମାତ୍ର ୯ଦିନର ତୈଳ ସଂରକ୍ଷଣ ହୋଇ ପାରିବାର ବ୍ୟବସ୍ଥା ଆମ ଦେଶରେ ରହିଛି। ତେବେ ଚଣ୍ଡିଖୋଲରେ ଏହି ଭୂତଳ ତୈଳ ଭଣ୍ଡାର ନିର୍ମାଣ କରାଯାଇ ସେଠାରେ ଦେଶପାଇଁ ଆଉ ୭ଦିନର ତୈଳ ସଂରକ୍ଷଣ କରାଯିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଏତେବଡ ଜାତୀୟ ସ୍ୱାର୍ଥକୁ ସାକାର କରିବାରେ ଟାଳଟୁଳ ନିତି ଅବଲମ୍ବନ କରାଯିବା ଘଟଣା ଏବେ ଆଲୋଚନାର ବିଷୟ ହୋଇଛି। ଏତେଦିନ ପୂର୍ବରୁ ଜମି ହସ୍ତାନ୍ତର ହୋଇ ସାରିଥିଲେ ମଧ୍ୟ ଇଡକୋ ବା ପ୍ରକଳ୍ପ ନିର୍ମାଣ ପାଇଁ ଦାୟିତ୍ୱ ନେଇଥିବା ଆଇଏସପିଆରଏଲ ଏହି ଜମିକୁ ନିଜ ଅକ୍ତିଆରକୁ ନେଇ ସେଠାରେ ପ୍ରକଳ୍ପ କାମ ଆରମ୍ଭ କରିବା କିମ୍ବା ସେଠାରେ ଚାଲିଥିବା ବେଆଇନ ଖଣି ଖନନକୁ ରୋକିବା ପାଇଁ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆନ୍ତରିକତା ପ୍ରକାଶ ନକରିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଯାହାକୁ ନେଇ ଜିଲ୍ଲା ଖଣି ଅଧିକାରୀ ଇତିମଧ୍ୟରେ ଯାଜପୁର ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ବାରମ୍ବାର (୧୩ଟିରୁ ଉର୍ଦ୍ଧ୍ୱ) ଚିଠି ଦେଇ ପ୍ରକଳ୍ପ ସ୍ଥଳରୁ ବେଆଇନ ଖଣି ଖନନକୁ ବନ୍ଦ କରିବା ପାଇଁ ଆବଶ୍ୟକୀୟ ସୁରକ୍ଷା ବଳ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଥିପ୍ରତି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ଓ ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେଉ ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

## ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାର ପୁସ୍ତକର ଲୋକାର୍ପଣ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀ ଜଗନ୍ନାଥସୌରଭସମ୍ଭାର ପୁସ୍ତକର ଲୋକାର୍ପଣ ଓ ଆଲୋଚନା ଏହି କର୍ମଶାଳା ବିଜୟ ଦାଶ , ଓ ବିଶିଷ୍ଟ ଅତିଥି ପଣ୍ଡିତ ଦାଶରଥି ସାମନ୍ତରାୟଙ୍କ ଦ୍ୱାରା ପୁସ୍ତକର



ମାଷ୍ଟର କ୍ୟାଣ୍ଟିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସୌରଭର ସୁଗନ୍ଧ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏହା ହେଉଛି ପ୍ରୟାସ। ଡ଼ ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ଅକ୍ଷୟ ସାହୁ, ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ବିଷୟରେ ଆଲୋଚନା କରାଯାଇ ଥିଲା। ପ୍ରଥମେ ଭାରତୀ ଭୂଷଣ ପଟ୍ଟନାୟକ ସ୍ୱର୍ଣ୍ଣଲତା ପାଣି, ତେଜେଶ୍ୱନୀ ରଥ, ଅନୁପମା ମିଶ୍ରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର କର୍ମଶାଳାରେ ବହୁ ସଂଖ୍ୟାରେ ଯୋଗ ଦେଇ ଥିବାରୁ ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଧନ୍ୟ ବାଦ ଜ୍ଞାପନ କରାଯାଇଥିଲା।

# ଡ୍ରିମ୍ସରେ ଟେକ୍‌ଫେଷ୍ଟ-୨୦୨୬ ଉଦ୍‌ଯାପିତ



କଟକ, (ସ୍ୱପ୍ର): ଡ୍ରିମ୍ସ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍ ଦ୍ୱାରା ଆୟୋଜିତ ଟେକ୍ ଫେଷ୍ଟ-୨୦୨୬ ଉଦ୍‌ଯାପିତ ହୋଇଛି । ତିନିଦିନ ଧରି ଅନୁଷ୍ଠିତ ଏହି ବୈଷୟିକ ଜ୍ଞାନବିଜ୍ଞାନ ପ୍ରଦର୍ଶନୀରେ ଏମ୍‌ସିଏ, ବିସିଏ, ବିଏସ୍‌ସି (ଆଟିଏମ୍) ର ପ୍ରାୟ ୪୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସେମାନଙ୍କର ଦକ୍ଷତା ପ୍ରତିପାଦନ କରିଥିଲେ । କୋଡିଂ, କ୍ୱିଜ୍ ପ୍ରତିଯୋଗିତା ସହିତ ପୋଷ୍ଟର, ଆଇଓଟି ଏବଂ ରୋବଟିକ୍ସର ବିଭିନ୍ନ ମଡେଲ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରକଳ୍ପ ଗୁଡିକର ନିର୍ମାଣ କୌଶଳ ଓ ଉପଯୋଗ ସଂପର୍କରେ ପ୍ରତିଯୋଗୀଙ୍କ ଠାରୁ ପଚାରି ବୁଝିଥିଲେ ।

ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ନୂତନ ଦୃଷ୍ଟିଭଙ୍ଗୀ ଓ ବୈଷୟିକ ଦକ୍ଷତାର ପ୍ରଶଂସା କରିଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ଡ. ସୁଧୀର ରଂଜନ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମେଷରେ ସହାୟକ ହେବବୋଲି ପ୍ରକାଶ କରିଥିଲେ ।

ଶିକ୍ଷାନୁଷ୍ଠାନର ଡିନ୍ ଡ. ବିଶ୍ୱରଂଜନ ଷଡଙ୍ଗୀଙ୍କ ପୌରୋହିତରେ ରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀ ସଦସ୍ୟ ଭାବରେ ଡିନ୍ ( ଗବେଷଣା) ଡ. ବିଶ୍ୱ ରଂଜନ ମହାନ୍ତି, ନିର୍ଦ୍ଦେଶକ (ଆଇକ୍ୟୁଏସି) ଡ. ଆଲୋକ ରଂଜନ ବିଶ୍ୱାଳ, ଡ. ନୟନ ରଂଜନ ସାମଲ, ଡ. ଦୀପକ ରଂଜନ ବିଶ୍ୱାଳ, ଡ. ଅମୀୟ କୁମାର ସାହୁ, ପ୍ରାଧ୍ୟାପକ ସୁଜିତ୍ ମହାନ୍ତି ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ ।

ବିଭାଗୀୟ ମୁଖ୍ୟ ଶିବ ଚରଣ ବାରିକ, ଏକାଡେମିକ୍ ସଂଯୋଜକ ସହକାରୀ ପ୍ରାଧ୍ୟାପକ ଚନ୍ଦନ କୁମାର ବାରିକ, ଆବାହକ ସୌମ୍ୟ ରଂଜନ ପୃଷ୍ଟି ଓ ସରୋଜ କୁମାର ନାୟକ, ରାଜସ୍ମିତା କର, ନୀତାଶା ଦାଶ, ଅବିନାଶ ଆଚାର୍ଯ୍ୟ ଏବଂ ସୌର୍ଯ୍ୟଭାଗ୍ୟମୟ ବେହୁରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅର୍ଥ ରାଶି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

## ଭ୍ୟାଲିଡେସନ ଆକ୍ଟ ୨୫କୁ କଳା ଦିବସ ପାଳନ

# ଗଞ୍ଜାମ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ବିରୋଧ

ବ୍ରହ୍ମପୁର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଭ୍ୟାଲିଡେସନ ଆକ୍ଟ ୨୦୨୫ ବିରୁଦ୍ଧରେ ସର୍ବ ଭାରତୀୟ ରାଜ୍ୟ ପେନସନର୍ସ ଫେଡେରେସନ ଓ ଓଡିଶା ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆହ୍ୱାନ କ୍ରମେ ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନେ ସ୍ଥାନୀୟ ଆର.ଡ଼ି.ସି କାର୍ଯ୍ୟାଳୟ ଠାରେ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଥିଲେ ।



ଗତବର୍ଷ ମାର୍ଚ୍ଚ ୨୫ ତାରିଖ ଦିନ ସଂସଦରେ ଅର୍ଥ ବିଲ ପାରିତ ସମୟରେ ତରବରିଆ ଭାବେ ଭ୍ୟାଲିଡେସନ ଆକଫ ପାରିତ କରାଇଥିଲେ । ଦେଶର କୋଟି କୋଟି ପେନସନ ଭୋଗୀଙ୍କ ପେନସନକୁ ସଙ୍କୁଚିତ ଓ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ପାଇଁ ଏହି ଆକଫର ଅସଲ ଉଦ୍ଦେଶ୍ୟ । ପେନସନ ଦେବା କାହାର ଦୟା ନୁହେଁ । ସମସ୍ତ କର୍ମଚାରୀ ମାନେ ସରକାରଙ୍କ ସମସ୍ତ ନିର୍ଦ୍ଦେଶକୁ ସଫଳତା ସହ, ୩୦ ରୁ ୩୫ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ପାଳନ କରିବାର ପ୍ରତିଫଳନ ।

ସମ୍ବିଧାନର ୧୪ ଧାରାର ନିର୍ଦ୍ଦେଶ ପ୍ରକାରେ ପେନସନ ଭୋଗୀ ସମ୍ମାନ ସହ ବଞ୍ଚିବାର ଅଧିକାର ବୋଲି ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ସରକାର ଜାନୁଆରୀ ୧, ୨୦୨୬ ଠାରୁ ଅଷ୍ଟମ ବେତନ ଲାଗୁକରିବା ପାଇଁ ଘୋଷଣା କରିଛନ୍ତି । ତାହା କେବଳ ଯେଉଁମାନେ ୧ ଜାନୁଆରୀ ୨୦୨୬ ପରେ ଅବସର ନେବେ, ସେମାନଙ୍କ ପାଇଁ ଲାଗୁ ହେବ । ଏହା ପୂର୍ବରୁ ଅବସର ନେଇଥିବା ପେନସନ ଭୋଗୀଙ୍କ ପାଇଁ ନୁହଁ ।

କମିଶନରଙ୍କ ରିପୋର୍ଟ ଆସିବା ପୂର୍ବରୁ ସରକାର ଭ୍ୟାଲିଡେସନ ଆକ୍ଟ ଲାଗୁ କରି ପେନସନ ଭୋଗୀଙ୍କ ମନରେ ଆତଙ୍କ ସୃଷ୍ଟି କରିଛନ୍ତି । ସରକାରଙ୍କ ଇଚ୍ଛା ଉପରେ ପେନସନ ନିର୍ଭର କରିବ । ଏହା ପେନସନ ଭୋଗୀଙ୍କ ଅଧିକାର ନୁହେଁ, ଏହା ହିଁ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ବୋଲି ବହୁ ବକ୍ତା ମତବ୍ୟକ୍ତ କରିଥିଲେ ।

ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଉପଦେଷ୍ଟା କାମରାଜୁ ମହାରଣା, ଗୌରୀ ଶଙ୍କର ଦାସ, ସମୀର କୁମାର ଆଚାର୍ଯ୍ୟ, ଲଳିତ ରାଜଗୁରୁ, ଡ଼ ଭାସ୍କର ଚନ୍ଦ୍ର ପାଢ଼ି, ଅଧ୍ୟାପକ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସର୍ବ ଭାରତୀୟ ପେନସନର ଫେଡେରେସନ ନିର୍ଦ୍ଦେଶ ପ୍ରକାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ବାତିଲ ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

# ୨୯ରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତା'ର ୪୧ତମ ବାର୍ଷିକୋତ୍ସବ ଆଗାମୀ ମାର୍ଚ୍ଚ ୨୯ତାରିଖରେ ବାରିପଦା ଛଉପଡ଼ିଆ ନିକଟରେ ଅବସ୍ଥିତ ନିଜସ୍ୱ ସଭାଗୃହରେ ଆୟୋଜିତ ହେବାକୁ ଯାଉଅଛି । ଏହି ଅବସରରେ ଭାଷା ଓ ସାହିତ୍ୟକୁ ବିଶେଷ ଅବଦାନ ପାଇଁ କବି ଓ ପ୍ରାବନ୍ଧିକ ନରସିଂହ ବାରିକ ତଥା କବୟିତ୍ରୀ ତଥା ଭଞ୍ଜଦୂତ ପତ୍ରିକାର ସଂପାଦିକା ହାରାମଣି ଦଳେଇଙ୍କୁ ୨୦୨୫-୨୬ ବର୍ଷ ପାଇଁ "ମୟୂରଭଞ୍ଜ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯିବ । ଏତଦ୍‌ବ୍ୟତୀତ ପ୍ରାଚୀନ ଶୈଳୀ କବିତା ରଚନା ପରମ୍ପରା ପାଇଁ ବରିଷ୍ଠ କବୟିତ୍ରୀ ରାଜଲକ୍ଷ୍ମୀ ଦାସଙ୍କୁ ସ୍ୱର୍ଗତା ସଲିଳା ମହାନ୍ତି ସ୍ମୃତି ସମ୍ମାନ ତଥା ମାଣିଦାର ବରିଷ୍ଠ ସାରସ୍ୱତ ସାଧକ ରାମନାରାୟଣ ଗିରିଙ୍କୁ ସ୍ୱର୍ଗତ ସରୋଜିନୀ-ପ୍ରଫୁଲ୍ଲ ଓତା ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ଏଥିସହିତ ଲେଖିକା ସୁଚରିତା ବେହେରାଙ୍କୁ ସ୍ୱର୍ଗତା ଲକ୍ଷ୍ମୀକୁମାରୀ ଦାସ ଯୁବ ଲେଖକ ସମ୍ମାନ ପ୍ରଦାନ କରାଯିବ ବୋଲି ସଭାପତି ପଦ୍ମନାଭ ସାହୁ ଏବଂ ସଂପାଦକ ମନୋଜ ଦଳବେହେରା ଜଣାଇଛନ୍ତି ।

# କାଳବୈଶାଖୀ ବର୍ଷା ଓ କୁଆପଥର ମାଡ, ତାତିରୁ ଆଶ୍ୱସ୍ତି



ବୁଗୁଡା, (ସବ୍ୟୁ): ଏଇ କିଛି ଦିନ ହେଲା ତାପମାତ୍ରାରେ ବୃଦ୍ଧି ଘଟି ଗରମ ଅନୁଭୂତ ହେଉଥିଲା । ତେବେ ଆଜି ବୁଧବାର ଅପରାହ୍ନରେ କାଳବୈଶାଖି ପ୍ରଭାବରେ ବର୍ଷା ଯୋଗୁଁ ବୁଗୁଡା ଅଞ୍ଚଳବାସୀଙ୍କୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । କାଳବୈଶାଖି ପ୍ରଭାବରେ ଘଡଘଡି ସହ ବର୍ଷା ଓ ପବନ ବହିବା ସାଙ୍ଗକୁ କେତେକ ସ୍ଥାନରେ କୁଆପଥର ମାଡ ହୋଇଥିଲା । ପ୍ରବଳ ବେଗରେ ପବନ ବହିବା ଯୋଗୁଁ ସ୍ଥାନୀୟ ମୁଖ୍ୟ ସଡକ କଡସ୍ଥ ଏକ ଗଛ ମୂଳରୁ ଭିଙ୍ଗିଯାଇ ରାସ୍ତା ଉପରେ ପଡିଯାଇଥିଲା । ଫଳରେ ଯାନବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହୋଇଥିଲା ।

ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗଛଟିକୁ କାଟି ରାସ୍ତା ସଫା କରିବା ପରେ ଅବସ୍ଥା ସ୍ୱାଭାବିକ ହୋଇଥିଲା । ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା ଏବଂ ବିଦ୍ୟୁତ୍ ବ୍ୟାଘାତ ଯୋଗୁଁ ଚାରିଆଡ଼େ ଘନ ଅନ୍ଧକାର ଘୋଟିଥିଲା ।

# ମହିଳାଙ୍କ ଘରେ ଜୁଆ ଆଡ୍ଡା, ୧୧ ଗିରଫ




ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଗଣେଷନଗର ୫ମ ଲାଇନର ଜଣେ ମହିଳା ଘରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ଚଢଉ କରିଛି। ସେହି ଜୁଆ ଆଡ୍ଡାରୁ ୫ ଜଣ ମହିଳାଙ୍କ ସମେତ ମୋଟ ୧୧ ଜଣଙ୍କୁ କାବୁ କରାଯାଇଛି। ପୁଲିସ ସେହି ଘରୁ ୨ ପ୍ୟାକେଟ ତାସ୍, ୫ ଟି ବାଇକ, ନଗଦ ୧୭ ଜହାର ୨୩୫ ଟଙ୍କା, ୭ଟି ମୋବାଇଲ ଫୋନ ଜବତ କରିଛି। ସଂପୃକ୍ତ ମହିଳା ଜଣଙ୍କ ନିଜ ଘରର ଉପର ମହଲାରେ ବେଶ କିଛି ଦିନ ଧରି ଜୁଆ ଆଡ୍ଡା ପକାଉଥିଲେ।

ସେହି ଘରକୁ ବିଭିନ୍ନ ଅଞ୍ଚଳରୁ ପୁରୁଷ ଏବଂ ମହିଳାମାନେ ଆସି ଜୁଆ ଖେଳୁଥିଲେ। ଏ ନେଇ ଅଭିଯୋଗ ପରେ ବଡବଜାର ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଦଳ ଅତର୍କିତ ଚଢଉ କରିଥିଲା।

# ମୟୂରଭଞ୍ଜ ଛଉ ନୃତ୍ୟ ଉପରେ ଡକ୍ଟରେଟ୍ ଲାଭ କଲେ ସୁଧୀର ନାୟକ

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସୁନଗଡିଆର ଛଉନୃତ୍ୟ ସଂଗଠକ ତଥା ଗବେଷକ ସୁଧୀର କୁମାର ନାୟକଙ୍କୁ ଗ୍ଲୋବାଲ୍ ନେସନ୍ ଓପେନ୍ ୟୁନିଭର୍ସିଟି, ଆମେରିକା ମୟୂରଭଞ୍ଜ ଛଉ ନୃତ୍ୟ ଉପରେ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଛି। ଏହି ସମ୍ମାନ ଓଡ଼ିଶାର ଏକ ଅମୂଲ୍ୟ ସାଂସ୍କୃତିକ ନିଦର୍ଶନ ମୟୂରଭଞ୍ଜ ଛଉ ନୃତ୍ୟର ସଂରକ୍ଷଣ, ଗବେଷଣା ଓ ପ୍ରଚାରରେ ଶ୍ରୀ ନାୟକଙ୍କ ଦୀର୍ଘଦିନର ଅବଦାନ ପାଇଁ ପ୍ରଦାନ କରାଯାଇଛି।



ତାଙ୍କର ଗବେଷଣାତ୍ମକ ତଥ୍ୟ ମୟୂରଭଞ୍ଜ ଛଉ ନୃତ୍ୟର ଐତିହ୍ୟ, କାର୍ଯ୍ୟକାରୀ ଓ ଆଧୁନିକ ପ୍ରସଙ୍ଗ ନାମରେ ଲିଖିତ ହୋଇଛି ଯାହା ଏହି ନୃତ୍ୟର ପୁରୁଣା ମୂଳ, ମାନସକଳା, ଲୟ-ତାଳ ଓ ବିଶ୍ୱମାନ୍ୟତାର ସମ୍ଭାବନାକୁ ବିଶ୍ଳେଷଣ କରିଛି। ପ୍ରକାଶ ଥାଉକି ସୁଧୀର ସେଣ୍ଟର୍ ଫର୍ କଲଚରାଲ୍ ରିସୋର୍ସେସ୍ ଆଣ୍ଡ ଟ୍ରେନିଙ୍ଗ୍, ନୂଆ ଦିଲ୍ଲୀର ଜଣେ ବରିଷ୍ଠ ରିସର୍ଚ୍ଚ ଫେଲୋ ଭାବେ ୫ବର୍ଷଧରି ଗବେଷଣାରତ ଓ "ମୟୂରଭଞ୍ଜ ଛଉନୃତ୍ୟ ମୋ ଗର୍ବ ଅଭିଯାନର ସେ ଆବାହକ ଯାହାକି ମାଧ୍ୟମିକ ବିଦ୍ୟାଳୟରୁ ଆରମ୍ଭ କରି ଭୁବନେଶ୍ୱର ତଥା ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିଛି ଓ ଜଣେ ଅଭିନେତା ଭାବେ ସେ ୧୦୦ରୁ ଅଧିକ ନାଟକ ଓ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଉତ୍ତରସାହୀ ଛଉନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଛଉ କର୍ମଶାଳା ଓ ଡିଜିଟାଲ ପ୍ରଚାର ପ୍ରସାର ମାଧ୍ୟମରେ ଯୁବ ପିଢିଙ୍କୁ ଛଉ ପ୍ରତି ଆକୃଷ୍ଟ କରିବା ସହ ମୟୂରଭଞ୍ଜ ମାଟିରୁ ଆରମ୍ଭ କରି ବିଶ୍ୱମଞ୍ଚରେ ଏହାର ପୁନରୁଜ୍ଜୀବନ ଓ ନବୀକରଣ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଖବର ପାଇ ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା, କଳାକାର ତଥା ଜିଲ୍ଲାର ଛଉ ପ୍ରେମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଭ୍ୟାଲିଡେସନ ଆକ୍ଟ-୨୫କୁ ପେନସନର୍ସଙ୍କ ପ୍ରତ୍ୟାହାର ଦାବି

ଆସିକା, (ସବ୍ୟୁ): ସର୍ବ ଭାରତୀୟ ରାଜ୍ୟ ପେନସନର୍ସ ଫଡେରେସନ ଆହ୍ୱାନ କ୍ରମେ ପେନସନରଙ୍କ ବିରୋଧୀ ଭ୍ୟାଲିଡେସନ ଆକ୍ଟ-୨୫କୁ ପ୍ରତ୍ୟାହାର ଦାବୀରେ ଏକ ପ୍ରତିବାଦ ସଭା ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି । ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆସିକା ଶାଖା ପକ୍ଷରୁ ସଭାପତି ପୀତବାସ ମହାପାତ୍ରଙ୍କ ସଭାପତିତ୍ୱରେ ଏଥିରେ ଶତାଧିକ ପେନସନର୍ସ କଳାବ୍ୟାଜ ପିନ୍ଧି ଯୋଗ ଦେଇଥିଲେ । ଜିଲ୍ଲା ଶାଖାର ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର ସଭାର ଆଭିମୁଖ୍ୟ ସହ ଭ୍ୟାଲିଡେସନ ଆକ୍ଟ-୨୫ ଦ୍ୱାରା ପେନସନର୍ସ କିଭଳି ଭାବେ କ୍ଷତିଗ୍ରସ୍ତ ହେବେ ଉପସ୍ଥାପନା କରିଥିଲେ । ଗଞ୍ଜାମ ଶାଖାର ସହ ସମ୍ପାଦକ ମିହିରକାନ୍ତ ମହାପାତ୍ର, ଆସିକା ଶାଖାର ସମ୍ପାଦକ ଉପେନ୍ଦ୍ର ନାୟକ, ଉପଦେଷ୍ଟା ଦେବହରି ମହାନ୍ତି, ମହେଶ୍ୱର ନାହାକ, ରାଜେଶ୍ୱର ପାତ୍ର, ନିରଞ୍ଜନ ନାୟକ, ପଞ୍ଚାନନ ସ୍ୱାଇଁ, ଲକ୍ଷ୍ମୀନାରାୟଣ ନାୟକ, କାଶୀଶ୍ୱନାଥ ନାହାକ, ବିଶ୍ୱ ନାଥ ଲେଙ୍କା, କୁଶ ନାଇଡୁ, ପ୍ରଦୀପ କୁମାର ରାଉତ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଏହି ଆକଫ ଲୋକସଭାରେ ପାରିତ ଫଳରେ ଜାନୁଆରୀ ୨୬ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନସନ ନିର୍ଦ୍ଧାରଣ କ୍ଷମତା ସରକାରଙ୍କ ହାତରେ ରହିବ । ନିଯୁକ୍ତି ତାରିଖକୁ ନେଇ ଭିନ୍ନଭିନ୍ନ ହାରରେ ପେନସନ ନିର୍ଦ୍ଧାରଣ କରିପାରିବେ । ପୁରୁଣା ପେନସନର୍ସ ଅଷ୍ଟମ ବେତନ କମିଶନ ସୁବିଧାରୁ ବଂଚିତ ହେବାର ଆଶଙ୍କା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ଏଣୁ ଏହି ପେନସନ ବିରୋଧୀ ଭ୍ୟାଲିଡେସନ ଆକ୍ଟ ୨୫କୁ ବାତିଲ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେବା ସହ ଏହି କଳା ଆଇନକୁ ଚିରି ସଭା ସ୍ଥଳରେ ଆନ୍ଦୋଳନକାରୀ ପୋଡିଥିଲେ । ପୂର୍ବ ପରି ସମସ୍ତ ପେନସନର୍ସଙ୍କୁ ବେତନ କମିଶନ ଲାଗୁ କରିବା ପାଇଁ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଧାନମନ୍ତ୍ରୀ ନିକଟକୁ ପ୍ରେରଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ପଣ୍ଡା, ବିଜୟ କୁମାର ଜେନା, ଲମ୍ବୋଦର ଦାସ, ଉମେଶ ନାୟକ, ଦିଲୀପ ପରିଡା, ଅରୁ ଚରଣ ପ୍ରଧାନ, ଲବ ନାଇଡୁ, ହରପ୍ରିୟା ଉପାଧ୍ୟାୟ, କୀର୍ତନ ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଭଞ୍ଜନଗର ମା' ଠାକୁରାଣୀଙ୍କ ଯାତ୍ରା ପାଇଁ ପ୍ରାରମ୍ଭିକ ବୈଠକ

ଭଞ୍ଜନଗର, (ସବ୍ୟୁ) : ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମା' ଠାକୁରାଣୀଙ୍କ ଯାତ୍ରା-୨୦୨୬ ବୈଠକ ବୁଧବାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ସଫଳତାର ସହିତ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଭଞ୍ଜନଗର ଉପଜିଲ୍ଲାପାଳ ତଥା ଉତ୍ସବ ପାଳନ କମିଟି ସଭାପତି ଉମାଶଙ୍କର ବେହେରା, ଅଧ୍ୟକ୍ଷ ପୌରପରିଷଦ ଗୋପୋବନ୍ଧୁ ମହାପାତ୍ର ତଥା ଅନ୍ୟ ସମସ୍ତ ପ୍ରଶାସନିକ ଓ ସରକାରୀ ଅଧିକାରୀ ଏବଂ ଯାତ୍ରା କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ ।

ବୈଠକରେ ଯାତ୍ରାର ସମସ୍ତ ପ୍ରସ୍ତୁତିକାର୍ଯ୍ୟ, ନିରାପତ୍ତା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଅଗ୍ନି ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା, ସାମ୍ବିଳିକ ବିବରଣୀ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଛି । ବିଧାୟକ ଶ୍ରୀଯୁକ୍ତ ନାୟକ ସମସ୍ତଙ୍କୁ ଯାତ୍ରାକୁ ଆହୁରି ଫଳପ୍ରଦ, ଆକର୍ଷଣୀୟ ଓ ନିରାପଦ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଯାତ୍ରା ଅନୁଷ୍ଠାନ ସମୟରେ ସମସ୍ତ ବିଭାଗର ସମ୍ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ କରାଯିବ । ଏହି ଯାତ୍ରା ଭଞ୍ଜନଗର ବ୍ଲକର ଜନସାଧାରଣଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ଉତ୍ସବ ଭାବେ ପରିଚିତ ଏବଂ ଏହି ବୈଠକ ଐତିହାସିକ ପର୍ବର ସମସ୍ତ ବ୍ୟବସ୍ଥାପନା ସମନ୍ୱୟ କରିବା ସହ ଭକ୍ତମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବ ବୋଲି ସର୍ବସାଧାରଣଙ୍କୁ ଅବଗତ କରାଯାଇଛି । ଶେଷରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଟୁଲିଆମା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମର୍ଣ୍ଣିଂୱାକ୍ ଯାଇଥିବା ବେଳେ ବ୍ୟବସାୟୀଙ୍କ ଘରୁ ନେଇଗଲେ ୧ କେଜି ସୁନା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରର ପ୍ରେମନଗର ଅଞ୍ଚଳରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଛି। ବ୍ୟବସାୟୀ ଜଣଙ୍କ ମର୍ଣ୍ଣିଓ୍ୱାକରେ ଯାଇଥିବା ବେଳେ ଚୋରମାନେ ତାଙ୍କ ଘରେ ପଶି ପ୍ରାୟ ୧ କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ଖବରପାଇ ବଡବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସୂଚନାପ୍ରକାରେ, ପ୍ରେମନଗର ୭ମ ଲାଇନରେ ରାଜକମଲ ଏଜେନ୍ସିର ମାଲିକ ପି. ରାଜପ୍ରଭାକର ରାଓ ନିଜ ପରିବାର ସହ ରହୁଛନ୍ତି। କିଛି ଦିନ ହେବ ପରିବାର ଲୋକେ ବାହାରକୁ ଚାଲି ଯାଇଥିବା ବେଳେ ପ୍ରଭାକର ଏକୁଟିଆ ରହୁଥିଲେ। ସବୁଦିନ ଭୋରୁ ସେ ମର୍ଣ୍ଣିଓ୍ୱାକ୍ କରିବାକୁ ଯାଉଥିଲେ। ଆଜି ମଧ୍ୟ ଭୋରୁ ଉଠି ଘରେ ତାଲା ପକାଇ ମର୍ଣ୍ଣିଓ୍ୱାକ କରିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ଚାବି ଦ୍ୱାରା ତାଲା ଖୋଲିବାକୁ ଚେଷ୍ଟା କରିଥିଲେ। ହେଲେ ତାଲଶ ଖୋଲିନଥିଲା।



ଯାଞ୍ଚ ପରେ ତାଙ୍କ ଘରର ମୁଖ୍ୟ ଫାଟକରେ ଅନ୍ୟ ଏକ ତାଲା ପଡିଥିବା ସେ ଦେଖିଥିଲେ। ସନ୍ଦେହ ହେବାରୁ ପ୍ରଭାକର ସେହି ତାଲାକୁ ଭାଙ୍ଗି ଘର ଭିତରକୁ ପଶିଥିଲେ। ସେତେବେଳେ ଘରେ ଭିତରେ ଥିବା ୨ଟି ଆଲମୀରା ଭାଙ୍ଗା ଯାଇଥିବା ବେଳେ ଆସବାବପତ୍ର ଏଣେତେଣେ ପଡିଥିଲା। ଆଲମୀରା ଭିତରେ ଥିବା ପ୍ରାୟ ୧ କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ଚୋରି ହୋଇ ଯାଇଥିବା ଜଣାପଡିଥିଲା। ପ୍ରଭାକର ପୁଲିସକୁ ଫୋନ କରି ଜଣାଇବା ପରେ ବଡବଜାର ପୁଲିସ ତାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଚୋରି ହୋଇଥିବା ସୁନାର ମୂଲ୍ୟ ୧ କୋଟିରୁ ଅଧିକ ଟଙ୍କା ହେବ ବୋଲି ପ୍ରଭାକର କହିଛନ୍ତି।

# ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗର ହସ୍ତକଳା ପ୍ରଦର୍ଶନୀ

ବାରିପଦା, (ସବ୍ୟୁ) : ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଗୃହ ବିଜ୍ଞାନ ବିଭାଗ ତରଫରୁ ଏକ ହସ୍ତକଳା ପ୍ରଦର୍ଶନୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଘରକରଣା ସାମଗ୍ରୀ, ପ୍ରସାଧନ, ଖେଳନା ଓ ସୌନ୍ଦର୍ଯ୍ୟକରଣ ସାମଗ୍ରୀ ଆଦିକୁ ଦେଖିବା ସହିତ ଛାତ୍ରୀମାନଙ୍କର କଳା ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ ।



ଏହି ପ୍ରକାର ପ୍ରଦର୍ଶନୀର ଆୟୋଜନ ଛାତ୍ରୀମାନଙ୍କ ମଧ୍ୟରେ ଥିବା କଳା ପ୍ରତିଭାକୁ ବିକଶିତ କରିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ସାମଗ୍ରୀଗୁଡିକୁ ଛାତ୍ରୀ ଓ ଅଧ୍ୟାପକ -ଅଧ୍ୟାପିକା ତଥା କର୍ମଚାରୀମାନେ ବୁଲି ଦେଖିବା ସହିତ ନିଜ ପସନ୍ଦଯୋଗ୍ୟ ସାମଗ୍ରୀଗୁଡିକୁ କ୍ରୟ କରିଥିଲେ । ଏଥିରେ ପ୍ରଦର୍ଶିତ ସାମଗ୍ରୀଗୁଡ଼ିକୁ ବିଭାଗର ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଦେବସ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଆଜିର କାର୍ଯ୍ୟକ୍ରମକୁ ବଲମଦିନା ଟେଟେ, ସତ୍ୟବତୀ ଦାସ, ପ୍ରଭାସିନୀ ଖୁଣ୍ଟିଆ, ଶୁଭ୍ରାନ୍ତି ରେଖା ରାୟ ଓ ଅନୁଜା ସାହୁ ଆଦି ଅଧ୍ୟାପିକା ମାନେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏତଦ୍‌ବ୍ୟତୀତ ଏକ ଖାଦ୍ୟ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଆସନ୍ତା ପବିତ୍ର ରଥଯାତ୍ରା ସୂଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ବାରିପଦାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଚଳିତ ବର୍ଷ ରଥଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବା ସହ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଯୋଗାଡ କରିବାକୁ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ଏହି ସମୟରେ ସଭାରେ ରଥଯାତ୍ରା ସମୟରେ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ପାଇଁ ପୁଲିସ ବ୍ୟବସ୍ଥାକୁ ସୁଦୃଢ କରିବା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥାପନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ତଥ୍ୟାଧାରିତ ଆଲୋଚନା କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆପାତକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ବ୍ୟବସ୍ଥା, ମେଡିକାଲ ଟିମ୍ ମୁତୟନ ଓ ଆବଶ୍ୟକ ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବାକୁ କୁହାଯାଇଥିଲା ।

ଜଳ ଯୋଗାଣ, ପାନୀୟ ଜଳର ଗୁଣବତ୍ତା ଓ ସାନିଟେସନ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ବିଦ୍ୟୁତ୍ ବିଭାଗକୁ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଆଲୋକୀକରଣ ବ୍ୟବସ୍ଥା ଓ ଆପକାଳୀନ ସ୍ଥିତି ପାଇଁ ବିକଳ୍ପ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ସେହିପରି ପୌରସଂସ୍ଥା ପକ୍ଷରୁ ସଫେଇ, ଅଳିଆ ପରିଚାଳନା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ଓ ସାର୍ବଜନୀନ ସ୍ୱଚ୍ଛତା ଉପରେ ଜୋର ଦିଆଯାଇଥିଲା । ଅଗ୍ନିଶମ ବିଭାଗକୁ ଅଗ୍ନିକାଣ୍ଡ ପ୍ରତିରୋଧ ଓ ଆପାତକାଳୀନ ସହାୟତା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ଉକ୍ତ ସଭାରେ ଅତିରକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଇଶ୍ୱର ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ଡେପୁଟି ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ୍, ଚ୍ୟୟାରମେନ୍ ବାଦଲ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାଃ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀଗଣ, ସେବାୟତ, ରଥ କାରିଗର ଓ ବିଭିନ୍ନ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ ।

ସମୟ

# ରାସ୍ତା କାମ ବିଲ୍‌ରୁ ମାତ୍ରାଧିକ ପିସି କାଟିବା ନେଇ ଯନ୍ତ୍ରୀଙ୍କ ବିରୋଧରେ କାଉନସିଲରଙ୍କ ଅଭିଯୋଗ

ହିନ୍ଦୋଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ ଏ ସି ୩ ନଂ ଓ୍ୱାର୍ଡରେ ନିର୍ମାଣ ଧିନ କଲ୍ୟାଣୀ ମଣ୍ଡପକୁ ସଂଲଗ୍ନ କରୁଥିବା ୫ ନଂ ଓ୍ୱାର୍ଡ ସୀମାକୁ ଲାଗି ମାଟି ପକା ଯାଇ ନିର୍ମିତ ହୋଇଥିବା ରାସ୍ତା କାମରେ ବିଲ କରାଯାଇ ଥିବା ୧ ଲକ୍ଷ ୫୩ ହଜାର ୪୨୮ ଟଙ୍କାରୁ ବିଭାଗୀୟ ଯନ୍ତ୍ରୀ ୮ ହଜାର ଟଙ୍କା ପି ସି ବାବଦରେ କାଟି କାର୍ଯ୍ୟ ଦାୟିତ୍ୱରେ ଥିବା କାଉନସିଲର ଦୀପକ ରଂଜନ ବିଶ୍ୱାଳଙ୍କୁ ଏକ ଚେକ ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୧୦ ବର୍ଷ ପୂର୍ବେନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ ଅଦ୍ୟାବଧି ସରି ନଥିବା ବେଳେ ଏହାକୁ ଯୋଗାଯୋଗ ପାଇଁ ଆରମ୍ଭରୁ ରାସ୍ତା ସମସ୍ୟା ଦେଖା ଦେଇ ଥିଲା । ବହୁ ଦିନ ପରେ ଏହାର ସମାଧାନ ନିମନ୍ତେ ବିଧାୟିକାଙ୍କ ଆଗ୍ରହ କ୍ରମେ ଓ୍ୱାର୍ଡ ନଂ ୩ ଓ୍ୱାର୍ଡ ନଂ ୫ ସୀମାନ୍ତ ବର୍ତ୍ତି ଶିଶୁ ମନ୍ଦିର ପଡିଆ ପାର୍ଶ୍ୱରେ ପ୍ରାୟ ୨୦୦ ମିଟର ରାସ୍ତା ମାଟି ପକାଇ ନିର୍ମାଣ କରା ଯିବାକୁ ସ୍ଥିର କରାଗଲା ।

ମାଟି ନିମନ୍ତେ ଏନ ଏ ସି ପକ୍ଷରୁ ହିନ୍ଦୋଳ ତହସିଲଦାରଙ୍କୁ ଚିଠି କରା ଯିବା ପରେ ସମସ୍ତ ପାରି ସଦଙ୍କ ଜ୍ଞାତ ସାରରେ ଏନ ଏ ସି କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ଦେଓ ଙ୍କ ତ%ା ବଧାନରେ ୫ ନଂ ଓ୍ୱାର୍ଡର କାଉନସିଲରଙ୍କ ସମର୍ଥକ ରାଜେଶ ପାଳ ଏହି କାର୍ଯ୍ୟ କଲେ ଏବଂ ଏବଂ କଲ୍ୟାଣୀ ମଣ୍ଡପକୁ ସ୍ଥାୟୀ ମାଟି ରାସ୍ତା ବାହାରିବା ସହ ନିର୍ମାଣ କାର୍ଯ୍ୟ ରାନିତ ହେଲା । କାଉନସିଲର ଦୀପକ ରଂଜନ ବିଶ୍ୱାଳଙ୍କ ଅଭିଯୋଗ ଅନୁସାରେ କାମ ଶେଷ ପରେ ବିଲ କରାଇବା ପାଇଁ ଯନ୍ତ୍ରୀଙ୍କୁ ବାରମ୍ବାର କହିବା ପରେ ଦୀର୍ଘ ୮ ମାସ ପରେ ସେ କୁଆଡେ ୧ ଲକ୍ଷ ୫୩ ହଜାର ୪୨୮ ଟଙ୍କାର ବିଲ କଲେ ଏବଂ ପରବର୍ତ୍ତୀ ସମୟରେ ଆଉ ବଳକା ଟଙ୍କାକୁ ହୋମ ପାଇପ ପକେଇଲା ପରେ ବିଲ କରାଯିବ କହି ତାଙ୍କୁ ବିଗତ ବର୍ଷ ତା ୨-୧୨-୨୦୨୫ ରିଖରେ ଉପରୋକ୍ତ କାର୍ଯ୍ୟ ବାବଦ ୫% ପ୍ରତିଶତ ପିସି ବାବଦକୁ କାଟି ଅର୍ଥା ୮ ହଜାର ଟଙ୍କା କାଟି ୧ ଲକ୍ଷ ୪୫ ହଜାର ୪୨୮ ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ । ଏଠାରେ ପ୍ରଶ୍ନ ଉଠୁଛି କଲ୍ୟାଣ ମଣ୍ଡପ ରାସ୍ତା ନିର୍ମାଣ ଭଳି ଏକ ମହତପୂର୍ଣ୍ଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଲ କରିବା ପରିବର୍ତ୍ତେ ଉଦ୍ଦେଶ୍ୟ ମୂଳକ ଭାବେ ବିଲ ନକରିବା ଏବଂ ଜଣେ ପାରିଷଦଙ୍କ ସମ୍ମୁଖରେ ବାରଣ କରିବା ସେ%ା ପ୍ରମାଣ ଗତ ଭାବେ କିଭଳି ସରକାରୀ ଟଙ୍କାରୁ ପି ସି ବାବଦକୁ କାଟି ରଖିଲେ ତାହା ଆଶ୍ଚର୍ଯ୍ୟ ଚକିତ କରୁଛି । ଏହାର ବିଧିବଧ ତଦନ୍ତ ନିମନ୍ତେ ଶ୍ରୀ ବିଶାଳ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ସମେତ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇ ଛନ୍ତି । ଏହି ସମ୍ପର୍କରେ ମତାମତ ଲୋଡ଼ିବାରେ ଏନ ଏ ସି ଅଧିକାରୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବାର ପ୍ରକାଶ କରିଛନ୍ତି । ହସ୍ତଗତ ହେଲେ ସମସ୍ତ ତଥ୍ୟ ଜଣା ପଡ଼ିବ ବୋଲି ଆଶା କରା ଯାଉଛି । ଯନ୍ତ୍ରୀ ଶ୍ରୀମତୀ ଦେଓଙ୍କୁ ତାଙ୍କ ଫୋନ ଯୋଗେ ବାରମ୍ବାର ଯୋଗା ଯୋଗ କରା ଯାଇ ଥିଲେ ମଧ ସେ ଫୋନ ଉଠେଇ ନଥିଲେ ।

# ଅନୁଗୋଳରେ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ



ଅନୁଗୋଳ,(ସବ୍ୟୁ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ଯକ୍ଷ୍ମା ଦିବସ -୨୦୨୬ ସ୍ଥାନୀୟ ସଭାଘର ଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଙ୍ଗଠିତ ଭାବରେ ଯକ୍ଷ୍ମା ରୋଗର ମୁକାବିଲା କରିବାକୁ ଜନସାଧାରଣଙ୍କୁ କହିଥିଲେ । ଅତୀତରେ ଆମେ ଯେପରି ସମୂହ ପ୍ରଚେଷ୍ଟା ଦ୍ୱାରା ପୋଲିଓ ଏବଂ ବସନ୍ତ ପରି ଭୟଙ୍କର ବ୍ୟାଧିକୁ ସମୂଳେ ବିନାଶ କରିବାରେ ସଫଳ ହୋଇଛେ ସେହିଭଳି ସଙ୍କଳ୍ପବଦ୍ଧତା ସହ ଯକ୍ଷ୍ମା (ଟି ବି ) ନିରାକରଣ ପାଇଁ କାର୍ଯ୍ୟକରିବାକୁ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତର ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ ଯକ୍ଷ୍ମା ରୋଗର ଇତିହାସ ଓ ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହ ଏହି ସାମାଜିକ ବ୍ୟାଧିକୁ ଦୂର କରିବାକୁ ସଙ୍ଘବଦ୍ଧ ଭାବେ ଚେଷ୍ଟା କରିବାକୁ କହିଥିଲେ ।

ଏହି ଅବସରରେ "ଟିବି ମୁକ୍ତ ପଞ୍ଚାୟତ' ଅଭିଯାନରେ ଯୋଗ୍ୟତା ହାସଲ କରିଥିବା ଜିଲ୍ଲାର ୭୪ ଗୋଟି ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା । ଅନୁଗୋଳ ବ୍ଲକର ମାଣିକଯୋଡି ପଞ୍ଚାୟତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଜିଲ୍ଲାର ୨୮ ଟି ପଞ୍ଚାୟତ ରୌପ୍ୟ ପଦକ ଓ ୪୫ଟି ପଞ୍ଚାୟତ ବ୍ରୋଞ୍ଜ ପଦକ ପାଇଛନ୍ତି । ଏହି ପରିପ୍ରେକ୍ଷୀରେ ଯକ୍ଷ୍ମାମୁକ୍ତ ଜିଲ୍ଲା ଗଠନ ପାଇଁ ଏକ ୧୦୦ ଦିନିଆ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଛି ଯାହା ମାଧ୍ୟମରେ ଯୁଦ୍ଧକାଳୀନ ଭିତ୍ତିରେ ରୋଗୀ ଚିହ୍ନଟ ଓ ସମ୍ପୂର୍ଣ୍ଣ ନିରାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଓ ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ସୋମନାଥ ରାଉତ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ପାଲଲହଡା ବିଧାୟକଙ୍କ ପ୍ରତିନିଧି ବସନ୍ତ ମଞ୍ଜରୀ ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ତ୍ରିବେଣୀ ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିହ୍ନୟୀ ସାମନ୍ତରାୟ, ଜେ.ଏସ.ପି.ଏଫ. ପ୍ରବନ୍ଧକ ଦିଲ୍ଲୀପ ସିହ୍ନା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଟି ବି) ଡ. କ୍ରିଷ୍ଣଚନ୍ଦ୍ର ପାଲଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ସରପଞ୍ଚ, ଆଶାକର୍ମୀ, ନର୍ସିଂ ଛାତ୍ର ଛାତ୍ରୀ, ସ୍ୱାସ୍ଥ୍ୟ କର୍ମୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ପଥରମୁଣ୍ଡା ଏସଏସଭିଏମର ନୂତନ ପରିଚାଳନା ସମିତି



କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ପଥରମୁଣ୍ଡା ଏସ ଏସ ଭି ଏମ ପରିଚାଳନା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ଉପ ସଭାପତି ଧରଣୀ ଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ସହ ସମ୍ଭାଗ ସଂଯୋଜକ ବିରଞ୍ଚିନାରାୟଣ ମହାପାତ୍ର, ସଂକୁଳ ସଂଯୋଜକ ଶୁଶାନ୍ତ କୁମାର ତ୍ରିପାଠୀ , ସଂକୁଳ ପ୍ରମୁଖ ରଘୁନାଥ ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କ ରେ ଆଲୋଚନା କରିଥିଲେ । ପରେ ବିଦ୍ୟାଳୟର ନୂତନ ପରିଚାଳନା ସିମିତିଗଠନ କରାଯାଇଥିଲା ।

ସମିତିର ସଭାପତି ଭାବରେ ବ୍ରଜବଂଧୁ ବିଶାଳ, ଉପସଭାପତି ବିସ୍ମୟ କୁମାର ବିଶାଳ, ସମ୍ପାଦକ ଗୋବର୍ଦ୍ଧନ ସାହୁ, ସହସମ୍ପାଦକ ଭବାନୀ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ତ୍ରିଲୋକ ରଂଜନ ପାତ୍ର, ସଦସ୍ୟା ଭାବରେ ରଶ୍ମିତା ମହାଲିକ ଓ ପ୍ରମିତା ସାହୁଙ୍କୁ ମନୋନୀତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ଗୋରୁ ଚାଲାଣ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗ ଥାନା ଅଞ୍ଚଳ ରୁ ବେଆଇନ ଭାବରେ କିଛି ଦିନ ହେବ ଗୋରୁ ଚାଲାଣ କରାଯାଉଛି । ବାରମ୍ବାର ବେଆଇନ ଭାବରେ ଗୋରୁ ଚାଲାଣ କରାଯାଉଥିଲେ ମଧ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ଦେଖାଯାଇଛି । ଅବାଧ ଗୋରୁ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ପେଡିପଥର ଅଞ୍ଚଳବାସୀ ମାନେ ମଙ୍ଗଳବାର ଦିନ ଅନୁଗୋଳ ଜିଲ୍ଲାପାଳ ଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଅଞ୍ଚଳବାସୀ ତାଙ୍କ ଦାବି ପତ୍ର ରେ ଉଲେଖ କରିଛନ୍ତି ବିଶେଷ କରି କୁର୍ତିବାସପୁର , କୁରୁମଟାପ ,ଆମ୍ବସରମୁଣ୍ଡା ,ପାଇକସାହି , କନ୍ତପଡା ପଂଚାୟତ ଅଞ୍ଚଳ ରୁ ପ୍ରତେକ ଦିନ ଗୋରୁ ବ୍ୟବସାୟୀ ମାନେ ଗୋରୁ ସଂଗ୍ରହ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି । ସହ ସହ ଗୋରୁ ନାକିଚି ଦେଇ ହଣ୍ଡପା , ହିଞ୍ଜିରିଡା , ଦେଇ କଣ୍ଟେନର ସାହାଜ୍ୟ ରେ ରାଜ୍ୟ ବାହାର କୁ ଚାଲାଣ କରୁଛନ୍ତି । ପ୍ରତେକ ବୁଧବାର ଦିନ ସହ ସହ ଗୋରୁ ଏହି ଦୁଇ ଥାନା ଦେଇ ଯାଉଥିଲେ ମଧ ପୋଲିସ ଦୃଷ୍ଟି ଦେଉନଥିବା ଯୋଗୁଁ ଅସନ୍ତୋଷ ଦେଖାଯାଇଛି । ଗୋରୁ ବ୍ୟବସାୟୀ ମାନେ କିଛି ଅସାଧୁ ପୋଲିସ ଙ୍କୁ ମାସିକିଆ ହାତ ଗୁଞ୍ଜା ଦେଇ ଏହି କାରବାର କରୁଥିବା ନାକିଚି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହୋଇଛି ।

# ପିଜିସିଆଇଏଲ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନଦେଲେ ଆନ୍ଦୋଳନ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳୀସ୍ଥ ପିଜିସିଆଇଏଲ ରେ କାମ କରୁଥିବା ୬ ଜଣ ଠିକା ଶ୍ରମିକଙ୍କୁ କମ୍ପାନୀ ଛଟେଇ କରିଛି । ଏହାର ପ୍ରତିବାଦରେ ଅନୁଗୋଳ ଡିଷ୍ଟ୍ରିକଫ ପିଜିସିଆଇଏଲ ୱାର୍କର୍ସୟୁନିୟନ ପକ୍ଷରୁ ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଇଲେକଟ୍ରିକାଲ ବିଭାଗରେ ସମସ୍ତ କାର୍ଯ୍ୟ ଦିବସରେ କାମ ଦେବା, ଇଏସଆଇ କାର୍ଡ ସମସ୍ତ ଶ୍ରମିକଙ୍କୁ ପ୍ରଦାନ କରିବା ଦାବୀରେୟୁନିୟନ ପକ୍ଷରୁ ଦାବୀ କରାଯାଇଛି ।

୨୪ ମାର୍ଚ୍ଚ ସୁଦ୍ଧା ସମାଧାନ ନ କଲେ ୨୬ ମାର୍ଚ୍ଚ ଠାରୁ କାର୍ଯ୍ୟ ବଂଦ ଆନ୍ଦୋଳନ କରାଯିବ ବୋଲିୟୁନିଅନ ପକ୍ଷରୁ ଲିଖିତ ଭାବରେ ପିଜିସିଆଇଏଲ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନକୁ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ୟୁନିଅନ ପକ୍ଷରୁ ମଙ୍ଗଳବାର ସଂଧ୍ୟା ୬ଟା ବେଳେ ରେଙ୍ଗାଳୀ ବଜାରରେ ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା । ଏଥିରେ ୟୁନିୟନର ସଭାପତି ଜୟସେନ ମେହେର , ସାଧାରଣ ସଂପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ , ବଂଶୀଧର ସାହୁ, କୈଳାସ ମାଝି, ଗୌତମ ସେଠୀ, ବିନୋଦ ନାଏକ ସହିତ ଓଏଚପିସି ଶ୍ରମିକ ମାନେ ଯୋଗ ଦେଇଥିଲେ ।

# ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୧ ଲକ୍ଷ ୯ ହଜାର

ସାଉଥବଲଣ୍ଡା/ତାଳଚେର, (ସବ୍ୟୁ) : ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ବୁଧବାର ଦିନ ଖୋଲା ଯାଇଥିଲା। ତାଳଚେର ଡେପୁଟି କଲେକଟର ଧର୍ମେନ୍ଦ୍ର କୁମାର ଶତପଥି, ପୂର୍ବତନ ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଗଗନ ବିହାରୀ ସାହୁ, ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା ।

ଏଥିରୁ ମୋଟ ଏଗାର ଲକ୍ଷ ନଅ ହଜାର ଛଅ ଶହ ଅନେଶତ ଟଙ୍କା (୧୧,୦୯,୬୯୯ ଟଙ୍କା) ସଂଗୃହୀତ ହୋଇଥିଲା। ଗୋପାଳପ୍ରସାଦ ଥାନାର କନେଷ୍ଟବଳ ବିଷ୍ଣୁସେନ ବେହେରା, ହାବିଲଦାର ବୁଦ୍ଧଦେବ ପ୍ରଧାନ, ବିଭୁତି ଭୂଷଣ ସାମଲ, ବିକାଶ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ଆଦିତ୍ୟ ବେହେରା, ଚରଣ ବେହେରା, ବଟକୃଷ୍ଣ ବାରିହା, ରଘୁନାଥ ବେହେରା, ସିପୁନ୍ ବାରିହା, ଟିକନ୍ ସାମଲ, ଜିଲଟୁ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଘରୁ ନାଗ ସାପ ଉଦ୍ଧାର

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳ ର ଅଶୋକ କୁମାର ସାହୁ ଙ୍କ ଘରୁ ମଙ୍ଗଳବାର ରାତି ରେ ଏକ ବିଷାକ୍ତ ନାଗ ସାପ କୁ ଉଦ୍ଧାର କରା ଯାଇଛି । ବାହାର ଅଞ୍ଚଳ ରୁ ଏକ ନାଗ ସାପ ଅଶୋକଙ୍କ ଘର ଭିତରକୁ ପଳାଇ ଆସିଥିଲା । ଅଶୋକ ଉକ୍ତ ର ନାଗ ସାପ କୁ ଦେଖି ଭୟ ରେ ବାହାରକୁ ପଳାଇ ଆସିଥିଲେ । ପରେ ଉକ୍ତ ନାଗ ସାପ କୁ ସୁରକ୍ଷିତ ଅବସ୍ଥା ରେ କିପରି ଉଦ୍ଧାର ହେବ ସେ ନେଇ ଅଶୋକ ମାଧପୁର ଅଞ୍ଚଳ ସିଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ ଖବର ପାଇ ସିଧେଶ୍ୱର ଅଶୋକ ଙ୍କ ଘରେ ପହଁଚି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡି ଥିଲେ ।

# ବିଦ୍ୟୁତ୍ ବିଭାଗ ଗାଡି ଦୁର୍ଘଟଣା: ଜଣେ ଗୁରୁତର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସଦରଥାନା ଝାରଗାଡିଆ ଫାଣ୍ଡି ଅନ୍ତର୍ଗତ ବଳରାମପୁର-ଗଦାଶିଳା ରାସ୍ତାରେ ଭାରସାମ୍ୟ ହରାଇ ବିଦ୍ୟୁତ ବିଭାଗ ଗାଡି ଦୁର୍ଘଟଣା ଗ୍ରସ୍ତ ହେବାକୁ ଯୋଗ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି । ସୂଚନା ଅନୁସାରେ କୌଣସି କାର୍ଯ୍ୟରେ ବିଦ୍ୟୁତ ବିଭାଗର ଗାଡି ନଂ ଓଡି୦୬ଜେ୨୫୦୮ ଗାଡିଟି ଗଦାଶିଳାକୁ ଫେରୁଥିବା ବେଳେ ହଠାତ ତାଳପୋଖରୀ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା । ଫଳରେ ଗାଡିରେ ଥିବା ସୁପରଭାଇଜର ବିଜୟ ପୃଷ୍ଟି ଗୁରୁତର ଆହତ ହୋଇଥିଲେ । ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ତାକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାର ଜଣାପଡିଛି । ଏହି ଗାଡିର ଫିଟନେସ ନଥିବା ବେଳେ କାଗଜପତ୍ର ନଥିବାର ଆଲୋଚନା ହେଉଛି ।

# ପରିବହନ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର : ୪୮ ୟୁନିଟ ସଂଗୃହୀତ



ଅନୁଗୋଳ, (ସବ୍ୟୁ) : ଅନୁଗୋଳ ରନ୍ତଲେଇ ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଦ୍ୱାରା ମୂଲ୍ୟବାନ ଜୀବନ ରକ୍ଷା କରିବା ଏବଂ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ବିତ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ସକାଳ ୮ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଚାଲିଥିଲା । ସୁରକ୍ଷା - ଜୀବନ ରକ୍ଷା ବାର୍ତ୍ତାକୁ ପ୍ରାଧାନ୍ୟ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୮ ୟୁନିଟ ରକ୍ତ ସଂଗୃହିତ ହୋଇଛି । ଶିବିରରେ ସ୍ଥାନୀୟ ଆଦର୍ଶ ଇଞ୍ଜିନିୟରିଂ କଲେଜ ଓ ସରକାରୀ ପଲିଟେକନିକର ଛାତ୍ରଛାତ୍ରୀ, ଡ୍ରାଇଭର ମହାସଂଘର ସଦସ୍ୟ ଏବଂ ମୋଟର ଗାଡ଼ି ଶୋ-ରୁମ ମାଲିକମାନେ ସହଯୋଗ କରିଥିଲେ ।

କାର୍ଯ୍ୟକ୍ରମରେ ପରିବହନ ବିଭାଗର ମୋଟର ଯାନ ନିରୀକ୍ଷକ ରାଜେଶ କୁମାର ମହାପାତ୍ର, ଟ୍ରାଫିକ ମୋଟର ଇନ୍ସପେକଟର ସୁମନ୍ତ ସେଠୀ, ଡେପୁଟି ସୁପରିଟେଣ୍ଡେଣ୍ଟ ରମାକାନ୍ତ ନାୟକ,ଟ୍ରାଫିକ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତାପସ ରଞ୍ଜନ ମୁନ୍ନା, ଜୁନିୟର ମୋଟର ଯାନ ନିରୀକ୍ଷକ ସନ୍ଧ୍ୟାରାଣୀ ନାୟକଙ୍କ ସମେତ ସେକ୍ସନ ଅଫିସର ଶାନ୍ତନୁ କୁମାର ସାହୁ, ସିନିୟର ଆସିଷ୍ଟାଣ୍ଟ ଗଗନ କୁମାର ପରିଜା, ଶ୍ରୀ ନାରାୟଣ ବେହେରା, ଦୀପ୍ତେସ ଦେହୁରୀ, ଶୁଭ୍ରକାନ୍ତ ପ୍ରଧାନ, ସୁଧାଂଶୁ କୁମାର ସାହୁ, ବେଣୁଧର ପ୍ରଧାନ ଓ ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ଭାଇଭର ନେଟ୍‌ୱାର୍କ ସମ୍ପର୍କରେ ସଚେତନତା

ଠାକୁରଗଡ଼, (ସବ୍ୟୁ) : ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ମାଧ୍ୟମରେ ବାଲ୍ୟ ବିବାହ ରୋକା ହୋଇଥିବା ଝିଅ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ନେଇ ଏକ ସର୍ଭାଇଭର ନେଟଓ୍ୱାର୍କ ସମ୍ପର୍କ ରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଦିନ କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳୀ ନିକଟରେ ଅନୁଷ୍ଠିତ ହେଇଯାଇଅଛି ।ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ କୋଷାଧ୍ୟକ୍ଷା ଭାରତୀ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ଶିଶୁ ଅଧିକାର ,ଶିଶୁ ଚାଲାଣ, ଶିଶୁ ନିର୍ଯାତନା ସମ୍ବନ୍ଧୀୟ ଆଇନ ଗତ ବ୍ୟବସ୍ଥା ,ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ସୁରକ୍ଷା କମିଟିର ଭୂମିକା, କିଶୋରୀ ଓ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ଅଭିଭାବକ ଓ ପିଲାମାନଙ୍କୁ ଅବଗତ କରାଇଥିଲେ । ବ୍ୟକ୍ତିଗତ ଭାବେ ସବୁ ପୀଡିତା ଓ ଅବିଭାବକମାନଙ୍କ ସହିତ ସଂକ୍ଷେପରେ କେସ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ଆଇନ ଗତ ସମସ୍ୟା ବିଷୟରେ ମଧ ଆଲୋଚନା ହେଇଥିଲା ବିଶ୍ୱ ଯୁବ କେନ୍ଦ୍ରର କୋଷାଧକ୍ଷ କିଶୋରାବସ୍ଥାରେ ଶାରୀରିକ ପରିବର୍ତ୍ତନ, ହର୍ମୋନର ପରିବର୍ତ୍ତନ, ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା, ବାଲ୍ୟ ବିବାହର କୁପ୍ରଭାବ, ଯୌନ ସଂକ୍ରାମିତ ରୋଗ, ଏଡ୍ସ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ସେ ଏହା ମଧ କହିଥିଲେ ଯେ ପ୍ରଜନନ ସ୍ୱାସ୍ଥ୍ୟ ମାନେ କେବଳ ରୋଗ ନଥିବା ଅବସ୍ଥା ନୁହେଁ, ବରଂ ଶାରୀରିକ, ମାନସିକ ଓ ସାମାଜିକ ଭାବେ ସୁସ୍ଥ ଅବସ୍ଥାକୁ ବୁଝାଏ । ଏହା ପୁରୁଷ ଓ ନାରୀ ଉଭୟଙ୍କ ପାଇଁ ସମାନ ଭାବେ ଜରୁରୀ । ପରିଶେଷରେ ସମସ୍ତ ପୀଡିତାଙ୍କୁ ବିଶ୍ୱ ଯୁବ କେନ୍ଦ୍ର ତରଫରୁ ନୀତି ଦିନିଆ ଉପହାର କୀଟ ପ୍ରଦାନ କରାଯଇଥିଲା । ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଯୁବ କେନ୍ଦ୍ରର ଅଭିଷେକ ମହାପାତ୍ର, ପ୍ରକଳ୍ପ ସଂଯୋଜିକା ପୂଜା ସ୍ୱାଇଁ, ଦୀପି ଦେହୁରୀ, ପପି ଦେହୁରୀ ସହଯୋଗ କରିଥିଲେ ।

# ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହରର ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡ ଠାରେ ଢେଙ୍କାନାଳ ଆଞ୍ଚଳିକ ପରିବହନ ବିଭାଗ ଓ କାମାକ୍ଷାନଗର ଅଗ୍ନିଶମ ବାହିନୀର ମିଳିତ ସହଯୋଗରେ ଏକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହଠାତ କୌଣସି ଜନଗହଳି ପୂର୍ଣ୍ଣ ସ୍ଥାନରେ ନିଆଁ ଲାଗିଲେ ବିଚଳିତ ନହୋଇ କିପରି ନିଆଁକୁ ଆୟତ କରାଯିବ ସେ ନେଇ ସାଧାରଣ ଲୋକଙ୍କୁ ସଚେତନତା କରାଯାଇଥିଲା । ରନ୍ଧନ ଗ୍ୟାସରେ ନିଆଁ ଲାଗିଲେ ତାକୁ କିପରି ଆୟତ କରାଯାଇ ପାରିବ ସେ ନେଇ ବିଶେଷ ଭାବେ ଅଗ୍ନିଶମ ବାହିନୀ ତରଫରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ କୌଶଳ ପ୍ରଦର୍ଶିତ କରାଯାଇଥିଲା ।

ଏହି କାଯ୍ୟକ୍ରମରେ କାମାକ୍ଷାନଗର ବସ ମାଲିକ ସଙ୍ଘ, ଡ୍ରାଇଭର ସଙ୍ଘ, ବହୁ ସଂଖ୍ୟକ ଯାତ୍ରୀ ଉପସ୍ଥିତ ଥିଲେ ।କାମାକ୍ଷାନଗର ଅଗ୍ନିଶମ ବାହିନୀ ତରଫରୁ ମୁଖ୍ୟ ଅଗ୍ନିକ ଶ୍ରୀକାନ୍ତ ବଳବନ୍ତରାୟ ନିଆଁକୁ ଆୟତ କରିବାର କୌଶଳ ପ୍ରଦର୍ଶିତ କରିଥିବା ବେଳେ ଡ୍ରାଇଭର ହାବିଲଦାର ରାଜୀବ ଲୋଚନ ସାହୁ, ଆଗ୍ନିକ ପ୍ରଣତ କୁମାର ହୋତା, ସୌମ୍ୟ ରଞ୍ଜନ ଭୂତିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଢେଙ୍କାନାଳ ଆଞ୍ଚଳିକ ପରିବହନ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀ ମଧ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବଡହୁଲା ଗ୍ରାମରେ ଦଣ୍ଡଯାତ୍ରା ଉଦ୍‌ଘାଟିତ



ଠାକୁରଗଡ, (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ପଞ୍ଚାୟତ ର ବଡହୁଲା ଗ୍ରାମରେ ବୁଧବାର ଦିନ ଦଣ୍ଡଯାତ୍ରା ଉଦଘାଟିତ ହୋଇ ଯାଇଛି । ମଙ୍ଗଳବାର ଦିନ କାଳୀପୂଜା କରାଯିବା ପରେ ବୁଧବାର ଦିନ ଶିବ ଙ୍କୁ ପୂଜା କରାଯାଇ ଦଣ୍ଡ ଯାତ୍ରା ଶୁଭାରମ୍ଭ କରାଯାଇଥିଲା । ଗ୍ରାମ ପୂଜକ ଦିଲ୍ଲୀପ ଆଚାର୍ଯ୍ୟ, ଯଥା ରୀତି ନିୟମ ଅନୁସାରେ ପୂଜା କରିଥିଲେ । ପରେ ମନ୍ଦିର ପୂଜକ ସର୍ବେଶ୍ୱର ମହାପାତ୍ର, ପ୍ରଭୁ ଶିବଙ୍କୁ ପୂଜା କରିବା ସହ ମନ୍ଦିରରୁ ଗ୍ରାମକୁ ନେଇଥିଲେ । ସେଠାରେ ପାଣି ଦଣ୍ଡ କରାଯିବା ପରେ ନିକଟରେ ଥିବା ପୋଖରୀ ରେ ବାଲୁକା ପୂଜା କରାଯାଇଥିଲା । ପରେ ମା ଦକ୍ଷିଣ କାଳୀଙ୍କୁ ପୂଜକ ଅର୍ଜୁନ ଶଙ୍ଖାରି, ପୂଜା କରିଥିଲେ। ଏହି ଯାତ୍ରା ବିଭିନ୍ନ ଗ୍ରାମରେ ୨୦ ଦିନ ଧରି ଅନୁଷ୍ଠିତ ହେବ ।

ଯାତ୍ରା କମିଟି ସଭାପତି କସ୍ତୁ ପ୍ରଧାନ,ଭୀଷ୍ମ ଦେହୁରୀ ଘାଷିନାଥ ଶଙ୍ଖାରି ସିଦ୍ଧାନ୍ତ ପ୍ରଧାନ, ଅନିଲ ପ୍ରଧାନ, ସର୍ପ୍ନେଶର ସାହୁ, କୁଞ୍ଜ ବିହାରୀ ଦେହୁରୀ , ସୁଦାମ ଚରଣ ପ୍ରଧାନ, ଯାଦବ ସଓ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ମନ୍ଦିରୀ ବେହେରା, ଗୋକୁଳା ପ୍ରଧାନ, ଅଭୟ ସାହୁ, ଧର୍ମେନ୍ଦ୍ର ପ୍ରଧାନ, କେଶବ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ

## ପାରିଷଦର ୪ ବର୍ଷର କାର୍ଯ୍ୟ ତାଲିକା ପ୍ରଦାନ

# ଅଧିକ କାର୍ଯ୍ୟ ପାଇଁ ମତାମତ ଲୋଡିଲେ ପୌରାଧକ୍ଷା




ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ପୌରାଂଚଳର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସବୁଠାରେ ପ୍ରଶଂସିତ ହେଉଥିବା ପୌରାଧକ୍ଷା ଜୟନ୍ତୀ ପାତ୍ର ନିଜ ପାରିଷଦର ଚାରି ବର୍ଷର କାର୍ଯ୍ୟ ତାଲିକା ଆଜି ସ୍ଥାନୀୟ ମହିଷାପାଟସ୍ଥିତ ବହୁମୁଖୀ ପ୍ରକୋଷ୍ଠ ସମ୍ମିଳନୀ କକ୍ଷରେ ଢେଙ୍କାନାଳ ପୌରାଂଚଳର ବିକାଶରେ ନାଗରୀକଙ୍କ ଭୂମିକା ସଂପର୍କିତ ସ୍ୱତନ୍ତ୍ର ଜନସାଧାରଣଙ୍କ ମତାମତ ଲୋଡିଥିଲେ।

ସୂଚନାଯୋଗ୍ୟ ଯେ, ଆଲୋଚନା ଚକ୍ର ସମାରୋହ କମିଟି ଦ୍ୱାରା ଆୟୋଜିତ ଆଲୋଚନା ଚକ୍ର "ଢେଙ୍କାନାଳ ପୌରାଂଚଳ ବିକାଶରେ ନାଗରିକଙ୍କ ଭୂମିକା'ରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦିପ୍ତୀରଞ୍ଜନ ସେଠୀ ଯୋଗଦେଇ ଆଗାମୀ ଦିନରେ ସହରର କଳେବର ବୃଦ୍ଧି ସହିତ ଏହାର ଉନ୍ନତି କଲ୍ପେ ଜିଲ୍ଲା ପ୍ରଶାସନ ଏବଂ ପୌର ପ୍ରାଶସନ ସହିତ ସହରବାସୀଙ୍କ ଗୁରୁଦାୟିତ୍ୱ ରହିଛି, ଯାହାକି ବିକାଶର କାର୍ଯ୍ୟଏକ ନିୟମିତ ପ୍ରକ୍ରିୟା, ଯିଏ ଏହି କାର୍ଯ୍ୟ କରିଥାନ୍ତି ସେହିମାନେ ମନେ ରହିଥାନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବରେ ପୌରାଂଚଳର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁ ବିକାଶ କାର୍ଯ୍ୟକୁ ଆହୁରି ଆଗକୁ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ବକ୍ତା ଭାବରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ଚାମ୍ବର ଅଫ୍ କମର୍ସ ସଭାପତି ରାଜେନ୍ଦ୍ର କୁମାର ଦାସ, ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ତଥା ଆଲୋଚନା ଚକ୍ର କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ରତନ ନାୟାର, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ର, ପରେଶ ଚନ୍ଦ୍ର ପଟ୍ଟନାୟକ, ରବିନାରାୟଣ ମହାନ୍ତି, ରାଜ କିଶୋର ବେହେରା, ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ସୁରେଶ ପାଣିଗ୍ରାହୀ, ମାତୃପ୍ରସାଦ ନନ୍ଦ, ଜ୍ଞାନେନ୍ଦ୍ର ବେହେରା, ବିରଂଚି ନାରାୟଣ ପାଣି, ଯୋଗିନାଥ ମହାନ୍ତି, ଅପର୍ଣ୍ଣା ରଥ, ବାହାଦୂର ପାଟସାହାଣୀ, ହୃଦୟାନନ୍ଦ ମହାନ୍ତି, ବସନ୍ତ କୁମାର ପଟ୍ଟନାୟକ, ହୃଦାନନ୍ଦ ଦ୍ୱିବେଦୀ, ଡକଟର ପ୍ରମୋଦ ନାୟକ, କାଉନ୍‌ସିଲର୍ ଅଭିମନ୍ୟୁ ପଣ୍ଡା ପ୍ରମୁଖ ବହୁ ବରିଷ୍ଠ ବିଶିଷ୍ଟ ନାଗରିକ ତଥା ପ୍ରତ୍ୟେକ ଓ୍ୱାର୍ଡ ଅଂଚଳର ମୁରବୀମାନେ ଆଗାମୀ ଦିନରେ ସହରକୁ ଅଧିକ ସୁନ୍ଦର ବଂ ସମସ୍ୟା ବିହୀନ କରିବା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ପୌରାଧକ୍ଷା ଜୟନ୍ତୀ ପାତ୍ର ସହରବାସୀଙ୍କ ପାଖରେ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ପୂର୍ବ ଚାରିବର୍ଷର କାର୍ଯ୍ୟକାରିତା ପ୍ରଦାନ କରିଥିଲେ। ସହରବାସୀଙ୍କ ଦ୍ୱାରା ପ୍ରଥମ ମହିଳା ଭାବରେ ସିଧାସଳଖ ନିର୍ବାଚିତ ହୋଇ ଜନସାଧାରଣ ଅଜସ୍ର ଭଲପାଇବା ଏବଂ ସ୍ନେହ ଆଶିର୍ବାଦ ଲାଭ କରି ପ୍ରତିଶ୍ରୁତ ଦେଇଥିବା କାର୍ଯ୍ୟରେ ୮୦ଭାଗ କାର୍ଯ୍ୟ ସଂପାଦିତ କରିପାରିଛୁ ବୋଲି ମତବ୍ୟକ୍ତ କରିଥିଲେ। ରାସ୍ତାଘାଟ, ବହୁମୁଖୀ ପ୍ରକୋଷ୍ଠ ଓ ଆଲୋକୀକରଣ ଠାରୁ ଆରମ୍ଭ କରି ଅନେକ ଲୋକ ହିତକର କାର୍ଯ୍ୟ କରାଯାଇପାରିଛି ବୋଲି ମତବ୍ୟକ୍ତ କରିଥିଲେ।

ଅତ୍ୟାଧୁନିକ ଟାଉନ୍ ହଲ, ସ୍ମାର୍ଟ ପାର୍କ, ଶିଶୁ ଉଦ୍ୟାନ, ବରେଣ୍ୟମାନଙ୍କ ପ୍ରତିମୂର୍ତ୍ତି, ପାର୍କିଂ ବ୍ୟବସ୍ଥା ଆଦି ଅନେକ କାର୍ଯ୍ୟ କରାଯାଇଛି ଏବଂ କରାଯିବ ବୋଲି ସୂଚନା ଦେଇଥିଲେ। ସମସ୍ତ ପୌରପାରିଷଦ, ସହକର୍ମୀ, କର୍ମଚାରୀ, ନିର୍ବାହୀ ଅଧିକାରୀ, ମନ୍ତ୍ରୀ, ସାଂସଦ, ଓଡିଶା ସରକାର, ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନ ଆଦି ସମସ୍ତଙ୍କ ସହଯୋଗରେ ସହର ସୁନ୍ଦର ଓ କମନୀୟ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ କଳାସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କମିଟି ଆବାହକ ଡଃ ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସହ-ଆବାହକ ଅଥୟ କୁମାର ସାହୁ ଏବଂ କମିଟି ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହରର ପ୍ରତ୍ୟେକ ଓ୍ୱାର୍ଡ, ବର୍ଗ ଏବଂ ଅନୁଷ୍ଠାନର ବିଶିଷ୍ଟ ନାଗରିକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ଷୟ ନାୟକ ଓ ସାଥୀ ସ୍ୱାଗତ ସଂଗୀତ ଗାନ କରିଥିଲେ ଏବଂ ଏହାକୁ ଅବନୀ ମିଶ୍ର ଗୀତ ରଚନା କରିଥିଲେ।

# ବାପାକୁ ହତ୍ୟା : ଜେଲ ଗଲେ ୩ ପୁଅ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡା ଗ୍ରାମପଞ୍ଚାୟତ କାଶିବେଡା ଗ୍ରାମରେ ବାପାକୁ ପିଟି ପିଟି ମାରିବା ଘଟଣାରେ ଅଭିଯୁକ୍ତ ୩ ପୁଅଙ୍କୁ ବୁଧବାର ଦିନ କୋର୍ଟ ଚାଲାଣ ହୋଇଛନ୍ତି ।କାଶୀବେଡା ଗ୍ରାମର ସୁଲେ ଗାଗରାଇ ଜଣେ ବଦମାସ ପ୍ରକୃତି ଓ ନିଶାଖୋର ଲୋକ । ପୂର୍ବରୁ ଗଣ୍ଡଗୋଳରେ ସାମିଲ କାରଣରୁ ୨୦ ବର୍ଷ ସଜା କାଟିଥିଲା । ହେଲେ ପ୍ରକୃତି ବଦଳି ନଥିଲା । ସର୍ବଦା ଲୋକଙ୍କ ସହିତ ଝଗଡା କରିବା, ନିଜ ସ୍ତ୍ରୀକୁ ମାଡ଼ ମାରିବା ଘଟଣା ଘଟୁଥିଲା । ଗତ ୨୩ ତାରିଖ ସୋମବାର ଦିନ ସୁଲେ ନିଜ ସ୍ତ୍ରୀକୁ ମାଡ଼ ଦେଇ ରକ୍ତାକ୍ତ କରି ପକେଇଥିଲା । ଘରେ ପୁଅ ମାନେ ଏସବୁ ଦେଖି ସହି ପାରିନଥିଲେ । ମାକୁ ରକ୍ଷା କରିବାକୁ ଯାଇ ବାପକୁ ଠେଙ୍ଗାରେ ପିଟିଥିଲେ । ୩ ପୁଅଙ୍କ ମାଡ଼ରେ ବାପା ସୁଲେର ମୃତ୍ୟୁ ଘଟିଥିଲା । ପୁଅ ମାନେ ମାକୁ ଠାକୁରମୁଣ୍ଡା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରି ଠାକୁରମୁଣ୍ଡା ଥାନାରେ ଆତ୍ମ ସମର୍ପଣ କରିଥିଲେ । ଘଟଣାର ଅନୁସନ୍ଧାନ କରି ଅଟକ ୩ ପୁଅ ତୁରାମ ଗାଗରାଇ (୨୮), ଈଶ୍ୱର ଗାଗରାଇ (୨୪) ଓ ପର୍ଶୁରାମ ଗାଗରାଇ (୨୧)ଙ୍କୁ କେଶ ନଂ ୩୫/୨୬ ବଳରେ କୋର୍ଟ ଚାଲାଣ କରିଛି ଠାକୁରମୁଣ୍ଡା ପୋଲିସ । ୩ ଜଣଙ୍କୁ କୋର୍ଟ ହାଜର ପରେ ଜାମିନ ବାତିଲ କାରଣରୁ ଜେଲ ହାଜତ ପଠାଇ ଦିଆଯାଇଛି।

## ଶ୍ରୀରାମ ନବମୀ ମହୋତ୍ସବ

# ୬୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା

ଭଦ୍ରକ,(ସବ୍ୟୁ): ଶ୍ରୀରାମ ମହାଯଜ୍ଞ ସମିତି,ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ବୁଧବାର ଦିନ କଳସ ଶୋଭାଯାତ୍ରା,ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ଣରେ ୪ଟି ଆଧ୍ୟାତ୍ମିକ ସ୍ଥଳୀ ଅଯୋଧ୍ୟା ଧାମ,ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣି,ଯାଜପୁରର ମା' ବିରଜା ଓ ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କ ଦ୍ୱାରା ଆଜ୍ଞା ମାଳ ଅଣାଯାଇ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ଣ ୪ଟାରେ ୬ହଜାରରୁ ଊର୍ଦ୍ଧ୍ୱ ମହିଳାମାନେ ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଳନ୍ଦୀ ନଦୀ ଘାଟରେ ପହଂଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ,ଅପର୍ତ୍ତ ବିନ୍ଧା ଛକ,କଚେରୀ ବଜାର,ଟାଉନହଲ ଛକ,ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି। ଏହି ପୂଜା ଯଥା,ରାମନବମୀ ଯଜ୍ଞ,ହନୁମାନ ଚାଳିଶା ପାଠ ଆଦି ୩ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତାକର୍ତ୍ତ୍ରୀ ଭାବେ ସନାତନ ସାହୁ,ପ୍ରହ୍ଲାଦ ନାୟକ,ଅମ୍ବିକା ପ୍ରସନ୍ନ ଦାସ,ସନ୍ତୋଷ ସାହୁ,ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି। ଆଜି ବାବା ଆଖଣ୍ଡଳମଣିଙ୍କ ପୀଠରୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ,ବରିଷ୍ଠ ସମାଜସେବୀ କିଶୋର ନାୟକ,ବିରଜା କ୍ଷେତ୍ରରୁ ସମିତିର ଉପଦେଷ୍ଟା ବଦ୍ରୀ ନାରାୟଣ ଧଳ,ଭଦ୍ରକାଳୀଙ୍କ ପୀଠରୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଅଯୋଧ୍ୟା ଧାମରୁ ରାଜୁ ବାଇତିଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଓ ବ୍ଲକ ସ୍ତରର ମହିଳା ନେତୃତ୍ୱମାନେ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ବିଶାଳ କଳସ ଶୋଭାଯାତ୍ରାରେ ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ,କାର୍ଯ୍ୟକାରୀ ସଭାପତି ବେଯାମକେଶ ସେନାପତି, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ,ଦୀନବନ୍ଧୁ ପତି, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ,ଆଇନଜୀବୀ ତୁଷାର କାନ୍ତ ଦାସ ଏବଂ ସ୍ୱରୂପା ନନ୍ଦ ମହାପାତ୍ର, କୋଷାଧକ୍ଷ ନିରଞ୍ଜନ ସାହୁ, ସହକୋଷାଧକ୍ଷ ଶିବଶଙ୍କର ଦାସ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ,ବରିଷ୍ଠ ସଦସ୍ୟ ଭଗବାନ ପଣ୍ଡା, ଶ୍ରୀହର୍ଷ ସ୍ୱାଇଁ, ସୁବ୍ରତ କୁମାର ନାୟକ, ଭାଗବତ ବାରିକ, ବିମ୍ବାଧର ସେନାପତି,ବିଭୁ ଚନ୍ଦନ ଜେନାସଂଯୁଲତା ପଣ୍ଡା, ସଞ୍ଜୁଲତା ରାଉତ, ତପସ୍ୱିନୀ ମହାପାତ୍ର, ଗୀତାଞ୍ଜଳି ବେହେରା, ଗୌତମୀ ପାଢ଼ୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।



## ମୁସ୍ତଫାବାଦ ଗାଁରେ ପୁଅର ଅମାନୁଷିକ କାଣ୍ଡ

# ସମ୍ପତ୍ତି ଲୋଭରେ ବାପାଙ୍କୁ ମାଡ଼ ମାରି ଭାଙ୍ଗିଦେଲା ଘର

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅଧିନ ମୁସ୍ତଫାବାଦ ଗ୍ରାମରେ ଜଣେ ପୁଅ ବାପାଙ୍କୁ ମାଡମାରି ଲହୁଲୁହାଣ କରିବା ପରେ ବାପାଙ୍କୁ ଘରେ ବନ୍ଦ କରି ପୈତୃକ ଘରକୁ ଭାଙ୍ଗିରୁଜି ନଷ୍ଟ କରିଥିବା ଅଭିଯୋଗ ହୋଇଛି । କେବଳ ଘରକୁ ଭାଙ୍ଗିନାହିଁ ବାପାକୁ ପାଣି ନଦେବା ଲକ୍ଷ୍ୟରେ ନଳକୂପକୁ ମଧ ଭାଙ୍ଗି ଦେଇଛି । ଗ୍ରାମବାସୀଙ୍କ ଅଭିଯୋଗ ପରେ ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପୁଅ ବିଦ୍ୟାଧର ଗିରି ଏବଂ ସହଯୋଗୀ ଆନନ୍ଦ ଗିରି ଓ ସତ୍ୟଜିତ ଗିରିଙ୍କୁ ଉଠାଇ ନେଇଛି । ବାପା ପ୍ରହ୍ଲାଦ ଗିରି(୭୫)ର ଏକମାତ୍ର ପୁଅ ବିଦ୍ୟାଧର ଓ ଗୋଟିଏ ଝିଅ(ବିବାହିତ) ଥିବା ବେଳେ ପୁଅ ବାପାଙ୍କୁ ଖାଇବା ପିଇବା ନଦେବାରୁ ଝିଅ ପ୍ରମିଳା ଜେନା ବାପା ପାଖରେ ରହି ୨ ଓଳି ଖାଇବା ପିଇବା ର ବନ୍ଦୋବସ୍ତ କରିଥିଲା । ବାପା କାଳେ ସମ୍ପତ୍ତିକୁ ଝିଅ ନାମରେ କରିଦେବ ଏହି ସନ୍ଦେହରେ ବିଦ୍ୟାଧର ପ୍ରହ୍ଲାଦ ଙ୍କ ଉପରେ ଅନେକ ସମୟରେ ଅତ୍ୟାଚାର କରୁଥିଲା । ବାପା ୨ଦିନ ତଳେ ଏ ସମ୍ପର୍କରେ ଖଇରା ଥାନାରେ ଅଭିଯୋଗ କରିଥିଲା । ଏଥିରେ ଉତ୍ତେଜିତ ହୋଇ ବିଦ୍ୟାଧର ମଙ୍ଗଳବାର ସକାଳେ ନିଜ କିଛି ସମ୍ପର୍କୀୟ ଭାଇଙ୍କୁ ଧରି ଏଭଳି ଅମାନବିୟ କାଣ୍ଡ ଘଟାଇଥିଲା।

# ଶବ ହୋଇ ଫେରିଲେ ଶ୍ରମିକ

ଠାକୁରମୁଣ୍ଡା , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମ ପଞ୍ଚାୟତ ରାବିନ୍ଧା ସାହିର ଅମର ବେହେରାଙ୍କ ପୁଅ ରଞ୍ଜିତ ବେହେରା (୨୧) କର୍ଣାଟକ ରାଜ୍ୟର (କଲାର) ଜିଲ୍ଲାକୁ କାମ କରିବାକୁ ଯାଇଥିଲା ବଳେ ୨୩ ତାରିଖ ଦିନ ମୃତ୍ୟୁ ବରଣ କରିଛନ୍ତି । ଘଟଣାରୁ ପ୍ରକାଶ ରଞ୍ଜିତ ବେହେରା ଏବଂ ପତ୍ନୀ ମାମିନା ବେହେରା ଅଗଷ୍ଟ ୨୦୨୫ ମସିହାରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କର୍ଣ୍ଣାଟକ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଗୋଟିଏ କୁକୁଡ଼ା ଫାର୍ମରେ ପତି ପତ୍ନୀ କାମ କରୁଥିଲେ। କୌଣସି ଘଟଣାକୁ ନେଇ ପତି ପତ୍ନୀ ମଧ୍ୟରେ ଝଗଡା ହେବା ପରେ ରଞ୍ଜିତ ଆତ୍ମହତ୍ୟା କରିଥିବା କୁହାଯାଉଛି । ୨୩ ତାରିଖ ରାତି ୧୧ ସମୟରେ ଘରକୁ ଖବର ଆସିଲା ପୁଅ ମୃତ୍ୟୁ ବରଣ କରିଛି। ପିତା ଅମର ବେହେରା ଖବର ପାଇ ବୋହୂ ମାମିନା ଏବଂ କୁକୁଡା ଫାର୍ମ ମାଲିକକୁ ଫୋନ କରି ଘଟଣା ଜାଣିଥିଲେ।୨୪ ତାରିଖ ଶବ ବ୍ୟବଚ୍ଛେଦ କରି ବୁଧବାର ସକାଳ ସାଢ଼େଦଶଟାରେ ରେ ଆମ୍ବୁଲାନ୍ସ ଯୋଗେ ତରାମରା ଗ୍ରାମରେ ପହଞ୍ଚିଥିଲା ମର ଶରୀର। ଖବର ପାଇ ଘଟଣାସ୍ଥଳରେ ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ରଞ୍ଜିତ ବେହେରା ୨୦୨୫ ମସିହା ଜୁନ ମାସ ୧୮ ତାରିଖରେ ବିବାହ କରିଥିଲେ। ଅମର ବେହେରାଙ୍କ ୩ ପୁଅ ମଧ୍ୟରୁ ରଞ୍ଜିତ ବଡ଼ ଏବଂ ରୋଜଗାରିଆ ପୁଅ ଥିଲା।

## ମୋନାଲିସା ଦାସଙ୍କ ମୃତ୍ୟୁ ମାମଲା

# ତଦନ୍ତ କରିବ କ୍ରାଇମ୍ ବ୍ରାଞ୍ଚ

ବାଲେଶ୍ୱର, (ସବ୍ୟୁ): ଜଳେଶ୍ୱର ଥାନା ଶାନ୍ତିଆ ଗ୍ରାମର ଯୁବ ଆଇନଜୀବୀ ସବ୍ୟସାଚୀ ଦାସଙ୍କ ପତ୍ନୀ ମୋନାଲିସା ଦାସଙ୍କ ଝୁଲନ୍ତାଶବ ୨୦୨୫ ମସିହା ଅଗଷ୍ଟ ୨୭ ତାରିଖ ଗଣେଶପୂଜା ଦିନ ତାଙ୍କଘରୁ ଉଦ୍ଧାର କରାଯାଇଥିଲା । ବାଲେଶ୍ୱର ଗୋପାଳଗାଁ ଅଞ୍ଚଳର ମୋନାଲିସାଙ୍କ ବାପଘର ଲୋକେ ଏହା ଏକ ଯୌତୁକଜନିତ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଥାନାରେ କେଶ୍ ନମ୍ବର ୩୮୫/୨୫ ନମ୍ବର ମାମଲା ରୁଜୁ କରିଥିଲା । ମାମଲାରେ ସବ୍ୟସାଚୀଙ୍କ ସହ ତାଙ୍କ ପରିବାରର ଏକାଧିକ ସଦସ୍ୟ ଅଭିଯୁକ୍ତ ଥିବାବେଳେ ମାମଲା ରୁଜୁ ହେବାର କିଛି ସପ୍ତାହ ମଧ୍ୟରେ ସବ୍ୟସାଚୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସେ ୬ ମାସରୁ ଅଧିକ ସମୟ ଧରି ବିଚାର ବିଭାଗୀୟ ଜେଲ୍‌ରେ ଥିବାବେଳେ ମୋନାଲିସାଙ୍କୁ ନ୍ୟାୟ ମିଳୁ ବୋଲି ତାଙ୍କ ବାପଘର ଲୋକେ ଦାବିକରି ଆସୁଥିଲେ। ଗତ ୨୦ ତାରିଖରେ ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ହାତକୁ ଯାଇଛି। ଜଳେଶ୍ୱର ପୁଲିସ ମାମଲାର ସମସ୍ତ ରେକର୍ଡ କ୍ରାଇମବ୍ରାଞ୍ଚଙ୍କୁ ହସ୍ତାନ୍ତର କରିଥିବାବେଳେ ଏକ ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଜଳେଶ୍ୱର ଆସି ମାମଲାର ପୁନଃତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ଶାନ୍ତିଆସ୍ଥିତ ସବ୍ୟସାଚୀଙ୍କ ଘରକୁ ଯାଇ ଏହି ଟିମ୍ ମୋନାଲିସାଙ୍କ ଶବ ଯେଉଁଠାରେ ଝୁଲୁଥିଲା ସେହି ସ୍ଥାନ ପରିଦର୍ଶନ କରିବା ସହ ପରିବାରର ଅନ୍ୟସଦସ୍ୟଙ୍କ ବୟାନ ରେକର୍ଡ କରିଛି। ପ୍ରକାଶଯୋଗ୍ୟ ଯେ, ମୋନାଲିସା ୨୦୨୧ରେ ସବ୍ୟସାଚୀଙ୍କୁ ବିବାହ କରିଥିବାବେଳେ ମୃତ୍ୟୁ ବେଳକୁ ତାଙ୍କର ଦୁଇବର୍ଷର ଏକ ପୁଅ ରହିଥିଲା। ଯୌତୁକ ପାଇଁ ସ୍ୱାମୀ ଓ ତାଙ୍କ ପରିବାରର ଅନ୍ୟମାନେ ମୋନାଲିସାଙ୍କୁ ହତ୍ୟା କରିଛନ୍ତି ବୋଲି ତାଙ୍କ ଭାଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସବ୍ୟସାଚୀଙ୍କ ପରିବାର ଏହା ଆତ୍ମହତ୍ୟା ବୋଲି କହିଆସୁଛନ୍ତି ।

# ଘଡ଼ଘଡିରେ ଜଣେ ମୃତ, ଜଣେ ବଧିର

ନୀଳଗିରି,(ସବ୍ୟୁ): ବୁଧବାର ଦିନ ନିଳଗିରି ଅଞ୍ଚଳରେ ବିଜୁଳି ଘଡ ଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ବିଜୁଳି ଘଡ ଘଡି ରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇ ଥିବାର ଖବର ମିଳିଛି। ସୂଚନା ଅନୁସାରେ ନିଳଗିରି ଏନ୍ ଏ ସି ର ୱାର୍ଡ ନମ୍ବର ୧ ଘାଟଘରସାହି ଗ୍ରାମର ଗଙ୍ଗାଧର ବେହେରାର ପୁଅ ଗଣେଶ୍ୱର ବେହେରା (୪୦) ପୋଡାଶୂଳ ବିଶ୍ୱାଳ ସାହିରେ ଜନୈକବ୍ୟକ୍ତିଙ୍କ ଘରେ ଛାତ ପକାଇ ଜରି ଢ଼ାଙ୍କୁ ଥିବା ବେଳେ ପ୍ରବଳ ବିଜୁଳି ସହ ଘଡ ଘଡି ମାରିବାରୁ ଘଟଣା ସ୍ଥଳରେ ଗଣେଶ୍ୱର ବେହେରାର ମୃତ୍ୟୁ ଘଟିଥିବା ବେଳେ ସିଆଡ଼ିମାଳ ଗ୍ରାମର ରାଜୁ ଦାସର ପୁଅ ବାବୁ ଦାସ ମଧ ବଧିର ହୋଇଥିବା ବେଳେ ଡାହାଣ କାନ କୁ କିଛି ଶୁଭୁ ନଥିବାର ଜଣା ପଡ଼ିଛି। ତୁରନ୍ତ ଦୁଇ ଜଣଙ୍କୁ ନିଳଗିରି ମେଡିକାଲ ଅଣା ଯାଇଥିଲା। ଗଣେଶ୍ୱର କୁ ମୃତ ଘୋଷଣା କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,(ସବ୍ୟୁ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ଜଣେ ଯୁବକ ଗାଧଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ସ୍ୱର୍ଗତ ଅନାମ ଚରଣ ଭୋଇଙ୍କ ପୁଅ ଶିବ ପ୍ରସାଦ ଭୋଇ(୪୦) ବୁଧବାର ଅପରାହ୍ଣ ୨ଟା ସମୟରେ ନିକଟସ୍ଥ ଠାକୁରାଣୀ ପୋଖରୀରେ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକ ଖୋଜାଖୋଜି କରି ପାଣି ଭିତରୁ ଉଦ୍ଧାର କରି ସୋର ଡାକ୍ତଖନାକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆସନ୍ତା କାଲି ଗୁରୁବାର ତାଙ୍କର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

# ରଶି ଲଗାଇ ଝୁଲି ପଡିଲେ ଡ୍ରାଇଭର

ଅସୁରାଳି,(ସବ୍ୟୁ): ।ମନଗର ବ୍ଲକ ଖପରପଦା ଗ୍ରାମର ନିରାକାର ମହାରଣା(୬୧) ଆତ୍ମହତ୍ୟା କରିଛନ୍ତି। ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ନିରାକାର ଏକ ପ୍ଲାଷ୍ଟିକ ରଶିକୁ ବେକରେ ଗୁଡେଇ ଭଦ୍ରକ-ଆଖଣ୍ଡଳମଣି ରାସ୍ତା ପାର୍ଶ୍ୱସ୍ଥ ମଙ୍ଗଳପୁର ଛକ ନିକଟ କପାଳି ନଦୀ କୂଳରେ ଥିବା ଏକ ଗଛରେ ଝୁଲି ପଡ଼ିଥିଲେ। ବୁଧବାର ସକାଳେ ସ୍ଥାନୀୟ ବାସିନ୍ଦା କପାଳି କୂଳରେ ଏକ ଝୁଲନ୍ତା ମୃତଦେହ ଦେଖିବା ପରେ ଏହା ଖପରପଦା ଗ୍ରାମର ନିରାକାର ମହାରଣା ବୋଲି ଚିହ୍ନଟ ହୋଇଥିଲା। ଧୂଷୁରୀ ପୁଲିସ ଘଟଣା ସ୍ଥାନରେ ପହଂଚି ଶବ ଜବତ କରିବା ସହ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜାଣଯାଇଛି। ଏନେଇ ଅପମୃତ୍ୟୁ ମାମଲା ନଂ-୦୫/୨୬ ରୁଜୁ କରାଯାଇଛି। ତାଙ୍କ ଆତ୍ମହତ୍ୟାର ସଠିକ କାରଣ ଜଣାପଡି ନଥିବା ବେଳେ ପାରିବାରିକ ଅବୁଝାବଣା ବୋଲି ସାଧାରଣରେ ସନ୍ଦେହ କରାଯାଉଛି।

# ମଦ ଜବତ, ଜଣେ ଗିରଫ

ଅସୁରାଳି,(ସବ୍ୟୁ): ଧୂଷୁରୀ ପୁଲିସ ଧାମନଗର ବ୍ଲକର ଅସୁରାଳିରୁ ଚୋରା ମଦ ଜବତ କରିବା ସହ ରାଜୁ ପାତ୍ର(୪୮)ଙ୍କୁ ଗିରଫ କରିଛି। ସ୍ଥାନୀୟ ଅଂଚଳର ରାଜୁ ପାତ୍ର ବେଆଇନ ଭାବେ ମଦ କାରବାର କରୁଥିବାବେଳେ ଗତକାଲି ପୁଲିସ ତାଙ୍କୁ ଧରିବା ସଙ୍ଗେ ସଙ୍ଗେ ୨୧ଲିଟର ବିଭିନ୍ନ ପ୍ରକାରର ବିଦେଶୀ ମଦ ଜବତ କରିଥିଲା। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ କେସ ନଂ-୧୪୦/୨୬ରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଭିଯୁକ୍ତ ମଦ ବେପାରି ରାଜୁ ପାତ୍ରଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ଗ୍ୟାସ ମହଙ୍ଗା,ଗୋବର ଘଷି ଚାହିଦା ବୃଦ୍ଧି

ଆଗରପଡ଼ା,ତା(ସବ୍ୟୁ):ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ଚାଲି ଥିବାରୁ ଏଲପିଜି ଗ୍ୟାସର ମୂଲ୍ୟ ବୃଦ୍ଧି ପାଇଛି ଓ ଏହାକୁ ପାଇବାକୁ ମଧ ଅହେତୁକ ବିଳମ୍ବ ଘଟୁଛି। ଏହାର ସ୍ଥାନ ପୂରଣ ପାଇଁ ଗୋବର ଘଷି ଚାହିଦା ଗାଁ ଗହଳିରେ ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ଅଳ୍ପ ଖର୍ଚ୍ଚରେ ରୋଷେଇ କାର୍ଯ୍ୟ ହୋଇ ପାରୁଥିବାରୁ ବର୍ତ୍ତମାନ ପ୍ରତି ରୋଷେଇ ଶାଳରେ ଏହା ମହଜୁଦ ରହିଲାଣି। ଅନ୍ୟପକ୍ଷରେ ଘଷି ପାରି ଓ ଏହାକୁ ବିକ୍ରୀ କରି ଲୋକେ ବେଶ୍ ଦୁଇ ପଇସା ରୋଜଗାର କରିବା ଆରମ୍ଭ କରିଛନ୍ତି।

# କାଳ ବୈଶାଖି : ଭାଙ୍ଗିଲା ଗଛ ସହ ଘର

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଅଞ୍ଚଳରେ ବୁଧବାର କାଳ ବୈଶାଖି ଅନୁଭୁତ ହୋଇଛି। ଏହା ପ୍ରଭାବରେ ଝଡବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଗଛଡାଳ ଭାଙ୍ଗିବା ସହ କଚାଘର କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ବିଶେଷ କରି ପନିପରିବା ଚାଷ ଓ ରବି ଧାନଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି।

# ଖୁଣ୍ଟ ଉପୁଡି ବିଦ୍ୟୁତ ସରବରାହ ଠପ

ଧାମନଗର, (ସବ୍ୟୁ): ଧାମନଗରରେ ବୁଧବାରି ଅପରାହ୍ଣ ରେ କାଳବୈଶାଖୀ ର ତାଣ୍ଡବ ଦେଖିବାକୁ ମିଳିଛି।ଅପରାହ୍ଣ ପ୍ରାୟ ୪ ଟ ରେ ହଠାତ ପ୍ରବଳ ବେଗରେ ପବନ ସାଙ୍ଗକୁ ବର୍ଷା ମାଡି ଆସିଲା।ପ୍ରାୟ ଅଧ ଘଣ୍ଟାଏରୁ ଅଧିକ ସମୟ ପବନର ତାଣ୍ଡବ ସାଙ୍ଗକୁ ପ୍ରବଳ ବର୍ଷା ଓ କୁଆପଥର ମାଡ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଥିଲା। କାଳବୈଶାଖୀ ପବନରେ ଧାମନଗର ଅଞ୍ଚଳରେ ନାହିଁନଥିବା କ୍ଷୟକ୍ଷତି ହୋଇଥିବା ଜଣାଯାଇଛି।ବହୁ କଚ୍ଚା ଘର ଛପର ଉଡିଯାଇଥିବାବେଳେ ବଡବଡ ଗଛ ଭାଙ୍ଗି ଅନେକ ସ୍ଥାନରେ ରାସ୍ତା ଅବରୋଧ ହୋଇଛି।କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଥିବାବେଳେ ନଡିଆ ଗଛ ଭାଙ୍ଗି ବିଦ୍ୟୁତ କେବୁଲ ଛିଡିଥିବା ଜଣାଯାଇଛି। ଦଳାଙ୍ଗ ଗ୍ରାମରେ ଏକ ବହୁ ପୁରୁଣା ଗଛ ଉପୁଡି ଜଣେ ବ୍ୟକ୍ତିଙ୍କ ଘର ଉପରେ ପଡିଥିବା ଜଣାଯାଇଛି। ଭଦ୍ରକରୁ ଧାମନଗର ଆସିଥିବା ୩୩ କେଭିଏ ବିଦ୍ୟୁତ ତାର ଅଧିକାଂଶ ଖୁଣ୍ଟରୁ ବାହାରିଯାଇଥିବା ବେଳେ ବିଦ୍ୟୁତ ବିଭାଗ ର ଏକ ଟିମ ଯୁଦ୍ଧ କାଳୀନ ଭିତ୍ତିରେ ଯାଞ୍ଚ ଓ ମରାମତି କାର୍ଯ୍ୟରେ ଲାଗିଛନ୍ତି ବୋଲି ବିଭାଗୀୟ ଯନ୍ତ୍ରୀ ସାସ୍ୱତ କୁମାର ନନ୍ଦୀ ସୂଚନା ଦେଇଥିବା ବେଳେ ପ୍ରକୃତ କ୍ଷୟକ୍ଷତି ଜଣାପଡିନାହିଁ ବୋଲି କହିଛନ୍ତି। ତେବେ ଅଧଘଣ୍ଟାଏ କାଳବୈଶାଖୀର ତାଣ୍ଡବ ଓ ଘଣ୍ଟାଏ କାଳ ପ୍ରବଳ ବର୍ଷା ଓ କୁଆପଥର ମାଡରେ ଧାମନଗର ଅଞ୍ଚଳର ବହୁ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି।

## ଧାନ ଉଠାଣ ବିଳମ୍ବ

# ରାସ୍ତା ଅବରୋଧ କଲେ ଚାଷୀ

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳି ସମବାୟ ସମିତି ଲିଃ ଅନ୍ତର୍ଗତ ଛତ୍ରପୁର ଶାଖା ଯାମୁନା ଧାନ କ୍ରୟ କେନ୍ଦ୍ରରେ ଟୋକନ ଅଛି ଟାର୍ଗେଟ ନାହିଁ, ନିର୍ଧାର୍ଯ୍ୟ ସମୟରେ ଧାନ ନେଉନଥିବା ଭଳି ଅନେକ ଏନେକ ଅବ୍ୟବସ୍ଥା କୁ ନେଇ ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ମାନେ ବୁଧବାର ୧୯ ନଂ ରାଜ୍ୟ ରାଜପଥ ନୀଳଗିରି ଝରଣଘାଟି ରାସ୍ତାର ଯାମୁନା ଠାରେ ଧାନବସ୍ତା ରାସ୍ତାରେ ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୫ ଘଣ୍ଟା ଧରି ରାଜ୍ୟରାଜପଥ ରାସ୍ତା ଅବରୋଧ ହୋଇ ଯିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଅନ୍ୟପକ୍ଷରେ ରାସ୍ତା ଅବରୋଧ କରିଥିବା ଚାଷୀଙ୍କ ସମସ୍ୟାକୁ ହୃଦବୋଧ କରି ସମାଧାନ ପାଇଁ ଘଟଣାସ୍ଥଳ ରେ ବରହମପୁର ପୋଲିସ ଏବଂ ନୀଳଗିରି ଏ.ଆର.ସି.ଏସ. ବିଷ୍ଣୁମୋହନ ମଲ୍ଲିକ, ନୀଳଗିରି ଏ.ସି.ଏସ.ଓ ବିଦ୍ୟୁତ ଲତା ନାୟକ, ଏମ.ଆଇ. ରାଜଲକ୍ଷ୍ମୀ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝିଥିଲେ। ଟାର୍ଗେଟ ବଢେଇବା, କଟନି ଛଟନି ବନ୍ଦ କରିବା, ସିରିଏଲ ଅନୁଯାଇ ଧାନ କ୍ରୟ କରିବା, ଶେଷ ହୋଇ ଯାଇଥିବା କ୍ରୟ ଅବଧି ବୃଦ୍ଧି କରିବା ପ୍ରମୁଖ ଦାବି ଚାଷୀ ମାନେ ଉପସ୍ଥାପନ କରିଥିଲେ। ଏଥିରେ ଏ.ସି.ଏସ.ଓ ବିଦ୍ୟୁତଲତା ନାୟକ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

# ଧୂଳିଝଡ଼ ସହ କୁଆପଥର ମାଡ଼

ବନ୍ତ,(ସବ୍ୟୁ) : ବୁଧବାର ଅପରାହ୍ଣରେ ହଠାତ ପାଗ ବଦଳିଯିବା ସହ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବେଗରେ ପବନ, ଭୟଙ୍କର ଧୂଳିଝଡ଼ ଏବଂ କୁଆପଥର ମାଡ଼ ସାଙ୍ଗକୁ ବର୍ଷା ଯୋଗୁ ସମଗ୍ର ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମାତ୍ର କିଛି ସମୟର ଏହି ପ୍ରାକୃତିକ ବିପର୍ଯ୍ୟୟ ବହୁ କ୍ଷୟକ୍ଷତି ଘଟାଇଥିବା ସୂଚନା ମିଳିଛି। ବିଶେଷ କରି ବନ୍ତ ବ୍ଲକର ବନ୍ତ, ପଧାନପଡ଼ା, ନିଳୋକ, ସେଣ୍ଡତୀରା, ଗୋବିନ୍ଦପୁର, କେନ୍ଦୁଆପଦା, ତୋଡଙ୍ଗା, ରାମପୁର, ରାମକୃଷ୍ଣପୁର, ଗଣିଜାଙ୍ଗ, ଛୟାଳସିଂ, ଟିଲୋ, ବସନ୍ତିଆ, ରାମଚନ୍ଦ୍ରପୁର ଏବଂ ଆଡ଼ିଆ ଆଦି ପଞ୍ଚାୟତରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ପବନର ବେଗ ଏତେ ତୀବ୍ର ଥିଲା ଯେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଯାଇଛି। ଯାହାଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। କୁଆପଥର ମାଡ଼ ଯୋଗୁ ପନିପରିବା ଚାଷ ଏବଂ ଖରାଦିନିଆ ଫସଲ କେତେକାଂଶରେ ନଷ୍ଟ ହୋଇଯାଇଥିବା ଚାଷୀ କହିଛନ୍ତି ଝ ଅନେକ ସ୍ଥାନରେ ଚାଳଘରର ଛପର ଉଡ଼ିଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ପଡ଼ିବାରୁ କେତେକ ଅଞ୍ଚଳ ଅନ୍ଧାରମୟ ହୋଇଯାଇଛି। କିଛି ସ୍ଥାନରେ ଟିଣ ଓ ଆଜବେଷ୍ଟସ ଉଡ଼ିଯାଇଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଧୂଳିଝଡ଼ ଯୋଗୁ ରାସ୍ତାରେ ଦୃଶ୍ୟମାନ କ୍ଷମତା କମିଯାଇଥିବାରୁ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା। ହଠାତ୍ ମାଡ଼ି ଆସିଥିବା ଏହି ବିପତ୍ତିରେ କେତେକ ଚାଷୀ ଓ ଗରିବ ଖଟିଖିଆ ଶ୍ରେଣୀର ଲୋକେ କ୍ଷତି ସହିଥିବା କୁହାଯାଉଛି। ସରକାର ଓ ଜିଲା ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ସଂଘର ବୈଠକ



ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ହରିହର ମହାନ୍ତଙ୍କ ଅଧ୍ୟକ୍ଷତାରେ ସ୍ୱାମ ପାଟଣା ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ସଂଘର ସଂପାଦକ ପ୍ରସନ୍ନ କୁମାର ପରିଡା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗତବର୍ଷ ମାର୍ଚ୍ଚ ମାସ ୨୫ ତାରିଖ ୨୦୨୫ ରେ କେନ୍ଦ୍ରସରକାର ଙ୍କ ଦାରା ପାରିତ ସିଭିଲସର୍ଭସ ପେନସନ ଆକ୍ଟ ଦେଶର ଅବସର ପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ପେନସନ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବାରୁ ସଭାରେ ଥିବା ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ମାନେ ଗଭୀର ଉଦବେଗ ପ୍ରକାଶ କରିଥିଲେ।ଏହାଦ୍ୱାରା ଅଷ୍ଟମ ବେତନ କମିଶନ ପେନସନ ଅଭିବୃଦ୍ଧର ସୁଯୋଗରୁ ୩୧/୧୨/୨୦୨୫ ମସିହା ପୂର୍ବରୁ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀ ବୃନ୍ଦ ବଞ୍ଚିତ ହେବେ।ଏହା ଗଭୀର ଭାବେରେ ପେନସନ ଭୋଗୀଙ୍କ ଜୀବନ ଶୈଳୀକୁ କରିବ ବୋଲି ସଭାରେ ଆଶଙ୍କପ୍ରକାଶ ପାଇଥିଲା।ପେନସନ ସମାଜିକ ସୁରକ୍ଷାର ଏକ ମାଧମ ଏହାକୁ ସୁରକ୍ଷିତ ରଖିବା ପାଇଁ ସଂଘଟିତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ ବୋଲି ଏହି ସଭାରେ ଆଲୋଚନା କରିଥିଲେ। ଏହି ସଭାରେ ଶାନ୍ତନୁ କୁମାର ସାହୁ ହୃଷୀକେଶ ମହାନ୍ତ କ୍ଷୀରୋଦ ଚନ୍ଦ୍ର ମିଶ୍ର ବିଦ୍ୟାଧର ମହାନ୍ତ ବସନ୍ତ କୁମାର ଘଣା ପ୍ରତାପ ଚନ୍ଦ୍ର ମହାନ୍ତ ତରଣୀସେନ ମହାନ୍ତ ଯତିନ୍ଦ୍ର କୁମାର ପଲେଇ ଙ୍କ ସହ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ।

# ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରୁ ବନ୍ଧୁମିଳନ ଓ କବି ସମ୍ମିଳନୀ

ଭଦ୍ରକ,(ସବ୍ୟୁ):ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରୁ ପୁରୁଣାବଜାର ସ୍ଥିତ ମଦିନା ମଇଦାନ ଠାରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ପ୍ରିତ୍ର ଇଦ-ଉଲ-ଫିତର ଅବସରରେ ଏକ ବନ୍ଧୁ ମିଳନ ଓ କବି ସମ୍ମିଳନୀର ଆୟୋଜନା ହୋଇଯାଇଛି। ଭାଇଚାରା ଭଦ୍ରକ ସହରରେ ଏକ ବନ୍ଧୁ ମିଳନ କରିବା ଓ କବି ସମ୍ମିଳନୀ କରିବା ଏକ ଐତିହାସିକ ପର୍ବ ଓ ଏହି ବନ୍ଧୁ ମିଳନରେ ଭଦ୍ରକ ରୋଟାରୀ କ୍ଲବର ସଭାପତି ତଥା ପ୍ରଧାପକ ନାସିର ବକ୍ସ ସଭାପତିତ୍ୱରେ ଆରମ୍ଭ ହୋଇଥିଲା ଓ ଏହି ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏସପି ମନୋଜ କୁମାର ରାଉତ,ସମ୍ମାନିତଅତିଥି ଭାବେ ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କୀ ଦଲୱାଜି ହବିବ,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ରୋଟାରୀ କ୍ଲବର ଗର୍ଭନର ଇନ୍ଦ୍ରଜିତ ସାହୁ,ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା କବି ପବିତ୍ର ପାଣିଗ୍ରାହୀ ଯୋଗଦାନ କରି ଫୁଲତୋଡ଼ା ସହିତ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଫେଲୋସିପର ପ୍ରତିଷ୍ଠାତା ଏସ.ଏମ.ଫାରୁକ,ମହିଳା ମହାବିଦ୍ୟାଳୟର ଅଧକ୍ଷ ଅଭୟ ଦାସ,ରାମଚନ୍ଦ୍ର ପଣ୍ଡା,ଟୋକା ଗଣେଷ ସଭାପତି ହରୀ ନନ୍ଦୀ,ବୁଢା ଗଣେଷ ସଭାପତି ବିଦ୍ୟାଧର ସାହୁ,ମୁସଲିମ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲା,ସାଧାରଣ ସମ୍ପାଦକ ହାଜୀ ଶେଖ ଇନାମ ମହମ୍ମଦ,ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ,ଅଶୋକ କୁମାର ଦାସ,ସୁଧାକର ରାଉତ,ଲଲାଟେନ୍ଦୁ ମହାନ୍ତି,ଦିବ୍ୟାସିଂ ନାୟକ,କମଳାକାନ୍ତ ସ୍ୱାଇଁ ପ୍ରମୁଖ ଫୁଲତୋଡ଼ା ସହ ସମ୍ମାନିତ କରାଯାଇଥିଲା। ଭଦ୍ରକ ଭାଇଚାରା ସହ ପବିତ୍ର ଇଦ ପର୍ବ ଉପରେ ଆଲୋକପାତ କରିଥିଲେ। ଏବଂ ଓଡ଼ିଶାର ପ୍ରସିଦ୍ଧ କବି ତଥା ମାଷ୍ଟର ମୁସ୍ତାକ ଗୌହର ସଂଚାଳନ ଭାବେ ଦାୟିତ୍ୱ ତୁଲାଇ କବି ସମ୍ମିଳନୀକୁ ଆମନ୍ତ୍ରଣ କରିଥିଲେ। ଏହି କବି ସମ୍ମିଳନୀରେ ଅବଦୁଲ ଦୟାନ ଜିଆ,ମୁନିର ଅରମାନ,କିଶୋର ପାଣିଗ୍ରାହୀ,ଅକମଲ ଅଲି,ମୋଇନ ସଫକ,ଡାକ୍ତର ଅନିଲ ଦାସ,ତୌଫିକ ସାଗର,ମୁଖତାର ନଶିମି ପ୍ରମୁଖ ଯୋଗଦାନ କରି କବିତା ଆସରରେ କବିତାରୁ ମନମୁଗ୍ଧ କରିଥିଲେ। ଏହି ବନ୍ଧୁ ମିଳନ ଭାଇଚାରା ସହରରେ ଉଭୟ ହିନ୍ଦୁ ଭାଇ ଓ ମୁସଲମାନ ଭାଇ ଯୋଗଦାନ କରିଥିଲେ।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ସମ୍ମିଳନୀ



ବାଲେଶ୍ୱର,(ସବ୍ୟୁ): ସୁସ୍ଥାୟୀ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମଜୀବ ବିଜ୍ଞାନର ସାମ୍ପ୍ରତିକ ଉନ୍ନତି ବିଷୟକ ଆନ୍ତର୍ଜାତୀୟ ସମ୍ମିଳନୀ ଫକୀରମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ଉଦଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଛି। ଏହି ସମ୍ମିଳନୀଟି ଆପ୍ଲାଏଡ ମାଇକ୍ରୋବାୟୋଲୋଜି ବିଭାଗ ତଥା ଇଣ୍ଟରନ୍ୟାସନାଲ ୟଙ୍ଗ ଏକାଡେମୀ ସାଇନ୍ସ ଓ ଅନୁସନ୍ଧାନ ନେସନାଲ ରିସର୍ଚ୍ଚ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଏଥିରେ ଦେଶ ବିଦେଶର ଅନେକ ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକମାନେ ସମାଗମ ହୋଇ ସୁସ୍ଥାୟୀ ଜୈବ-ଆର୍ଥିକତା ଗଠନରେ ସୂକ୍ଷ୍ମଜୀବ ବିଜ୍ଞାନର ପରିବର୍ତ୍ତନଶୀଳ ଭୂମିକା ଉପରେ ଚର୍ଚ୍ଚା କରିଛନ୍ତି। ଅଧକ୍ଷୀୟ ଉଦବୋଧନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ବୈଦିକ ସୂକ୍ଷ୍ମଜୀବ ବିଜ୍ଞାନର ପ୍ରାସଙ୍ଗିକତା ଓ ଭାରତୀୟ ଜ୍ଞାନ ପଦ୍ଧତିକୁ ଆଧୁନିକ ବୈଜ୍ଞାନିକ ପ୍ରୟୋଗ ସହିତ ସମନ୍ୱୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରକୃତି ସହିତ ସମନ୍ୱୟରେ ସୁସ୍ଥ ଜୀବନ ଯାପନ ଦ୍ୱାରା ଦୃଢ଼ ପ୍ରତିରୋଧକ ଶକ୍ତି ଗଠନର ଆବଶ୍ୟକତାକୁ ଉଲ୍ଲେଖ କରି, ପର୍ଯ୍ୟବେକ୍ଷଣ, ଅନୁଭବ ଓ ପରୀକ୍ଷାଭିତ୍ତିକ ଗବେଷଣାର ଗୁରୁତ୍ୱକୁ ଆଲୋକିତ କରିଥିଲେ। ଏଥିସହ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସୂକ୍ଷ୍ମଜୀବ ବିଜ୍ଞାନ ଗବେଷଣାର ଉନ୍ନତି ପାଇଁ ବିଭିନ୍ନ ବିଷୟର ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଡ଼କ୍ଟର କ୍ଷୀରୋଦ କୁମାର ଜେନା ଯୋଗଦେଇ, ସୂକ୍ଷ୍ମଜୀବ ବିଜ୍ଞାନର ମୌଳିକ ଓ ପ୍ରୟୋଗମୂଳକ ପ୍ରାସଙ୍ଗିକତା ଉପରେ ଆଲୋଚନା କରି କୃଷି ଓ ବିଶ୍ୱ ଖାଦ୍ୟ ସୁରକ୍ଷାରେ ଏହାର ପ୍ରଭାବକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ତାଙ୍କ ଉଦବୋଧନରେ ଭାରତୀୟ ପାରମ୍ପରିକ ପଦ୍ଧତି ସସ୍ଥାୟୀ ଜୈବ-ଆର୍ଥିକତା ଗଠନରେ କେମିତି ମୂଳ ଭୂମିକା ନିର୍ବାହ କରେ ତାହା ଉଲ୍ଲେଖ କରି, ପରିବେଶୀୟ ସମତା ରକ୍ଷା ଓ ସ୍ଥାୟୀ ଭବିଷ୍ୟତ ପାଇଁ ସୂକ୍ଷ୍ମଜୀବମାନଙ୍କ ଅତ୍ୟାବଶ୍ୟକ ଭୂମିକାକୁ ଆଲୋକପାତ କରିଥିଲେ। ଖଡ଼ଗପୁର ପ୍ରଯୁକ୍ତି ବିଦ୍ୟାଳୟର ପ୍ରଫେସର ସୁଦୀପ ଘୋଷ ଓ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ଡ଼କ୍ଟର ଚନ୍ଦ୍ରଶେଖର ଗାହାଣ ମଧ ଜୈବ ବିଜ୍ଞାନ ଓ ଜୀବ ପ୍ରଯୁକ୍ତିର ନବୀନ ଗବେଷଣା ଓ ନବାନ୍ୱେଷଣ ଉପରେ ତାଙ୍କ ବହୁମୁଲ୍ୟ ମତାମତ ରଖିଥିଲେ। ଭାରତୀୟ ଯୁବ ବିଜ୍ଞାନ ପରିଷଦର ଅଧକ୍ଷ ଡ଼କ୍ଟର ମୋହିତ ତ୍ୟାଗୀ ଆଭାସୀ ମାଧମରେ ଯୋଗଦେଇ ଯୁବ ଗବେଷକମାନଙ୍କୁ ସମାଜମୁଖୀ ଓ ପ୍ରଭାବଶୀଳ ବୈଜ୍ଞାନିକ ଅନୁସନ୍ଧାନରେ ନିୟୋଜିତ ହେବାକୁ ପ୍ରେରିତ କରିଥିଲେ। ଯୁକ୍ତ ଆୟୋଜକ ପ୍ରାଧାପକ ଅକ୍ଷୟ କୁମାର ବସ୍ତିଆ ସମ୍ମିଳନୀର ଉଦ୍ଦେଶ୍ୟ ବ୍ୟାଖ୍ୟା କରି ସୂକ୍ଷ୍ମଜୀବ ବିଜ୍ଞାନ ମାଧମରେ ସସ୍ଥାୟୀ ଉନ୍ନତି ପାଇଁ ଜ୍ଞାନ ବିନିମୟ, ନବାନ୍ୱେଷଣ ଓ ସହଯୋଗକୁ ପ୍ରୋତ୍ସାହନ ଦେବାରେ ଏହି କାର୍ଯ୍ୟକ୍ରମର ଭୂମିକା ସଂପର୍କରେ ଅବଗତ କରାଇଥିଲେ।ସମ୍ମିଳନୀର ଆରମ୍ଭରେ ସଂଯୋଜିକା ଡ଼କ୍ଟର ଏଲସା ପଣ୍ଡିତ ସ୍ୱାଗତ ସମ୍ବୋଧନ ଓ କାର୍ଯ୍ୟସୂଚୀର ସାରାଂଶ ପ୍ରସ୍ତୁତ କରିଥିଲେ। ଶେଷରେ ଆୟୋଜନ ସଚିବ ଡ଼କ୍ଟର ଶୁଭ୍ରକାନ୍ତ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରାୟୋଗିକ ଅଧିବେଶନ, ମୁଖ୍ୟ ବ୍ୟାଖ୍ୟାନ ଓ ଆନ୍ତର୍କ୍ରିୟାତ୍ମକ ଆଲୋଚନା ଆୟୋଜିତ ହେବା ସହିତ ସୁସ୍ଥାୟୀ ଓ ସହନଶୀଳ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମଜୀବ ଆଧାରିତ ଅଦ୍ୟତନ ସମାଧାନ ଉପରେ ଚର୍ଚ୍ଚା କରାଯିବ।

# ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ



ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ବିଶାଳ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଅମୂଲ୍ୟ କୁମାର ଦାସ ଉଦ୍ଘାଟନ କରିଥିଲେ । ଏହି ପଦଯାତ୍ରାରେ ଏ.ଏନ.ଏମ. ଟ୍ରେନିଙ୍ଗ ସେଣ୍ଟରର ଛାତ୍ରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ବ୍ଲକରୁ ଆସିଥିବା ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲାରେ ୨୦୨୪ ମସିହାରେ ୨୭୫୫ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୫୦୮ ଜଣ ଆରୋଗ୍ୟ ଲାଭ କରିଥିଲେ ଏବଂ ୨୦୨୫ ମସିହାରେ ୨୮୪୩ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୬୪୩ ଜଣ ଆରୋଗ୍ୟ ଲାଭ କରିଥିଲେ ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ସୂଚନା ଦେଇଥିଲେ । ବର୍ତ୍ତମାନ ଚିକିତ୍ସିତ ହେଉଥିବା ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଉଅଛି । ଏଥିପାଇଁ ମହାମହିମ ରାଜ୍ୟପାଳ ୨୦ ଜଣ, ଭାରତର ରେଡକ୍ରସ ସୋସାଇଟି ୧୫୮୩ ଜଣ, ଅଙ୍କୁର ପ୍ଲାଷ୍ଟିକ ୫୦ ଜଣ ଓ ଶ୍ରୀ ଦେବାଶିଷ ଦାସଙ୍କ ତରଫରୁ ୬୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଉଅଛି ବୋଲି ଜିଲ୍ଲା ସଂଯାଜକ ବିଶ୍ୱରଂଜନ ନାୟକ ପ୍ରକାଶ କରିଥିଲେ । ଏଥିସହିତ ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାର ସମସ୍ତ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦ୍ୱାରା ସଚେତନତା ସୃଷ୍ଟି କରାଯାଇ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇପାରିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଚକ୍ରଧର ଜେନା ପରିଚାଳନା କରିଥିଲା ବେଳେ ଡ଼ .ସଂଜୀବ କୁମାର ପ୍ରଧାନ, ଶରତ କୁମାର ଦାସ ମହାପାତ୍ର, ସୁଶାନ୍ତ କୁମାର ବେହେରା ଓ ସଞ୍ଜୟ କୁମାର ସାହୁ ସହଯୋଗ କରିଥିଲେ । ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହିତ ଆଭାସି ଜରିଆରେ ଯୋଡି ହୋଇଥିଲେ । ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଅଧିକାରୀ ମାନଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୬୭)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋନୁବିଧୀୟତେ ।**
**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥ ୬୭ ॥**

ଯେହେତୁ ମନ ସ୍ୱେଚ୍ଛାକ୍ରମେ ବିଷୟରେ ପ୍ରବର୍ତ୍ତମାନ ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଯଦି ଗୋଟିଏ କାହାକୁ ଅନୁସରଣ କରେ, ତେବେ ସେହି ଗୋଟିଏ ଇନ୍ଦ୍ରିୟ ତାହାର ( ସେହି ମନର ବା ପୁରୁଷର ପ୍ରଜ୍ଞା (ଆତ୍ମତତ୍ତ୍ୱଜ୍ଞାନ)କୁ ହରଣ କରେ (ବିଷୟବିକ୍ଷିପ୍ତ କରେ), ଯେପରି ପ୍ରତିକୂଳ ବାୟୁ (ପ୍ରେମର କର୍ଣ୍ଣଧାରର) ନୌକାକୁ ସମୁଦ୍ର ମଧ୍ୟରେ ବିଶୃଙ୍ଖଳ ଭାବରେ ବିକ୍ଷିପ୍ତ କରେ । ॥୬୭॥

# ଟ୍ରମ୍ପ-ମୋଦି ଫୋନ କଥାବାର୍ତ୍ତା

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ନିଜ ଆଡୁ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପଶ୍ଚିମ ଏସିଆର ଯୁଦ୍ଧଜନିତ ପରିସ୍ଥିତି ସଂକ୍ରାନ୍ତରେ ଫୋନ ଯୋଗେ ଆଲୋଚନା କରିବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଏହି କଥାବାର୍ତ୍ତାର ମୁଖ୍ୟ ଅଂଶଗୁଡ଼ିକ ହେଉଛି ସମୁଦ୍ର ପଥରେ ତୈଳ ପ୍ରଭୃତି ଯୋଗାଣକୁ ଯେପରି ସୁବିଧା କରାଯାଏ ଏବଂ ଇରାନ ଅବରୋଧ କରି ରଖିଥିବା ହର୍ମୁଜ ପ୍ରଣାଳୀକୁ କିପରି ସହଜରେ ମୁକ୍ତ କରାଯାଇ ପାରିବ । ଯୁଦ୍ଧରୁ ନିବୃତ୍ତ ରହିବା ଉପରେ ଏବଂ ତୁରନ୍ତ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ତା'ର ପୂର୍ବ କଥାକୁ ଦୋହରାଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଟେଲିଫୋନରେ କଥାବାର୍ତ୍ତା ବେଳେ ପ୍ରକାଶ କରିଥିଲେ ।

ଯୁଦ୍ଧ ବିରତି ପାଇଁ ଘୋଷଣା କରିବାର ଦିନକ ପରେ ଟ୍ରମ୍ପ ମୋଦିଙ୍କ ସହିତ ଫୋନରେ ନିଜ ଆଡୁ କଥାବାର୍ତ୍ତା ଆରମ୍ଭ କରିଥିଲେ । ଟ୍ରମ୍ପଙ୍କର ଏହି ପାଞ୍ଚଦିନିଆ ଯୁଦ୍ଧ ବିରତି ଘୋଷଣାକୁ ଇରାନ ମାନୁ ବା ନ ମାନୁ, ପରିସ୍ଥିତି ଯେ ଭୟଙ୍କର ହେବାକୁ ଯାଉଛି, ଏଥିରେ ସନ୍ଦେହ ନାହିଁ । ଇତିମଧ୍ୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ନିଜ ଆଡୁ ଟ୍ରମ୍ପଙ୍କୁ ଜଣାଇଛନ୍ତି ଯେ ଯୁଦ୍ଧ ସମାପ୍ତି ଦିଗରେ ଉଭୟ ଆମେରିକା ଓ ଇରାନ ମଧ୍ୟରେ ଫଳପ୍ରଦ କଥାବାର୍ତ୍ତା କରିବାକୁ ପାକିସ୍ତାନ ରାଜି । ପାକିସ୍ତାନ ଏଥିରେ ମଧ୍ୟସ୍ଥି ହୋଇ ନିଜର ଗୁରୁତ୍ୱ ବଢାଇବାକୁ ଚାହୁଁଛି । ଭାରତର ବ୍ୟକ୍ତିତ୍ୱ ପ୍ରତି ଈର୍ଷାପରାୟଣ ହୋଇ ପାକିସ୍ତାନ ଏପରି ମଧ୍ୟସ୍ଥି ଭୂମିକାରେ ଅବତୀର୍ଣ୍ଣ ହେବାକୁ ଚାହୁଁଥିବା ପରି ଲାଗୁଛି । ଟ୍ରମ୍ପ ମଧ୍ୟ ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି, ଭାନ୍ସେଙ୍କୁ ପାକିସ୍ତାନ ପଠାଉଛନ୍ତି, ଯେହେତୁ ପାକିସ୍ତାନ ପକ୍ଷରୁ ଇରାନ ପଦାଧିକାରୀଙ୍କ ସହିତ ଯୁଦ୍ଧ ବନ୍ଦ ସକାଶେ କଥାବାର୍ତ୍ତା କରିବାର ଅଛି ।

ଅପରପକ୍ଷରେ ପାକିସ୍ତାନ ଇରାନ ସହିତ ଏହି ଯୁଦ୍ଧ ବନ୍ଦ ସକାଶେ କଥାବାର୍ତ୍ତା କରିବା ପୂର୍ବରୁ ଏସିଆ ମହାଦେଶରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ମୁଣ୍ଡ ଟେକି ଠିଆ ହୋଇଥିବା ଭାରତକୁ ଆମେରିକା ମଧ୍ୟ କୌଣସିମତେ ଅସନ୍ତୁଷ୍ଟ କରିବାକୁ ଚାହେଁନାହିଁ । ସେଥିପାଇଁ ଭାରତ ସହିତ ଯୁଦ୍ଧ ସକାଶେ କଥାବାର୍ତ୍ତା କରିବାକୁ ଆମେରିକା ଆଗ୍ରହ ପ୍ରକାଶ କରିଥିବା ଅନ୍ୟତମ କାରଣ ହୋଇପାରେ ।

**ଅପରପକ୍ଷରେ ପାକିସ୍ତାନ ଇରାନ ସହିତ ଏହି ଯୁଦ୍ଧ ବନ୍ଦ ସକାଶେ କଥାବାର୍ତ୍ତା କରିବା ପୂର୍ବରୁ ଏସିଆ ମହାଦେଶରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ମୁଣ୍ଡ ଟେକି ଠିଆ ହୋଇଥିବା ଭାରତକୁ ଆମେରିକା ମଧ୍ୟ କୌଣସିମତେ ଅସନ୍ତୁଷ୍ଟ କରିବାକୁ ଚାହେଁନାହିଁ । ସେଥିପାଇଁ ଭାରତ ସହିତ ଯୁଦ୍ଧ ସକାଶେ କଥାବାର୍ତ୍ତା କରିବାକୁ ଆମେରିକା ଆଗ୍ରହ ପ୍ରକାଶ କରିଥିବା ଅନ୍ୟତମ କାରଣ ହୋଇପାରେ ।**

ଗତ ଫେବୃଆରୀ ମାସରେ ଅବଶ୍ୟ ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ବାଣିଜ୍ୟ କାରବାର ବିଷୟରେ କଥାବାର୍ତ୍ତା ହୋଇଥିଲା । ଏହା ପରେ ଭାରତ ସହିତ ବାଣିଜ୍ୟିକ କାରବାର ସକାଶେ ଟ୍ରମ୍ପ ରାଜି ହୋଇ ଭାରତ ଉପରେ ବସା ଯାଇଥିବା ୫୦ ପ୍ରତିଶତ ଶୁଳ୍କକୁ ୧୮ ପ୍ରତିଶତ ଯାଏଁ ହ୍ରାସ କରିଥିଲେ ।

ଆମେରିକା ଯୁକ୍ତ ଇସ୍ରାଏଲ ବନାମ ଇରାନ, ଏ ତିନିଗୋଟି ଦେଶ ମଧ୍ୟରେ ଯେଉଁ ଯୁଦ୍ଧ ଏବେ ଆରମ୍ଭ ହୋଇ ଭୟଙ୍କର ରୂପ ନେଲାଣି ତାହା ଯେ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ମୁହାଁଉଛି, ଏ ଆଶଙ୍କାକୁ ସହଜରେ ଏଡି ଦେଇ ହେବ ନାହିଁ । ସମସ୍ତେ ଯୁଦ୍ଧଖୋର । ଧନ, ଜୀବନ ଓ ସମ୍ପତ୍ତିହାନି ପାଇଁ କାହାରି ଚିନ୍ତା ନାହିଁ । କେବଳ ନିଜ ଜୀବନ, ନିଜ ପରିବାର ବା ନିଜର ଧନସମ୍ପତ୍ତିକୁ ସୁରକ୍ଷା ଦେବା ଲାଗି ଯୁଦ୍ଧଖୋର ନେତାମାନେ ବ୍ୟସ୍ତ । ଦୁଃଖର କଥା ।

ଇତିମଧ୍ୟରେ ପାଞ୍ଚଟି ଏଲ.ପି.ଜି ଗ୍ୟାସ ଟ୍ୟାଙ୍କର (୨ ଦଶମିକ ୩ ପ୍ରତିଶତ ଲକ୍ଷ ଟନ ଓଜନର) ହର୍ମୁଜ ପ୍ରଣାଳୀର ପଶ୍ଚିମ ଦିଗରୁ ଭାରତକୁ ଆସୁଛି । ଭାରତର ଜଳ ଜାହାଜ ଆସିବା ରାସ୍ତାରେ ଇରାନ ଅନ୍ତରାୟ ସୃଷ୍ଟି କରିନାହିଁ । ଆଉ କେତେ ଦିନ ମଧ୍ୟରେ ଆଉ ଗୋଟିଏ ଗ୍ୟାସ ଟ୍ୟାଙ୍କର ଭର୍ତ୍ତି ହୋଇ ଆସିବ । ଆମେରିକା ଏ ସବୁ ଦେଖୁଛି ଓ ଜାଣୁଛି । ତେଣୁ ଭାରତ ସହିତ ସୁସମ୍ପର୍କ ରଖିବାକୁ ସମ୍ଭବତଃ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କର ଆଗ୍ରହ ରହିଛି । ମୋଦିଙ୍କ ନିର୍ଦ୍ଦେଶରେ ଭାରତ ସର୍ବଦଳୀୟ ବୈଠକ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସି ଯୁଦ୍ଧଜନିତ ପରିସ୍ଥିତି ଉପରେ ବିଚାର ବିମର୍ଷ ଆରମ୍ଭ କରୁଥିବା ଏକ ଶୁଭ ସୂଚନା ।

ଭାରତ ଇରାନର ଶତ୍ରୁ ନୁହେଁ କିମ୍ବା ଆମେରିକା ଓ ଇସ୍ରାଏଲର ମଧ୍ୟ ଶତ୍ରୁ ନୁହେଁ । ରୁଷ, ଚୀନ ବା ପାକିସ୍ତାନର ଶତ୍ରୁ ମଧ୍ୟ ନୁହେଁ । ସାରା ବିଶ୍ୱରେ ଆମେରିକା ଏବେ ସର୍ବ ବୃହତ୍ ତୈଳ ଉତ୍ପାଦନକାରୀ ରାଷ୍ଟ୍ର । ଦୈନିକ ୨୦ ନିୟୁତ ବ୍ୟାରେଲ ଆମେରିକା ଉତ୍ପାଦନ କରିଥାଏ । ଏହା ପଛକୁ ରୁଷ ଓ ସାଉଦି ଆରବ ଦ୍ୱିତୀୟ ସ୍ଥାନରେ । ଜଳ ଜାହାଜରେ ରୁଷ ପଠାଇଥିବା ତୈଳ ମଧ୍ୟ ଭାରତ ଅଚିରେ ପହଞ୍ଚି ପାରିଛି । ଭାରତର ନିରପେକ୍ଷ ନୀତି ଓ ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ସମଗ୍ର ବିଶ୍ୱ ଆଦର କରୁଥିବା ବେଳେ ଆମେରିକା ସେଥିରୁ କିପରି ବାଦ ପଡନ୍ତା ? ତେଣୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏପରି ପରିସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଆଗତୁରା ଫୋନ କରିଥିବାରୁ, ଭାରତର ମର୍ଯ୍ୟାଦା ବୃଦ୍ଧି ପାଇଥିବା ପରି ମନେ ହେଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଖେଲୋ ଇଣ୍ଡିଆ ଜନଜାତୀୟ କ୍ରୀଡ଼ାରେ ଅଲିମ୍ପିକ୍ ସ୍ୱପ୍ନକୁ ନୂତନ ଶକ୍ତି



**ଡା. ମନସୁଖ ମାଣ୍ଡଭୀୟ**

ଭାରତର ଖେଳ ଯାତ୍ରା ଅଦ୍ଭୁତ ବିବିଧତାରେ ପରିପୂର୍ଣ୍ଣ । ଉତ୍ତର-ପୂର୍ବର ପାର୍ବତ୍ୟ ଅଞ୍ଚଳରୁ ଆରମ୍ଭ କରି ମଧ୍ୟ ଭାରତର ଘନ ବନାନୀପୂର୍ଣ୍ଣ ଭୂଭାଗ ପର୍ଯ୍ୟନ୍ତ, ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ପ୍ରତିଭାର ଭଣ୍ଡାର ଭରପୂର ରହିଛି । ଏହି ସମୃଦ୍ଧ ପ୍ରତିଭାକୁ ଖୋଜି ବାହାର କରିବା ଏବଂ ଠିକ୍ ମଞ୍ଚ ଦେବା ଦିଗରେ 'ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମ ଏକ ନୂତନ ଦିଗ ଦେଇଛି । ଆରମ୍ଭ ହେବାର ମାତ୍ର ଆଠ ବର୍ଷ ମଧ୍ୟରେ ଏହା କେବଳ ଏକ ସରକାରୀ ଯୋଜନା ହୋଇ ରହିନାହିଁ ବରଂ ଏକ ରାଷ୍ଟ୍ରୀୟ ଆନ୍ଦୋଳନରେ ପରିଣତ ହୋଇ ଦେଶର ଖେଳ ସଂସ୍କୃତିକୁ ନୂତନ ଗତି ଦେଇଛି ।

ଯୁବ କ୍ରୀଡ଼ା, ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ବେଳାଭୂମି କ୍ରୀଡ଼ା ଏବଂ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତା ଭଳି ବିଭିନ୍ନ ଆୟୋଜନ ମାଧ୍ୟମରେ 'ଖେଲୋ ଇଣ୍ଡିଆ' ଦେଶବ୍ୟାପୀ ଯୁବ କ୍ରୀଡ଼ାବିତମାନଙ୍କୁ ବହୁମାତ୍ରିକ ମଞ୍ଚ ପ୍ରଦାନ କରୁଛି । ଏହା କେବଳ ପ୍ରତିଭାକୁ ଚିହ୍ନଟ କରୁନାହିଁ, ବରଂ ପ୍ରଶିକ୍ଷଣ, ପୃଷ୍ଠପୋଷଣ ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି କରି ସେମାନଙ୍କୁ ଆଗକୁ ଆଣୁଛି । ଏହା ଫଳରେ ଗ୍ରାମାଞ୍ଚଳର ଯୁବ କ୍ରୀଡ଼ାବିତମାନେ ମଧ୍ୟ ସମାନ ସୁଯୋଗ ପାଇ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜ ଦକ୍ଷତା ପ୍ରମାଣ କରିବାକୁ ସମର୍ଥ ହେଉଛନ୍ତି ।

ଖେଲୋ ଇଣ୍ଡିଆ ଜନଜାତୀୟ କ୍ରୀଡ଼ା (କେଆଇଟିଜି)ର ସମାବେଶ ଏହି ଯାତ୍ରାରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଏବଂ ପଦକ୍ଷେପ ଭାବରେ ଗ୍ରହଣ କରାଯାଇପାରେ । ଏହାର ପ୍ରଥମ ସଂସ୍କରଣ ୨୫ ମାର୍ଚ୍ଚ ଠାରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ଠାରେ ଆୟୋଜିତ କରାଯାଉଛି, ଯେଉଁଥିରେ ଦେଶର ୩୧ଗୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରର ପ୍ରାୟ ୩,୦୦୦ କ୍ରୀଡ଼ାବିତ ଅଂଶଗ୍ରହଣ କରୁଛନ୍ତି । ଏହି କ୍ରୀଡ଼ାରେ ସାତ ଗୋଟି ପଦକ ନିମନ୍ତେ ଖେଳକୁଦର ଆୟୋଜନ କରାଯାଇଛି । ସେଥି ମଧ୍ୟରେ ଏଥଲେଟିକ୍ସ, ଫୁଟବଲ, ହକି, ଭାରୋତ୍ତୋଳନ, ତୀରନ୍ଦାଜ, ଅସି ଚାଳନା ଏବଂ କୁସ୍ତି ଭଳି ପ୍ରତିଯୋଗିତାର ଆୟୋଜନ ହେବ ।

ଏହିସବୁ ଖେଳଗୁଡ଼ିକର ଆୟୋଜନ ବସ୍ତର କ୍ଷେତ୍ରର ଜନଜାତି ବହୁଳ ଜିଲ୍ଲାଗୁଡ଼ିକ, ଯାହା ପ୍ରାଚୀନ କାଳରେ ଦଣ୍ଡକାରଣ୍ୟ କ୍ଷେତ୍ରର ଅଂଶବିଶେଷ ଥିଲା, ଏହା ସହିତ ସରଗୁଜା କ୍ଷେତ୍ର, ରାୟଗଡ଼ ଏବଂ ମାନପୁର ଭଳି କ୍ଷେତ୍ରମାନଙ୍କରେ ଆୟୋଜନ କରାଯିବ । ଏହା କେବଳ ଆଉ ଏକ ଖେଳ ପ୍ରତିଯୋଗିତାର ଅୟମାରମ୍ଭ ନୁହେଁ ବରଂ ଏହା ଆମର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ସେହି ସଂକଳ୍ପର ଅଂଶ ବିଶେଷ ଅଟନ୍ତି, ଯାହାଙ୍କ ଅଧୀନରେ ଭାରତର ଖେଳ ପରିବେଶ ତନ୍ତ୍ର (ଇକୋସିଷ୍ଟମ)କୁ ବ୍ୟାପକ କରିବା ସହିତ ପ୍ରତ୍ୟେକ କ୍ରୀଡ଼ାବିତଙ୍କ ଅବସର ପର୍ଯ୍ୟନ୍ତ ପହଞ୍ଚାଯିବାର ଲକ୍ଷ୍ୟ ରଖାଯାଇଛି- ସେମାନେ ଯେକୌଣସି ଭୌଗୋଳିକ କିମ୍ବା ସାମାଜିକ ପୃଷ୍ଠଭୂମିରୁ ପ୍ରତିନିଧିତ୍ୱ କରୁଥାଆନ୍ତୁ ନା କାହିଁକି । ସିଧାସଳଖ ଭାବରେ କହିବାକୁ ଗଲେ ଏଭଳି ପରସ୍ଥିତି ଯୋଗୁଁ ଦେଶର ପ୍ରତ୍ୟେକ କ୍ରୀଡ଼ାବିତଙ୍କୁ ମୁଖ୍ୟଧାରାରେ ଯୋଡ଼ାଯିବାର ପ୍ରୟାସ କରାଯାଉଛି ।

ଜନଜାତୀୟ କ୍ଷେତ୍ରମାନଙ୍କର କ୍ରୀଡ଼ାବିତମାନେ ଦୀର୍ଘ ସମୟ ଧରି ଦେଶକୁ ଗୌରବାନ୍ୱିତ କରି ଆସିଛନ୍ତି । ରାଜସ୍ଥାନର ମହାନ୍ ତୀରନ୍ଦାଜ ଲିମ୍ବା ରାମଙ୍କ ଠାରୁ ଆରମ୍ଭ କରି ଝାଡ଼ଖଣ୍ଡର ତୀରନ୍ଦାଜ ତାରକା ଦୀପିକା କୁମାରୀଙ୍କ ପର୍ଯ୍ୟନ୍ତ ଏବଂ ଅନେକ ହକି ତାରକାଙ୍କ ଠାରୁ ନେଇ ଅଲିମ୍ପିକ୍ ପଦକ ବିଜେତା ମୀରାବାଇ ଚାନୁଙ୍କ ପର୍ଯ୍ୟନ୍ତ ସେମାନଙ୍କର ଉପଲବ୍ଧି ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇ ଆସିଛି । ଏହି ଉଦାହରଣ ଏହି କ୍ଷେତ୍ରମାନଙ୍କରେ ନିହିତ ଅପାର ସମ୍ଭାବନାକୁ ମଧ୍ୟ ଦର୍ଶାଇଥାଏ ।

ଅନେକ ଜନଜାତୀୟ କ୍ଷେତ୍ର ଏଭଳି ମଧ୍ୟ ରହିଛି, ଯେଉଁଠାରେ ଐତିହାସିକ ଭାବରେ ସେମାନଙ୍କୁ ସାମାଜିକ ଏବଂ ଆର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ । ଏହିସବୁ କ୍ଷେତ୍ରର ଯୁବକ ଯୁବତୀମାନଙ୍କ ନିମନ୍ତେ ପରିଚୟ ଏବଂ ବିକାଶର ଅବସର ସୀମିତ ହୋଇ ରହିଛି । ଏଭଳି ସ୍ଥିତିରେ ଏହିସବୁ କ୍ଷେତ୍ରମାନଙ୍କରେ ସଂଗଠିତ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଇ ଯୁବକ ଯୁବତୀମାନଙ୍କ ଭିତରେ ଥିବା ସାମର୍ଥ୍ୟ ଏବଂ ପ୍ରତିଭାର ଶକ୍ତିକୁ ସକାରାତ୍ମକ ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ ଯୋଡ଼ିବାର କାର୍ଯ୍ୟ ଭଳି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ଅନିଶ୍ଚିତତାକୁ ଅବସରରେ ଏବଂ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ସମାଯୋଜନରେ ପରିବର୍ତ୍ତନ କରିବାର ପ୍ରୟାସ ବୋଲି କୁହାଯାଇପାରେ ।

ବାସ୍ତବ ପକ୍ଷେ, ଆମର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ- 'ଖେଲେଗା ଭାରତ ତୋ ଖିଲେଗା ଭାରତ' - ଆଜି ସାକାର ହେବାରେ ଲାଗିଛି । କ୍ରୀଡ଼ା ଆଜି ଏକ ସଶକ୍ତ ମାଧ୍ୟମ ଏବଂ ସମାନ ଅବସର ପ୍ରଦାନ କରିବା ଭଳି ସାଧନରେ ପରିଣତ ହୋଇଛି, ଯାହା ବଞ୍ଚିତ ବର୍ଗର କ୍ରୀଡ଼ାବିତମାନଙ୍କୁ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ମଞ୍ଚରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଅବସର ପ୍ରଦାନ କରିଛି । ଜନଜାତୀୟ କ୍ଷେତ୍ରମାନଙ୍କରେ ଖେଲୋ ଇଣ୍ଡିଆର ବିସ୍ତାର ଏହି ଦୃଷ୍ଟିର ସ୍ୱାଭାବିକ ବିସ୍ତାର କରୁଛି ଏବଂ ଏହା ଏହି ବିଶ୍ୱାସକୁ ମଜଭୁତ କରୁଛି ଯେ କ୍ରୀଡ଼ା ରାଷ୍ଟ୍ର ନିର୍ମାଣର ଏକ ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ ।

ଖେଲୋ ଇଣ୍ଡିଆ ଜନଜାତୀୟ କ୍ରୀଡ଼ାର ଆୟୋଜନ ସ୍ଥାନୀୟ କ୍ରୀଡ଼ା ପାରିସ୍ଥିତିକ ତନ୍ତ୍ର (ଇକୋସିଷ୍ଟମ) ଉପରେ ମଧ୍ୟ ଦୀର୍ଘକାଳୀନ ପ୍ରଭାବ ପକାଏ । ଏହା ଫଳରେ ଜନଜାତୀୟ କ୍ଷେତ୍ରମାନଙ୍କରେ ଖେଳ ଅବସରଞ୍ଚନାର ବିକାଶ ଏବଂ ଉନ୍ନତି ଘଟିବ ଏବଂ ଏହା ସହିତ ସ୍ଥାନୀୟ କୋଚ, ପ୍ରଶିକ୍ଷକ ଏବଂ ସହଯୋଗୀ କର୍ମଚାରୀମାନଙ୍କ ନିମନ୍ତେ ରୋଜଗାରର ଏକ ଅବସର ମଧ୍ୟ ପ୍ରଦାନ କରିବ । ବିଦ୍ୟାଳୟ ଏବଂ ସାର୍ବଜନୀନ ସଂସ୍ଥାନମାନଙ୍କ ଦୈନନ୍ଦିନ ଜୀବନରେ କ୍ରୀଡ଼ାକୁ ସାମିଲ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବ ଯାହା ଫଳରେ ତୃଣମୂଳ ସ୍ତରରେ ଏକ ସ୍ଥାୟୀ ଏବଂ ସମାବେଶୀ କ୍ରୀଡ଼ା ସଂସ୍କୃତିର ବିକାଶ ହୋଇପାରିବ ।

ଏହି ଖେଲୋ ଇଣ୍ଡିଆ ଜନଜାତୀୟ କ୍ରୀଡ଼ା କେବଳ ଥରେ ମାତ୍ର ଆୟୋଜିତ ହେବା ଭଳି କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ ବରଂ ଏହାକୁ ଖେଲୋ ଇଣ୍ଡିଆର ବାର୍ଷିକ କ୍ୟାଲେଣ୍ଡରରେ ସ୍ଥାୟୀ ସ୍ଥାନ ପ୍ରଦାନ କରାଯିବ । ଏହା ଫଳରେ ଦେଶବ୍ୟାପୀ ଜନଜାତୀୟ କ୍ରୀଡ଼ାବିତମାନଙ୍କୁ ନିରନ୍ତର ଏବଂ ନିୟମିତ ମଞ୍ଚ ପ୍ରାପ୍ତ ହୋଇପାରିବ, ଯାହା ସେମାନଙ୍କର ଦୀର୍ଘକାଳୀନ ବିକାଶ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ଅଟେ । ଏହାର ପ୍ରତ୍ୟେକ ସଂସ୍କରଣ ସହିତ ଏହି ଖେଳ ଅଧିକ ବ୍ୟାପକ ଖେଲୋ ଇଣ୍ଡିଆ (ଇକୋସିଷ୍ଟମ) ପାରିସ୍ଥିତିକୀ ତନ୍ତ୍ର ନିମନ୍ତେ ଏକ ଆଧାର ଭାବରେ କାର୍ଯ୍ୟ କରିବ । ଏହି ଦୃଷ୍ଟିକୋଣରୁ, ଜନଜାତୀୟ କ୍ରୀଡ଼ା କେବଳ ଏକ ମଞ୍ଚ ନୁହେଁ ବରଂ ଏକ ସମୃଦ୍ଧ ଖେଳ ସଂସାରରେ ପ୍ରବେଶ କରିବାର ଦ୍ୱାର ବୋଲି ବିବେଚନା କରାଯାଇପାରେ ।

ଏହିସବୁ ଖେଳ ମାଧ୍ୟମରେ ଆମେ ପ୍ରତିଭାମାନଙ୍କୁ ଚିହ୍ନିପାରିବା ଏବଂ ସେମାନଙ୍କର ବିକାଶ ନିମନ୍ତେ ଏକ ଲକ୍ଷ୍ୟ ରଖିଛୁଁ । ରାଷ୍ଟ୍ରୀୟ କୋଚ, ଉଚ୍ଚ ପ୍ରଦର୍ଶନ ନିର୍ଦ୍ଦେଶକ ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣଙ୍କ ବୈଷୟିକ ବିଶେଷଜ୍ଞମାନେ ଏହି କ୍ରୀଡ଼ାରେ ଉପସ୍ଥିତ ରହିବେ । ଚୟନିତ କ୍ରୀଡ଼ାବିତମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ନିମନ୍ତେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ କେନ୍ଦ୍ରମାନଙ୍କୁ ପଠାଯିବ, ଯେଉଁଠାରେ ସେମାନେ ନିଜ ନିଜ କ୍ରୀଡ଼ା କ୍ୟାରିଅରକୁ ନୂତନ ଶୀର୍ଷରେ ପହଞ୍ଚାଇବା ନିମନ୍ତେ ସକ୍ଷମ ହୋଇପାରିବେ ।

ଭାରତ ୨୦୩୦ ମସିହାର ରାଷ୍ଟ୍ରମଣ୍ଡଳ କ୍ରୀଡ଼ା ଆୟୋଜନ ନିମନ୍ତେ ପ୍ରସ୍ତୁତିର ଯେତିକି ନିକଟତର ହେବାରେ ଲାଗିଛି ଏବଂ ୨୦୩୬ ମସିହାର ଅଲିମ୍ପିକ୍ କ୍ରୀଡ଼ାର ଆୟୋଜନ ନିମନ୍ତେ ପ୍ରୟାସରତ ରହିଛି, ସେତିକି ମାତ୍ରାରେ ନୂଆ ନୂଆ ପ୍ରତିଭାମାନଙ୍କ ସଂଖ୍ୟା ବି ଚାଲିଛି ଏବଂ ତାହା ମଧ୍ୟ ସେତିକି ମାତ୍ରାରେ ଆବଶ୍ୟକ ବୋଲି ଅନୁଭୂତ ହୁଏ । ଏହାର ଅର୍ଥ ଦେଶର ପ୍ରତ୍ୟେକ କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚିବା ଏବଂ ଏହା ସୁନିଶ୍ଚିତ କରିବା ଯେ ପ୍ରତ୍ୟେକ ଯୁବ କ୍ରୀଡ଼ାବିତ- ବିଶେଷକରି ଜନଜାତୀୟ ସମୁଦାୟମାନଙ୍କର କ୍ରୀଡ଼ାବିତମାନେ ଯେପରି କୌଣସି ସୁଯୋଗରୁ ବଞ୍ଚିତ ନ ହୁଅନ୍ତି । ଜନଜାତୀୟ କ୍ରୀଡ଼ାର ଆରମ୍ଭ ଏହି ଚିନ୍ତାଧାରାର ଫଳଶ୍ରୁତି ଅଟେ ଏବଂ ଏହା ଭାରତକୁ ବିକଶିତ ରାଷ୍ଟ୍ର ହେବା ସହିତ ଖେଳ ତନ୍ତ୍ରକୁ ଅଧିକ ମଜଭୁତ କରିବାର ଆକାଂକ୍ଷାକୁ ମଧ୍ୟ ପ୍ରଦର୍ଶିତ କରେ ।

କ୍ରୀଡ଼ାର ଉତ୍କୃଷ୍ଟତାର ଯାତ୍ରା ଅଧିକତର ସେହିସବୁ ଗ୍ରାମ ଏବଂ ଗୋଷ୍ଠୀରୁ ଆରମ୍ଭ ହୋଇଥାଏ ଯେଉଁଠାରେ ସ୍ୱପ୍ନ ତ ଥାଏ କିନ୍ତୁ ଅବସର ସୀମିତ ମାତ୍ରାରେ ରହିଥାଏ । ଖେଲୋ ଇଣ୍ଡିଆ ଜନଜାତୀୟ କ୍ରୀଡ଼ା ମାଧ୍ୟମରେ, ସରକାର କ୍ରୀଡ଼ାର ଏହିସବୁ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିବାର ଏକ ସଫଳ ଉପକ୍ରମ । ଏହି ପ୍ରକ୍ରିୟା ମାଧ୍ୟମରେ ଆମେ କେବଳ ଭବିଷ୍ୟତର ଚାମ୍ପିଅନମାନଙ୍କୁ ତଲାସ କରୁନାହୁଁ ବରଂ ଭାରତର ପ୍ରତିଭା ଶୃଙ୍ଖଳାକୁ ଅଧିକ ସଶକ୍ତ କରୁଛୁଁ, ଯାହା ଫଳରେ ଆମେ ଏକ ବୈଶ୍ୱିକ କ୍ରୀଡ଼ା ମହାଶକ୍ତିରେ ପରିଣତ ହେବା ଦିଗରେ ଆଗକୁ ଅଗ୍ରସର ହୋଇପାରିବୁ ଏବଂ ୨୦୩୬ ମସିହା ସୁଦ୍ଧା ବିଶ୍ୱର ଶୀର୍ଷ ୧୦ ତଥା ୨୦୪୭ ମସିହା ବେଳକୁ ଶୀର୍ଷ ପାଞ୍ଚଗୋଟି ରାଷ୍ଟ୍ରରେ ପରିଣତ ହେବା ସକାଶେ ପ୍ରଧାନମନ୍ତ୍ରୀ ଧାର୍ଯ୍ୟ କରିଥିବା ଲକ୍ଷ୍ୟକୁ ସାକାର କରିପାରିବୁଁ ।

**(ଲେଖକ ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ତଥା ଶ୍ରମ ଓ ରୋଜଗାର ମନ୍ତ୍ରୀ ଭାବରେ କାର୍ଯ୍ୟରତ ।)**

**ଭାରତ ୨୦୩୦ ମସିହାର ରାଷ୍ଟ୍ରମଣ୍ଡଳ କ୍ରୀଡ଼ା ଆୟୋଜନ ନିମନ୍ତେ ପ୍ରସ୍ତୁତିର ଯେତିକି ନିକଟତର ହେବାରେ ଲାଗିଛି ଏବଂ ୨୦୩୬ ମସିହାର ଅଲିମ୍ପିକ୍ କ୍ରୀଡ଼ାର ଆୟୋଜନ ନିମନ୍ତେ ପ୍ରୟାସରତ ରହିଛି, ସେତିକି ମାତ୍ରାରେ ନୂଆ ନୂଆ ପ୍ରତିଭାମାନଙ୍କ ସଂଖ୍ୟା ବି ଚାଲିଛି ଏବଂ ତାହା ମଧ୍ୟ ସେତିକି ମାତ୍ରାରେ ଆବଶ୍ୟକ ବୋଲି ଅନୁଭୂତ ହୁଏ । ଏହାର ଅର୍ଥ ଦେଶର ପ୍ରତ୍ୟେକ କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚିବା ଏବଂ ଏହା ସୁନିଶ୍ଚିତ କରିବା ଯେ ପ୍ରତ୍ୟେକ ଯୁବ କ୍ରୀଡ଼ାବିତ- ବିଶେଷକରି ଜନଜାତୀୟ ସମୁଦାୟମାନଙ୍କର କ୍ରୀଡ଼ାବିତମାନେ ଯେପରି କୌଣସି ସୁଯୋଗରୁ ବଞ୍ଚିତ ନ ହୁଅନ୍ତି ।**

# ଲିଭର ପାଇଁ କ୍ଷତିକାରକ ସୁଗାର ଫ୍ରି



**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଜିକାଲି ଓଜନ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଉଛନ୍ତି । ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ସୁଗାର ଫ୍ରି ଚକଲେଟ ଓ ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି । ଏଥିରେ ବ୍ୟବହାର ହେଉଥିବା ସର୍ବିଟୋଲ, ସୁକ୍ରାଲୋଜ, ଆସ୍ପଟେମ୍ ସାଧାରଣତଃ ଚିନିଠାରୁ ଉତ୍ତମ ବିକଳ୍ପ ବୋଲି କୁହାଯାଏ ।

ଏବେ ଏକ ନୂତନ ଗବେଷଣା ଅନୁସାରେ, ସର୍ବିଟୋଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ଫ୍ରୁକଟୋଜ ଭଳି କାମ କରିଥାଏ । ଫ୍ରୁକଟୋଜ ଲିଭରକୁ କ୍ଷତି ପହଞ୍ଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ । କେବଳ ସେତିକି ନୁହେଁ, ଏହା ଶରୀର ଭିତରକୁ ଯାଇ ହାଇ ସୁଗାର ଡାଏଟ ଭଳି କ୍ଷତି କରିଥାଏ । ନିକଟରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍'ର ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ସର୍ବିଟୋଲ ଶରୀର ଭିତରେ ପ୍ରାୟ ଫ୍ରୁକଟୋଜ ଭଳି ପ୍ରଭାବ ପକାଏ । ଯେତେବେଳେ ଲିଭରରେ ଅଧିକ ପରିମାଣରେ ଫ୍ରୁକଟୋଜ ତିଆରି ହୁଏ, ତାହା କର୍କଟ କୋଷ ତିଆରି କରିବାରେ ସାହାଯ୍ୟ କରେ । ତା'ସହ ଫ୍ରୁକଟୋଜ ଫ୍ୟାଟି ଲିଭର ରୋଗର ମୁଖ୍ୟ କାରଣ ବୋଲି କୁହାଯାଏ । ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିପାରେ । ସର୍ବିଟୋଲ ମଧ୍ୟ ଲିଭରରେ ପହଞ୍ଚି ଫ୍ରୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ଚେତାଇ ଦେଇଛି । ସର୍ବିଟୋଲ ଫ୍ରୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭରରେ ପହଞ୍ଚି ନକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଚର୍ବି ଜମା ହେବା, ମେଟାବଏଲିଜିମ୍ ଉପରେ ପ୍ରଭାବ ପକାଇବା ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ନକରିବା ଭଳି ସମସ୍ୟା ସୃଷ୍ଟି କରିଥାଏ । ଅନେକ ଭାବନ୍ତି, ସର୍ବିଟୋଲ ଚିନିର ଏକ ସୁରକ୍ଷିତ ବିକଳ୍ପ । ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଫ୍ରୁକଟୋଜ ଭଳି ଶରୀରର କ୍ଷତି କରିପାରେ । ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ । ଅନ୍ୟପଟେ ସୁଗାର ଫ୍ରି ଚୁଇଙ୍ଗମ, କ୍ୟାଣ୍ଡି, ପ୍ରୋଟିନ ବାର ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ । କାରଣ ଏଥିରେ ସର୍ବିଟୋଲ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଅନ୍ତଃନଳୀ ମଧ୍ୟ ପ୍ରଭାବିତ ହୁଏ । ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ଜିନିଷ ଖାଇଲେ ଗ୍ଲୁକୋଜ ଅନ୍ତଃନଳୀରେ ସର୍ବିଟୋଲରେ ପରିଣତ ହୋଇଥାଏ । ଏହାଦ୍ୱାରା ଶରୀରରେ ସର୍ବିଟୋଲ ପରିମାଣ ବଢ଼େ । ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ ।

**ପ୍ରତିରଦ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ-୯୪୩୭୦୫୧୯୫୭**

## ସମ୍ପାଦକଙ୍କୁ ପତ୍ର

### ଜମି ପଞ୍ଜିକରଣ- ସରକାର -- ଜନସାଧାରଣ

ଜମି ପଞ୍ଜିକରଣ ନିମନ୍ତେ ସାରା ଭାରତ ବର୍ଷରେ ଇଣ୍ଡିଆନ୍ ରେଜିଷ୍ଟ୍ରେସନ ଆକ୍ଟ, ଷ୍ଟାମ୍ପ ଆକ୍ଟଦ୍ୱାରା ସରକାରଙ୍କ ରାଜସ୍ୱ ଆଦାୟ ଉଦ୍ଦେଶ୍ୟରେ ଏକ ବିଧି ବ୍ୟବସ୍ଥା ବ୍ରିଟିଶ୍ ଅମଳରୁ ପ୍ରଚଳନ କରାଯାଇଥିଲା ଯାହାକି ସାରା ଭାରତ ବର୍ଷରେ ରେଜିଷ୍ଟ୍ରେସନ ବିଭାଗକୁ କାଡର୍‌ଭିତ୍ତିକ କରାଯାଇ ସରକାରୀ କର୍ମଚାରୀମାନଙ୍କୁ ଏକ ସ୍ୱତନ୍ତ୍ର କାଡର୍‌ଭିତ୍ତିକ କର୍ମଚାରୀ ଭାବେ ଗଣ୍ୟ କରାଯାଉଥିଲା ।

ଏହା ସାରା ଭାରତ ବର୍ଷରେ ପ୍ରଚଳନ କରାଯାଇଥିବା ବେଳେ ଓଡ଼ିଶା ଏହାର ବ୍ୟତିକ୍ରମ । ଫଳରେ କି ଓଡ଼ିଶାର ବିଭିନ୍ନ ସବ୍‌ରେଜେଷ୍ଟ୍ରାର ଅଫିସରେ ବିଭିନ୍ନ ପ୍ରକାର ଆଇନ ଦ୍ୱାରା ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରିପ୍ରେକ୍ଷୀରେ ଜମିଜମା ପଞ୍ଜିକରଣ ନିମନ୍ତେ ତଳେ ଦର୍ଶାଯାଇଥିବା ଆଇନକୁ ସରକାର ଅନୁଧାନ କରି ରେଜିଷ୍ଟ୍ରେସନ ବିଭାଗରେ ସୃଷ୍ଟି ହେଉଥିବା ଅଚଳ ବ୍ୟବସ୍ଥାକୁ ଧ୍ୟାନ ଦେବା ନିମନ୍ତେ ନିବେଦନ କରୁଅଛି ।

ଦଲିଲ ପଞ୍ଜିକରଣ ବିଶେଷ କରି ଜମି କ୍ରୟ ବିକ୍ରୟ ପାଇଁ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ପଞ୍ଜିକରଣ ନିୟମର ସଂଶୋଧନ ପାଇଁ ସର୍ବୋଚ୍ଚ ଅଦାଲତଙ୍କର ଆଦେଶ ସତ୍ତ୍ୱେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ପ୍ରଚଳିତ ପଞ୍ଜିକରଣ ଆଇନ ଅନୁଯାୟୀ ଦଲିଲ ପଞ୍ଜିକରଣ ସମୟରେ ନିବନ୍ଧନ ଅଧିକାରୀମାନେ ଜମିର ସ୍ଥିରୀକୃତ ବଜାର ଦର ମୂଲ୍ୟ, ଏହାର ଷ୍ଟାମ୍ପ ଓ ଫିସ୍ ଦେୟ ନିର୍ଦ୍ଧାରଣ କରିବା ସହ କ୍ରେତା, ବିକ୍ରେତା ବା ଆବଶ୍ୟକୀୟ ସବୁ ପକ୍ଷମାନେ ତାଙ୍କ ସମ୍ମୁଖରେ ଉପସ୍ଥିତ ରହି ଦାଖଲ କରାଯାଇଥିବା ଦଲିଲଟିକୁ ସ୍ୱୀକାର କରି ସମ୍ମତି ଜଣାଇବେ । ମାତ୍ର ବିକ୍ରି କରାଯାଉଥିବା ଜମିର ମାଲିକାନା ସତ୍ତ୍ୱ ଦଖଲ ଇତ୍ୟାଦି ବିକ୍ରେତାଙ୍କ ନାମରେ ଅଛିକି ନାହିଁ, ପୁଣି ସେ ଜମିର ପଟ୍ଟା ତାଙ୍କ ନାମରେ ଅଛିକି ନାହିଁ, ଦେୟମୁକ୍ତ (ଇସି) ପ୍ରମାଣ ପତ୍ରରେ ତାଙ୍କର ମାଲିକାନା ଅଛିକି ନାହିଁ ଏସବୁ ତଦନ୍ତ କରିବାର ଅଧିକାର ନିବନ୍ଧନ ଅଧିକାରୀଙ୍କ କ୍ଷମତା ପରିସର ଭୁକ୍ତ ନୁହେଁ । ପୁଣି ଏସବୁ ନଥିଲେ ଦଲିଲ ପଞ୍ଜୀକରଣକୁ ଅଗ୍ରାହ୍ୟ କରିବାର କ୍ଷମତା ଅଧିକାରୀମାନଙ୍କ ପାଖରେ ନାହିଁ ।

ଏହା ମଧ୍ୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠଙ୍କର ୨୦୨୫ ମସିହାରେ ପ୍ରଦତ୍ତ ଆଦେଶ ସଂଖ୍ୟା ୩୯୫୪/୨୦୨୫ ଅନୁଯାୟୀ ଜମିର ମାଲିକାନା ସତ୍ତ୍ୱ, ଦଖଲ ଇତ୍ୟାଦି ବିକ୍ରେତା ପାଖରେ ଅଛି କି ନାହିଁ, ଏକଥା ବିଚାର କରିବାର କ୍ଷମତା ନିବନ୍ଧନ ଅଧିକାରୀମାନଙ୍କ ପାଖରେ ନାହିଁ । ଏଣୁ ପଞ୍ଜୀକରଣର ଅନ୍ୟାନ୍ୟ ସର୍ତ୍ତ ପାଳନ କରୁଥିଲେ ଓ ଆବଶ୍ୟକୀୟ ଷ୍ଟାମ୍ପ, ଫି ଦେୟ ପଇଠ କରୁଥିଲେ ନିବନ୍ଧନ ଅଧିକାରୀମାନେ ଦଲିଲ ପଞ୍ଜୀକରଣ କରିବାକୁ ନିୟମ ଅନୁଯାୟୀ ବାଧ୍ୟ । କାରଣ ଜମି ମାଲିକାନା, ପଟ୍ଟା ବା ଦେୟମୁକ୍ତ ପ୍ରମାଣପତ୍ର ଦାଖଲ କରିବା ପଞ୍ଜୀକରଣ ନିୟମ ଅନ୍ତର୍ଭୁକ୍ତ ନୁହେଁ ।

ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏହି ଆଦେଶକୁ ଉଲଂଘନ କରି ନିବନ୍ଧନ ଅଧିକାରୀମାନେ ନିଜ ନାମରେ ପଟ୍ଟା, ଓ ଦେୟମୁକ୍ତ ପ୍ରମାଣପତ୍ର ନଥିଲେ ଦଲିଲ ପଞ୍ଜୀକରଣକୁ ଅଗ୍ରାହ୍ୟ କରୁଛନ୍ତି । ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ପୁନଶ୍ଚ ପଞ୍ଜୀକରଣ ନହେବା ଫଳରେ ସରକାରଙ୍କର ବହୁତ ରାଜସ୍ୱ ହାନୀ ହେଉଛି । ରାଜସ୍ୱ ବିଭାଗ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଆଦେଶ ଓ ପ୍ରଚଳିତ ପଞ୍ଜିକରଣ ଆଇନକୁ ଭିତ୍ତିକରି ନିବନ୍ଧନ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକୀୟ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରୁଛି ।

**ମାନସ ରଞ୍ଜନ ଦାସ**
**(ଅବସରପ୍ରାପ୍ତ ଉପନିବନ୍ଧକ, ସି.ଡି.ଏ. କଟକ)**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟ୍ରମ୍ପଙ୍କ...

ଶିକାର ହୋଇପାରନ୍ତି । ଆମ ମାଟିର ସୁରକ୍ଷା ପାଇଁ କେବେ ହେଲେ ବି ଆମ ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ ।

ଆମେରିକା ପକ୍ଷରୁ ଶାନ୍ତି ପାଇଁ କୂଟନୈତିକ ସ୍ତରରେ ପ୍ରୟାସ ଚାଲିଥିବା ବାବଦ୍ ଏଯାଏ ଇରାନ ଗ୍ରହଣ କରନାହିଁ । ଏସବୁ ଭିତରେ ବାଚସ୍ପତିଙ୍କ ଧମକପୂର୍ଣ୍ଣ ବୟାନ ସାମ୍ନାକୁ ଆସିଛି ।ଇରାନର ଲେଫ୍ଟନାଣ୍ଟ କର୍ଣ୍ଣେଲ ଇବ୍ରାହିମ ଜୋଲଫାଘାରି ସିଧାସଳଖ ଟ୍ରମ୍ପଙ୍କ ୧୫ ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ତେହରାନ କେବେ ହେଲେ ବି ୱାଶିଂଟନର ସର୍ତ୍ତକୁ ଗ୍ରହଣ କରିବ ନାହିଁ ବୋଲି ସେ କହିଛନ୍ତି । ଇବ୍ରାହିମ କହିଛନ୍ତି, କଣ ଆପଣଙ୍କ ଆଭ୍ୟନ୍ତରୀଣ ବିବାଦ ଏମିତି ଏକ ସ୍ତରରେ ପହଞ୍ଚି ଯାଇଛି ଯେଉଁଠି ଆପଣ ନିଜ ସହ ଆପୋଷ ବୁଝାମଣା କରୁଛନ୍ତି? ଆମର ପ୍ରଥମ ଓ ଶେଷ ଶବ୍ଦ ପ୍ରଥମ ଦିନରେ ଯାହା ଥିଲା, ଏବେ ବି ଠିକ ସେଇଆ ରହିଛି । ଏହା ସବୁ ଦିନ ପାଇଁ ସମାନ ରହିବ । ଆମ ଭଳି କେହି ବି ଆପଣଙ୍କ ଭଳି ଲୋକଙ୍କ ସହ ବୁଝାମଣା କରିବେ ନାହିଁ । ଏବେ ନୁହେଁ କି କେବେ ନୁହେଁ । ଅନ୍ୟପକ୍ଷରେ ଆମେରିକା ପକ୍ଷରୁ ୮୨ତମ ଏୟାରବର୍ଣ୍ଣ ଡିଭିଜନ ମଧ୍ୟପ୍ରାଚ୍ୟରେ ମୁତୟନ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଇରାନ ସହ ୫ ଦିନିଆ ଯୁଦ୍ଧ ବିରତି ଲାଗୁ ସମ୍ପର୍କରେ ଘୋଷଣା କରିବା ପରେ ଟ୍ରମ୍ପ ଏଭଳି ପଦକ୍ଷେପ ନେଇଛନ୍ତି ।

ଅନ୍ୟପକ୍ଷରେ ଇସ୍ରାଏଲ୍ ଅଧିକାରୀମାନେ ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରସ୍ତାବରେ ଚକିତ ହୋଇଛନ୍ତି । ସେମାନେ ଇରାନ ସହ ଯୁଦ୍ଧ ଜାରି ରଖିବାକୁ ଟ୍ରମ୍ପଙ୍କୁ ଉତ୍ସାହିତ କରୁଛନ୍ତି । ଗୋଟିଏ ପଟେ ଇରାନ ସୀମାରେ ଆମେରିକା ଅତିରିକ୍ତ ୩ ହଜାର ସୈନିକ ମୁତୟନ କରିଥିବା ବେଳେ ଅନ୍ୟପଟେ ଯୁଦ୍ଧ ବିରତି ପାଇଁ ପ୍ରସ୍ତାବ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ଶ୍ରୀମନ୍ଦିର...

ସଦସ୍ୟ ବୃନ୍ଦ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ପ୍ରାଧିକୃତ ସଦସ୍ୟ ବୃନ୍ଦଙ୍କୁ ରତ୍ନ ଭଣ୍ଡାର ଭିତରକୁ ପ୍ରବେଶ ପୂର୍ବରୁ କୌଣସି ଧାତବ ଜିନିଷ ନିଜ ପାଖରେ ଥିଲେ ତାହାକୁ ବାହାରେ ରଖିବାକୁ ପୁନଃ ପରାମର୍ଶ ଦେବାସହ ପରମ୍ପରା ମୁତାବକ କାର୍ଯ୍ୟ କରିବାକୁ ସତର୍କ କରାଇଲା ପରେ ସମସ୍ତ ପ୍ରାଧିକୃତ ସଦସ୍ୟ ବୃନ୍ଦଙ୍କୁ ନେଇ ସମସ୍ତ ଗଣତି ପ୍ରକ୍ରିୟା ନିୟମ ପ୍ରକାରେ ଶୃଙ୍ଖଳା ର ସହ ସଂପାଦନ ପାଇଁ ଆଶିଷ ପାଇଁ ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟ ବୃନ୍ଦଙ୍କ ସହ ମା' ବିମଳା, ମା ଲକ୍ଷ୍ମୀ ଓ ଶେଷରେ ମା' କଣ୍ଠା ଠାକୁରାଣୀ ଙ୍କ ଦର୍ଶନ ଆଶିଷ ପାଇଥିବା ପରେ ବେହେରଣ ଦ୍ୱାର ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟରର ଦ୍ୱାରା ଯାଞ୍ଚ ପୂର୍ବକ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟ ମାନେ ଭିତରକୁ ପ୍ରବେଶ କରିଥିଲେ । ଚଳନ୍ତି ରତ୍ନ ଭଣ୍ଡାରରୁ ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଆଜିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟବୃନ୍ଦଙ୍କ ଦ୍ୱାରା ଯାଞ୍ଚ ପୂର୍ବକ ସଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ସଂପାଦନ ସହ ସେହି ଗଣତି ଅଳଙ୍କାର ଗୁଡ଼ିକର ଫୋଟୋଗ୍ରାଫି,ଭିଡିଓ ଗ୍ରଫି ସହ କରାଯାଇଥିଲା ।

ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ବନ୍ଦ ସହ ମୁଦ ଦିଆ ଯାଇଥିଲା, ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସମସ୍ତ ସେବକ, ନିୟୋଜିତ ଅଧିକାରୀ ବ୍ୟକ୍ତି ବେଶେଷ ତଥା ଭକ୍ତ ମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ସାଧୁବାଦ୍ ଜଣାଇଛନ୍ତି ମୁଖ୍ୟ ପ୍ରଶାସକ ।

## ଏସ୍‌ସିବି...

କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ୧୧.୩୦ରେ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ଗୃହରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା । ବିରୋଧୀ ଗୃହ ମଧ୍ୟଭାଗରେ ହଙ୍ଗାମା କରୁଥିବାବେଳେ ଶାସକ ଦଳ ସଭ୍ୟମାନେ ନିଜ ଆସନରେ ବସି ହାତରେ ପୋଷ୍ଟର ଓ ବ୍ୟାନର ଧରି ପ୍ରତିବାଦ କରିଥିଲେ । ଏହାରି ଭିତରେ ସିପିଏମ୍ ବିଧାୟକ ରିପୋର୍ଟର୍ସ ଟେବୁଲ ଉପରେ ଶୋଇପଡ଼ିଥିବା ବେଳେ ବିରୋଧୀ ବିଧାୟିକାମାନେ ବାଚସ୍ପତିଙ୍କ ପୋଡ଼ିୟମ ପାହାଚ ଦେଇ ଚଢ଼ିବାକୁ ଚେଷ୍ଟା କରିଥିଲେ । ସେଠାରେ ସୁରକ୍ଷା କର୍ମୀ ସେମାନଙ୍କୁ ଅଟକାଇଥିଲେ ।

ଶୂନ୍ୟକାଳରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ବିଧାନସଭାକୁ ଏତେ ଲମ୍ବା ସମୟ ଧରି କେହି ବନ୍ଦ କରିନଥିଲେ । ଗତ ୨୪ ବର୍ଷ ଧରି ଶାସନ କରିଥିବା ଦଳ ଆଜି ବିରୋଧୀ ଆସନରେ ବସି ରାଜନୀତି କରୁଛନ୍ତି । ଏହା ସବୁଠୁ ବଡ଼ ଦୁର୍ଭାଗ୍ୟ । ଧାନ କିଣା ପ୍ରସଙ୍ଗରେ ବିରୋଧୀ ପ୍ରତିବାଦ କରି ଗୃହକୁ ଆରମ୍ଭରୁ ଅଚଳ କରୁଥିଲେ । ସେମାନଙ୍କ ସାଥୀରେ କୌଣସି ଚାଷୀ ନାହାନ୍ତି । ଏହାପରେ ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟିଥିବା ପ୍ରସଙ୍ଗକୁ ଆୟୁଧ କରି ବିରୋଧୀମାନେ ଗୃହକୁ ଚଲାଇ ଦେଉନାହାନ୍ତି । ତେବେ ପୂର୍ବରୁ କୌଣସି ଦୁର୍ଘଟଣା ସ୍ଥଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପହଞ୍ଚି ନଥିଲେ । ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ଦିନ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପହଞ୍ଚିବା ସହ ଦୋଷୀ ଅଧିକାରୀଙ୍କୁ ବଦଳି କରାଯାଇଛି । ଏଥିସହ ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଅଗଣତାନ୍ତ୍ରିକ ଭାବେ ବିଧାନସଭାକୁ ବନ୍ଦ କରିଦିଆଯାଉଛି । ସାଧାରଣ ଲୋକଙ୍କ ପ୍ରଦାନରେ ରାଜକୋଷ ଅର୍ଥ ବିଧାନସଭାରେ ଖର୍ଚ୍ଚ ହେଉଛି । ପ୍ରତ୍ୟେକ ଦିନ ୬୮ ଲକ୍ଷ ଟଙ୍କା ବିଧାନସଭା ପରିଚାଳନାରେ ଖର୍ଚ୍ଚ ହେଉଛି । ଆଜି ସୁଦ୍ଧା ଗୃହ ଅଚଳ ଯୋଗୁ ପ୍ରାୟ ୧୨ କୋଟି ଟଙ୍କା ରାଜକୋଷରୁ କ୍ଷତି ହୋଇଛି । ଏହାର ଉତ୍ତର କିଏ ଦେବ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ରାଜ୍ୟର ବିକାଶରେ ରାଜ୍ୟ ସରକାରଙ୍କର ଯେତିକି ଭୂମିକା ରହିଛି, ବିରୋଧୀ ଦଳର ମଧ୍ୟ ସେତିକି ପରିମାଣର ଭୂମିକା ରହିଛି । ତେଣୁ ବିରୋଧୀମାନେ ଆଲୋଚନାରେ ଭାଗ ନିଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ।

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିରୋଧୀଙ୍କୁ ସମାଲୋଚନା କରି କହିଥିଲେ ଯେ ଏହି ଗୃହ ହେଉଛି ପବିତ୍ର ଗୃହ । ଆମେ ନିଜର ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷା କରିବା ଉଚିତ । ଏକବିଂଶ ଶତାବ୍ଦୀରେ ଆମେ ବାସ କରୁଛେ । ୨୦୨୯ ରେ ନୂଆ ୧୫ ଲକ୍ଷ ଭୋଟର ମତଦାନ କରିବେ । ଏଥିସହ ୧୮ ରୁ ୩୫ ବର୍ଷ ବୟସ୍କ ଦେଢ଼କୋଟି ଭୋଟର ଭୋଟ ଦେବେ । ସେମାନେ ଏହି ଘଟଣା ଦେଖୁଥିବେ ଏବଂ ତାଙ୍କୁ ଏହା ବ୍ୟଥିତ କରିବ । ଯେଉଁ ଘଟଣା ଘଟିଯାଇଛି, ସରକାର ସେଥିରେ ପଦକ୍ଷେପ ନେଇଛନ୍ତି । ସଂସଦରେ ବିରୋଧୀମାନେ ଇରାନରେ ଫସିଥିବା ଭାରତୀୟମାନଙ୍କ ସମ୍ପର୍କିତ ହୋଇଥିବା ଆଲୋଚନାରେ ଭାଗ ନେଇଥିଲେ । ମାତ୍ର ଏଠାରେ ବିରୋଧୀମାନେ ଗୃହକୁ ଅଚଳ କରୁଛନ୍ତି । ଜଣେ ବିଧାୟକ ଟେବୁଲ ଉପରେ ଶୋଇଲେ, ଅର୍ଥାତ ତାଙ୍କ ନିର୍ବାଚନମଣ୍ଡଳୀ ସମ୍ପୂର୍ଣ୍ଣ ଶୋଇଯିବ । ଶୂନ୍ୟକାଳରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, ସୀମାରାଣୀ ନାୟକ, ଲକ୍ଷ୍ମଣ ବାଗ, ସରୋଜ କୁମାର ପାଢ଼ୀ, ବାବୁ ସିଂ, ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀ ସଭ୍ୟଙ୍କୁ ଶାଣିତ ଆକ୍ରମଣ କରିବା ସହ ଆଲୋଚନାରେ ଭାଗ ନେବାକୁ ଅନୁରୋଧ କରିଥିଲେ ।

ଏହାର ଭିତରେ ବିରୋଧୀ ବିଜେଡ଼ି ଓ କଂଗ୍ରେସ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ । ଗୃହର ସ୍ଥିତି ଅସ୍ୱାଭାବିକ ହେବାରୁ ୧୨.୨୨ରୁ ୧୨.୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇ ସର୍ବଦଳୀୟ ବୈଠକରେ ଯୋଗ ଦେବାଲାଗି ବିରୋଧୀ ସଭ୍ୟଙ୍କୁ ଡାକିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଓ ସରକାରୀ ଦଳର ମୁଖ୍ୟ ସଚେତକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସର୍ବଦଳୀୟ ବୈଠକରୁ କୌଣସି ନିଷ୍କର୍ଷ ନବାହାରିବାରୁ ୧୨.୩୦ରୁ ୧୨.୫୫ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା । ୧୨.୫୫ରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ସ୍ୱରାଷ୍ଟ୍ର ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚ ଦାବି ଆଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିନା ବିରୋଧୀରେ ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା । ଅପରାହ୍ନ ୪ଟାରୁ ବିରୋଧୀମାନେ ଗୃହକୁ ଆଉ ଫେରି ନଥିଲେ । ବିନା ବିରୋଧୀରେ ଉପରୋକ୍ତ ଦୁଇ ବିଭାଗର ଖର୍ଚ୍ଚ ଦାବି ପାରିତ ହୋଇଥିଲା ।

## ଚଳିତମାସ...

ଇତିହାସ ହୋଇ ରହିଯିବ । ଓଡିଶାକୁ ନକ୍ସଲ ଓ ମାଓ ମୁକ୍ତ କରିବା ପାଇଁ ପୋଲିସ ପ୍ରଶାସନ ପାଇଁ ଯାହାସବୁ ଆବଶ୍ୟକ, ଆମ ସରକାର ସବୁକିଛି ପ୍ରଦାନ କରିବାକୁ ପ୍ରସ୍ତୁତ ।

ବିରୋଧୀଙ୍କ ଦୁର୍ବଳ ମୁଖ୍ୟମନ୍ତ୍ରୀ କଟାକ୍ଷକୁ କାଉଣ୍ଟର କଲେ ମୁଖ୍ୟମନ୍ତ୍ରୀ । ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଲେ, ୨୦୧୯ ରୁ ୨୦୨୪ ଯେଉଁ ଷ୍ଟୋରୀ ଥିଲା, ମୁଖ୍ୟମନ୍ତ୍ରୀ ଦୁର୍ବଳ ହେଉଥିଲେ ସବଳ ସ୍ୱାସ୍ଥ୍ୟ ମନ୍ତ୍ରୀ ଉପରକୁ ଉଠୁଥିଲେ । ତାଙ୍କୁ କେଉଁ କାରଣରୁ ହତ୍ୟା କରାଗଲା ? କାହିଁକି ହତ୍ୟା ହେଲା ଜାଣିଛନ୍ତି କି? ସମସ୍ତେ ଜାଣିଛନ୍ତି । ଏବେ କଷ୍ଟ ତ ହେବ, ରାଜ୍ୟସଭା ନିର୍ବାଚନ ପାଇଁ ଲୁଙ୍ଗି ପିନ୍ଧି ବସିଲେ । ଏହା ଦ୍ୱାରା କେବଳ ଖୋର୍ଦ୍ଧା ଲୁଙ୍ଗିର ବିଜ୍ଞାପନ ଭଲ ହୋଇଛି । ତାଛଡା ଆଉ କିଛି ହେବ ନାହିଁ । ରାଜ୍ୟସଭ ଆଉ ନୂଆପଡା ନିର୍ବାଚନରୁ ଦୁର୍ବଳ ଆଉ ସବଳ ସଂଜ୍ଞା ମୁଁ ଆଉ କହିବିନି ।

ବିରୋଧୀଙ୍କ ମହିଳା ବିରୋଧୀ ଅପରାଧ ବୃଦ୍ଧି ଅଭିଯୋଗକୁ ଗୃହରେ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ କହିଲେ, ମହିଳା ବିରୋଧୀ ଅପରାଧ ଗ୍ରହଣୀୟ ନୁହେଁ । ମୁଁ ନମ୍ବର ଗେମ ଖେଳିବାକୁ ଚାହୁଁନାହିଁ । ବିରୋଧୀଙ୍କ ଉତ୍ତର ଦେବାକୁ କହୁଛି ଯେ ଆମ ସରକାରରେ ୧୮ ମାସରେ ୪୮୭୮୯ ମାମଲା ହେଇଛି । ପୂର୍ବ ସରକାର ଶେଷ ୧୮ ମାସରେ ୪୮୭୮୭ ମାମଲା ହୋଇଥିଲା । ଅର୍ଥାତ ମାମଲା ସ୍ଥିର ଅଛି । ରାଜ୍ୟରେ ଦୁଷ୍କର୍ମ ୩.୫%, ଅସାଦଚରଣ ୨.୨ %, ନିବସ୍ତ୍ର ୨୬%, ଏସିଡ ଆକ୍ରମଣ ୬୩.୩ %, ଯୌତୁକ ମାମଲା ୨୬.୧% ସହ ହତ୍ୟା ୭.୪ ପ୍ରତିଶତ ଏବଂ ଡକାୟତି ୮ ପ୍ରତିଶତ ହ୍ରାସ ଘଟିଛି । ଆଗରୁ ଗୃହରେ ଶ୍ୱେତପତ୍ର ପାଇଁ ଦାବି ହେଉଥିଲା ଆମ ସରକାର ସଠିକ ସମୟରେ ଦେଉଛନ୍ତି । ମୁଁ ଦେଇଥିବା ତଥ୍ୟକୁ ଚାଲେଞ୍ଜ ବି କରିପାରନ୍ତି ବିରୋଧୀ । ଆମ ପୋଲିସ ବିଭାଗ ୧୦ ଦିନ ମଧ୍ୟରେ ୫୪୫୧ ଜଣ ଶିଶୁ ଏବଂ ମହିଳା ଉଦ୍ଧାର ହୋଇଛନ୍ତି । ୨୪ ବର୍ଷ ତଥାକଥିତ ସରକାରରେ ମହିଳା ବିରୋଧୀ ଦଣ୍ଡ ହାର ୨୦୨୨ରେ ୯.୨ ପ୍ରତିଶତ ଥିବା ବେଳେ ୨୦୨୩ରେ ୬.୭ % ଥିଲା । ୨୦୨୫ରେ ଦଣ୍ଡ ହାର ୪୧ ପ୍ରତିଶତକୁ ବଢିଥିଲା । ଜୁନରେ ୬୨ ପ୍ରତିଶତକୁ ବଢିଛି ।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ କହିଛନ୍ତି ସାଇବର ଅପରାଧ ମୁକାବିଲା କରିବା ପାଇଁ ପୋଲିସ ଅଧିକାରୀଙ୍କୁ ଟ୍ରେନିଂ ଦିଆଯାଉଛି । ୩୯୭୧୪ ନୀଲ୍ ବ୍ୟାଙ୍କ ଯାଞ୍ଚ ହୋଇ ୧୪୨୨ ମାମଲା କରି ୩୭୯ ଅଭିଯୁକ୍ତ ଗିରଫ ହୋଇଛନ୍ତି । ନିଶା କାରବାର ରୋକିବା ପାଇଁ ୮୦୦ କୋଟି ଟଙ୍କା ଗଞ୍ଜେଇ ନଷ୍ଟ କରିବା ସହ ୧ ହଜାର କୋଟି ଟଙ୍କାର ଗଞ୍ଜେଇ ଜବତ ହୋଇଛି । ଅନେକ ଜିଲ୍ଲାରେ ଗଞ୍ଜେଇ ଚାଷକୁ ୫୦ ପ୍ରତିଶତ କମା ଯାଇଛି । ୩୬ କୋଟି ଟଙ୍କାର ବ୍ରାଉନ ସୁଗାର ଏବଂ ୭ କୋଟି ଟଙ୍କାର କଫ୍ ସିରଫ ଜବତ ହୋଇଛି । ପୋଲିସ ବିଭାଗରେ ୧୭୭୯୪ ପଦବୀ ସୃଷ୍ଟି ହୋଇଛି ଓ ୫୭୯୦ ନିଯୁକ୍ତି ମିଳିଛି । ପ୍ରତ୍ୟେକ ଥାନାକୁ ଦ୍ୱିତୀୟ ଦ୍ରୁତଗାମୀ ଚରି ଚକିଆ ଗାଡି ଦିଆଯାଇଛି ଏବଂ ୬ ଟି ମଟର ସାଇକେଲ ଦିଆଯାଇଛି । ପୂର୍ବ ସରକାରରେ ପୁରା ବ୍ୟବସ୍ଥାକୁ ତାମିଲ ବାବୁ ଆଉଟସୋର୍ସିଂ ଦେଇ ଶୋଇ ପଡିଲେ । ଆଗରୁ ପୋଲିସ ପିଠି ପଛରେ ହାତ ବାନ୍ଧି କାମ କରିବାକୁ କୁହାଯାଉଥିଲା । ଏବେ ମୁଁ ମୁକ୍ତ କରି ଦେଇଛି, ପୋଲିସ ଉପରେ କୌଣସି ରାଜନୈତିକ ଚାପ ନାହିଁ । ସରକାର ଏକ ଶାନ୍ତ, ଅପରାଧମୁକ୍ତ ଓଡିଶା ଗଠନ କରିବା ପାଇଁ ଯୋଜନା କରିଛନ୍ତ । ଏହାର ସଫଳ ରୂପାନ୍ତରୀକରଣ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବ ଉପସ୍ଥାପନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପରେ ଗୃହ ବିଭାଗର ୧୦୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ ଦାବି ଗୃହିତ ହୋଇଥିଲା । ଏହା ସହିତ ସାଧାରଣ ବିଭାଗ ଓ ସାଧାରଣ ଅଭିଯୋଗ ବିଭାଗର ୭୭୩ କୋଟି ୯୯ ଲକ୍ଷ ୪୧ହଜାର ଟଙ୍କାର ଖର୍ଚ୍ଚ ଦାବି ପାରିତ ହୋଇଛି ।

## ପାକ୍...

ପ୍ରଣାଳୀରେ ଏକ ନୂତନ 'ସାର୍ବଭୌମ ଶାସନ' ଭାବେ ଉଭା ହୋଇଛି । ପ୍ରଣାଳୀ ପାର ହେଉଥିବା କିଛି ଜାହାଜରୁ ପରିବହନ ଶୁଳ୍କ ଭାବରେ ୨ ନିୟୁତ ଡଲାର ଆଦାୟ ଇରାନର ଶକ୍ତିକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ, ଯୁଦ୍ଧ ପାଇଁ ମୂଲ୍ୟ ଦେବାକୁ ପଡୁଥିବାରୁ ସ୍ୱାଭାବିକ ଭାବରେ ଆମକୁ ଏହା କରିବାକୁ ପଡିବ ଏବଂ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ପରିବହନ ଶୁଳ୍କ ନେବାକୁ ପଡିବ ।

## ଲାଞ୍ଚ ନେଇ...

କାବୁ କରିଥିଲେ । ଏହାପରେ ତାଙ୍କ ମଧୁସୂଦନନଗର ଘରେ ଓ ଅଫିସ୍‌ରେ ଯାଞ୍ଚ କରିଥିଲା ଭିଜିଲାନ୍ସ ଟିମ୍ । ଅଫିସ୍ ଡ୍ରୟାରରୁ ୧ଲକ୍ଷ ୨୮ ହଜାର ଟଙ୍କା, ଘରୁ ୨୭ ଲକ୍ଷ ୪୨ ହଜାର ୯୦୦ ଟଙ୍କା ମିଳିଥିଲା । ସମୁଦାୟ ୨୮ ଲକ୍ଷ ୭୦ ହଜାର ୯୦୦ ଟଙ୍କା ନଗଦ ଜବତ ହେବା ପରେ ବୁଧବାର ଅଡିଟର ଅମ୍ବିକାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ତଦନ୍ତକାରୀ ଟିମ୍ କହିଛି ।

## ପେଟ୍ରୋଲ...

ଓ ପାନୀୟର ମୂଲ୍ୟ ଏବଂ ପ୍ରଯୁଜ୍ୟ ଟିକସ ବ୍ୟତୀତ, ଗ୍ରାହକ ବିଲରେ ପୂର୍ବ ନିର୍ଦ୍ଧାରିତ ଭାବେ ଏଭଳି ଚାର୍ଜ ଆଦାୟ କରୁଛନ୍ତି ।ଏହିଭଳି କାର୍ଯ୍ୟକଳାପ ସ୍ୱଚ୍ଛତାର ଅଭାବ ସୃଷ୍ଟି କରିବା ସହ ଗ୍ରାହକଙ୍କ ଉପରେ ଅଯଥା ଖର୍ଚ୍ଚ ଲଦିଦେଉଥିବା ସିସିପିଏ ବିବେଚନା କରିଛି । ଏଲପିଜି ଚାର୍ଜ କିମ୍ବା ସେହିଭଳି ଅନ୍ୟ କିଛି ଚାର୍ଜ ଆଦାୟ କରିବାକୁ ଆଇନର ପ୍ରାବଧାନକୁ ଏଡାଇବାର ପ୍ରୟାସ ବୋଲି କହିଛି ସିସିପିଏ ।ପ୍ରାଧିକରଣ ସ୍ପଷ୍ଟ କରିଛନ୍ତି ଯେ ଇନ୍ଧନ, ଏଲପିଜି, ବିଦ୍ୟୁତ ଏବଂ ଅନ୍ୟାନ୍ୟ ପରିଚାଳନାଗତ ଖର୍ଚ୍ଚ ହେଉଛି ବ୍ୟବସାୟ ଚଳାଇବା ପାଇଁ ଲାଗୁଥିବା ଖର୍ଚ୍ଚର ଗୋଟିଏ ଗୋଟିଏ ଅଂଶବିଶେଷ ଏବଂ ଏହାକୁ ମେନୁରେ ଥିବା ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ପୃଥକ ବାଧ୍ୟତାମୂଳକ ଚାର୍ଜ ମାଧ୍ୟମରେ ଏଭଳି ଖର୍ଚ୍ଚ ଆଦାୟ କରିବା ଆଇନର ଧାରା ୨(୪୭) ଅନୁଯାୟୀ ଅସାଧୁ ବ୍ୟାପାର ହୋଇଥାଏ ।

## ୧୨.୩୩ କୋଟି...

୬ ତାରିଖ ଦିନ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍‌ରେ ଅଭିଯୋଗ କଲେ । ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ରାହୁଲଙ୍କୁ ପଶ୍ଚିମବଙ୍ଗ କୋଲ୍‌କାତା କାକୁରଗାଚିରୁ ୬ମାସ ପରେ ଗିରଫ କରିବାରେ ତଦନ୍ତକାରୀ ଟିମ୍ ସମର୍ଥ ହୋଇଛି । ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ବୁଧବାର ରାହୁଲକୁ କୋର୍ଟଚାଲାଣ କରାଯିବା ପରେ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ଅଣ୍ଡା ବୋଝେଇ ପିକଅପ୍ ଦୁର୍ଘଟଣା

ବାଲେଶ୍ୱର (ସବ୍ୟୁ): ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ସାତଶୁଳିଆ ଛକରେ ଭାରସାମ୍ୟ ହରାଇ ଏକ ଅଣ୍ଡାବୋଝେଇ ପିକ୍ ଅପ୍ ପାଖ ନୟନଜୋରିକୁ ଓଲଟିଛି । ସୂଚନା ମୁତାବକ, ବାଲେଶ୍ୱରରୁ ଦୀଘା ଅଞ୍ଚଳକୁ ଯାଉଥିବା ଅଣ୍ଡାବୋଝେଇ ପିକ୍‌ଅପ୍ ଭାରସାମ୍ୟ ହରାଇ ନୟନଜୋରିର ପାଣି ଭିତରକୁ ପଶି ଯାଇଥିଲା ।

## ଶ୍ୱେତପତ୍ର...

୧୧୩। ୨୦୨୫ରେ ଧର୍ତ୍ତବ୍ୟ ଅପରାଧ ୨ଲକ୍ଷ ୨୯ହଜାର ୮୮୧କୁ ବୃଦ୍ଧି ପାଇଛି ।୨୦୨୪ ନିର୍ବାଚନୀ ବର୍ଷ ତୁଳନାରେ ୨୦୨୫ରେ ଅଧିକ ସଂଖ୍ୟାରେ ହତ୍ୟାକାଣ୍ଡ, ଚୋରୀ ଓ ମୋଟରଯାନ ଦୁର୍ଘଟଣା ଘଟିଛି । ୨୦୨୪ରେ ରାଜ୍ୟର ବିଭିନ୍ନ ଥାନାରେ ୧୨୫୮ ହତ୍ୟା, ୧୭ ହଜାର ୮୦୫ ଚୋରୀ ଓ ୧୨ହଜାର ୩୭୫ ମୋଟରଜାନ ଦୁର୍ଘଟଣା ମାମଲା ପଞ୍ଜିକୃତ ହୋଇଥିଲା । ୨୦୨୫ରେ ୧୩୦୪ ହତ୍ୟା, ୨୧ହଜାର ୧୯୨ ଚୋରୀ ଓ ୧୨ହଜାର ୭୮୨ ମୋଟରଜାନ ଦୁର୍ଘଟଣା ମାମଲା ପଞ୍ଜୀକୃତ ହୋଇଛି ।୨୦୨୫ରେ ୩୫୨ ଡକାୟତି, ୧୮୦୨ ଲୁଟ, ୬୦୫୩ ପ୍ରତାରଣା ଓ ୧୦୯୫ ଦଙ୍ଗା ମାମଲା ହୋଇଛି ।

୨୦୨୫ରେ ୧୮୦୨ ଲୁଟ ମାମଲାରେ ୭୭ଜଣ ଆନ୍ତଃରାଜ୍ୟ ଲୁଟେରା ସହ ୧୭୬୪ ଜଣ ଲୁଟେରା ଗିରଫ କରାଯାଇଛି । ସମୁଦାୟ ୬୨୮୨ ସିନ୍ଧି ଚୋରୀ, ୨,୫୩୮ ମାଦକଦ୍ରବ୍ୟ ନିରୋଧ ମାମଲା ପଞ୍ଜିକୃତ ହୋଇଛି । ସେହିପରି ୨,୮୦୩ଟି ସାଇବର ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୪୫ଟି ଯୌତୁକ ଜନତି ହତ୍ୟା, ୭୭ଟି ଯୌତୁକ ଜନିତ ଆତ୍ମହତ୍ୟା, ୪,୩୬୧ଟି ଯୌତୁକଜନିତ ନିର୍ଯାତନା, ୫,୪୧୯ଟି ଅଣ-ଯୌତୁକ ନିର୍ଯାତନା, ୧୬୪ଟି ମହିଳା ଚାଲାଣ ଓ ୫୩ଟି ପୁରୁଷ ଚାଲାଣ ମାମଲା ରୁଜୁ ହୋଇଛି ।


**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Superintending Engineer, Mechanical Division, Bhubaneswar.**
Email Address: smdivisionbbsr@yahoo.com
32001/254/2526
**e-Procurement Tender Call Notice No.- SE/MDB-31/W/2025-26**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 03 (Three) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | Rs. 7,06,402/-.00 to Rs. 9,85,411.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.26.03.2026 (10.00 AM) to dt.07.04.2026 (3.30 PM) |
| 9. | Last date/ time for receipt of bid in the Portal | : | dt.07.04.2026 (up to 3.30 PM) |
| 10. | Date and Place of opening of Bid | : | dt.07.04.2026 (4.00 PM onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.
OIPR : 32001/32481/1/25-26/0004
Sd/- Superintending Engineer, Mechanical Division, Bhubaneswar



**OFFICE OF THE MUNICIPAL COUNCIL SUNABEDA**
13001/799/2526
No - 1653 Date - 20/03/26
**Notice Inviting Tender**
Sealed tenders, in conformity with the detailed tender call notice in two bid system are invited from the intending registered firms/Entrepreneur/NGOS/private companies / Contractor for the execution of providing cleaning & sanitation work from Ward No. 01 to 09 and 12 , 15 (part) (Package-I, Sunabeda) & 18 to 25 ( Package-II, Semiliguda ) of Sunabeda Municipality so as to reach the Executive Officer, Sunabeda Municipality through registered post/speed post or courier only up to 5.00 PM of Dt.07.04.2026. The Technical bid of the two bid tender will be opened at Sunabeda Municipality Office on 08.04.2026 at 11.00 AM . The Technically qualified bidders of Financial bid will be opened on 09.04.2026 at 11.00 A.M. The financial qualified bidder will be give their presentation at Municipality Meeting Hall through office projector at 3.00 P.M . The details of works, bid document, scope of work, eligibility criteria & submission of tender can be downloaded from the website www.sunabedamunicipality.in from dt.24.03.2026 to 07.04.2026 up to 5.00 P.M .
OIPR : 13001/13076/1/25-26/0007
Sd/- Executive Officer, Sunabeda Municipality.



**AFFIDAVIT**
I Rahfat Jahan Wife of Hasiburrehman Siddiqui declare by this Affidavit No-28037, Dtd-05.10.2015 after my marriage I have changed my name from Rahfat Jahan to Rafat Siddiqui. Henceforth I will be known as **RAFAT SIDDIQUI** for all future purposes.

**AFFIDAVIT**
By virtue of an affidavit sworn before Executive Magistrate Kujang. I, Biplab Mandal, Aged (46), S/o- Late Santosh Kumar Mandal, of Vill- Sukhuakhala, Po-Atharbanki, Ps- Paradeep, Dist-Jagatsinghpur. Declare by this affidavit no. 698, dated. 25.03.2026, I have changed my daughter's name from Mousimi Mandal to Mausumi Mandal. Henceforth, She shall be known as Mausumi Mandal for all purposes.
Sd/- Biplab Mandal

**AFFIDAVIT**
By virtue of an Affidavit No-2785, Sworn before Notary Public, Balasore on dated 20.03.2026, I **Suprava Samal**, age about 51 years, W/O: Santanu Kumar Samal, Sai Krupa Bhaban, Angaragadia, Ps: Industrial Area, Dist: Balasore, PIN-756001, declare that, I have change my name from **Suprabha Samal to Suprava Samal**. Henceforth I shall be known as **Suprava Samal** for all future purposes.

**CHANGE OF NAME**
By virtue of an affidavit (No. 18/ 19.1.26) before the Executive Magistrate, Chilika. I, Puja Mishra, W/o- Chittaranjan Mishra, At-Gangadharpur, P.S-Nachuni, Dist-Khordha hereby affirm and state that I have changed my former name Ganga Barik, D/o Dushashan Barik, At/Po-Sarangadharpur, P.S-Ranpur, Dist-Nayagarh to Puja Mishra. Henceforth I will be known as Puja Mishra in all purposes.
Sd/- Puja Mishra



**ଦ.ପୂ. ରେଳପଥ - ଟେଣ୍ଡର**
ଟେଣ୍ଡର ନୋଟିସ୍ ନଂ : ଇ-ଟେଣ୍ଡର/୨୦୨୬/୧୦, ତାରିଖ: ୨୪.୦୩.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ, ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲିଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ **୧୫.୩୦ ଘଣ୍ଟାରେ ଖୋଲାଯିବ** । କ୍ର.ନଂ. **୧. ଟେଣ୍ଡର ନମ୍ବର: ଇ-କେଜିପି-ଦକ୍ଷିଣ-୦୮-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ସିନିୟର ଡିଇଏନ୍ (ଦକ୍ଷିଣ)/ ଖଡ଼ଗପୁର ଅଧୀନରେ ଖଡ଼ଗପୁର-ଭଦ୍ରକ, ରୂପସା ଜଙ୍କସନ-ବାଙ୍ଗିରିପୋଷି ଏବଂ ବାଲେଶ୍ୱର-ଗୋପିନାଥପୁର ଲାଇନ ସେକ୍ସନରେ ଟ୍ରାକରେ ଥିବା ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ ବୋର୍ଡର ମାନକୀକରଣ । **ଟେଣ୍ଡର ମୂଲ୍ୟ:** ଟ. ୨,୪୩,୬୩,୦୬୧.୭୪/- । **ଅଗ୍ରୀମ ଅର୍ଥ :** ଟ. ୨,୭୧,୮୦୦/- । କ୍ର.ନଂ. ୨. ଟେଣ୍ଡର ନଂ. ଇ-କେଜିପି-ଦକ୍ଷିଣ-୦୯-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ସିନିୟର ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ସେତୁ ନଂ. ୨୧୫ ଅପ୍ ଆଣ୍ଡ ଡାଉନ୍ ଏବଂ ବ୍ରିଜ ନଂ. ୨୬୩ ଅପ୍ ଆଣ୍ଡ ଡାଉନର ରିଭର ବେଡ୍ ମ୍ୟାପିଂ । (ତୃତୀୟ କଲ) । ଟେଣ୍ଡର ମୂଲ୍ୟ: ଟ. ୧୨,୨୦,୪୮୭.୪୦ । ଅଗ୍ରୀମ ଅର୍ଥ : ଟ. ୨୪,୪୦୦ । କ୍ର.ନଂ. ୩, ଟେଣ୍ଡର ନଂ.:ଇ-କେଜିପି-ଉତ୍ତ-୧୦-୨୦୨୬। କାର୍ଯ୍ୟର ବର୍ଣ୍ଣନା: କାର୍ଯ୍ୟର ସମାହାର ୧) ପାଂସକୁରା ଠାରେ ଏଡିଏସ୍‌ଟିଇ/ଡିଏସ୍ଟି ଅଫିସ ନିର୍ମାଣ ୨) ପାଂସକୁରା: - ସିନିୟର ଡିଇଏନ୍/ପୂର୍ବ/ଖଡ଼ଗପୁର ଅଧୀନରେ ଡିଇଏନ୍/ପୂର୍ବ/ଖଡ଼ଗପୁର ଅଧୀନରେ ପାଂସକୁରାରେ ଏସ୍‌ଏସ୍‌ଇଙ୍କର ଟାଇପ ଆଇଭି କ୍ୱାର୍ଟର ନିର୍ମାଣ । ଟେଣ୍ଡର ମୂଲ୍ୟ: ଟ. ୧,୪୩,୨୧,୫୪୯.୬୫/- ଅଗ୍ରୀମ ଅର୍ଥ : ଟ. ୨,୨୧,୬୦୦ । କ୍ର.ନଂ. ୪, ଟେଣ୍ଡର ସଂଖ୍ୟା: ଇ-କେଜିପି-ପୂର୍ବ-୧୩-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଶାଲିମାର ଅଧୀନରେ ଓଭର ରନ୍ ଲାଇନ, ହେଡ୍ ଏଣ୍ଡ (୯ଟି) ଏବଂ ସାଇଡ୍ ଡମ୍ପ (୧୦ଟି) ର ଉନ୍ନତି ଏବଂ ମାନକୀକରଣ । **ଟେଣ୍ଡର ମୂଲ୍ୟ:** ଟ.୧,୫୬,୬୪,୬୬୯.୩୩/- । **ଅଗ୍ରୀମ ଅର୍ଥ :** ଟ. ୨,୨୮,୪୦୦/- । କ୍ର.ନଂ. ୫, ଟେଣ୍ଡର ନଂ: ଇ-କେଜିପି-ପୂର୍ବ-୧୪-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଡିଇଏନ୍/ପୂର୍ବ/ଖଡ଼ଗପୁର କ୍ଷେତ୍ରାଧିକାର ଅଧୀନରେ ମୁଖ୍ୟ ଲାଇନ ମଧ୍ୟରେ ପ୍ରିକାଷ୍ଟ କେନ୍ଦ୍ରୀୟ ଡ୍ରେନ ନିର୍ମାଣ । **ଟେଣ୍ଡର ମୂଲ୍ୟ:** ଟ. ୨,୩୬,୬୦,୬୬୧.୬୦/- । **ଅଗ୍ରୀମ ଅର୍ଥ:** ଟ. ୨,୬୮,୪୦୦/- । କ୍ର.ନଂ. ୬. ଟେଣ୍ଡର ନମ୍ବର: ଇ-କେଜିପି-ପୂର୍ବ-୧୬-୨୦୨୬ । **କାର୍ଯ୍ୟର ବର୍ଣ୍ଣନା :** ସିନିୟର ଡିଇଏନ୍/ଉତ୍ତ/ଖଡ଼ଗପୁରଙ୍କ ଅଧିକାରକ୍ଷେତ୍ରରେ ଡିଇଏନ୍/ପୂର୍ବ/ଖଡ଼ଗପୁରଙ୍କ ଅଧୀନରେ ଥିବା ୨ଟି ଲୁପ୍ ଲାଇନ୍ ଥିବା ବୃଦ୍ଧ ଷ୍ଟେସନରେ ଡିଏସ୍‌ଏସ୍‌ପିର (ପିଏସ୍‌ସି)ର ପରିବର୍ତ୍ତନ । **ଟେଣ୍ଡର ମୂଲ୍ୟ:** ଟ. ୯,୦୧,୯୧,୨୪୦.୪୦ । **ଅଗ୍ରୀମ ଅର୍ଥ :** ଟ. ୬,୦୧,୦୦୦ । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ :** ଟଙ୍କା ୦ (କ୍ରମିକ ନମ୍ବର ୧ ରୁ ୬ ପ୍ରତ୍ୟେକ ପାଇଁ) । **ଖୋଲିବାର ତାରିଖ :** ୦୨.୦୪.୨୦୨୬ (କ୍ରମିକ ନମ୍ବର ୧ ପାଇଁ), ୦୯.୦୪.୨୦୨୬ (କ୍ର.ନମ୍ବର ୨, ୩, ୪ ଏବଂ ୫ ପ୍ରତ୍ୟେକ ପାଇଁ) ଏବଂ ୧୪.୦୪.୨୦୨୬ (କ୍ରମିକ ନମ୍ବର ୬ ପାଇଁ) । **କାର୍ଯ୍ୟ ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୧୨ ମାସ । ନିଲାମ ଆରମ୍ଭ ତାରିଖ: କ୍ରମିକ ୧ ପାଇଁ : ୧୯.୦୩.୨୦୨୬ ରୁ ୦୨.୦୪.୨୦୨୬ ରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । କ୍ର. ନମ୍ବର ୨, ୩,୪ ଓ ୫ ପାଇଁ : ୨୬.୦୩.୨୦୨୬ ଠାରୁ ୦୯.୦୪.୨୦୨୬ରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । କ୍ର.ନଂ ନମ୍ବର ୬ ପାଇଁ : ୩୧.୦୩.୨୦୨୬ ଠାରୁ ୧୪.୦୪.୨୦୨୬ ରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର : ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ । **(PR-1343)**



**ZILLA SWASTHYA SAMITI, GAJAPATI**
(Department of Health & FW, Govt, of Odisha)
Advertisement No : 02 / /DPMUGJP Date : 25/03/2026
10001/147/2526
**NOTICE**
In pursuance to this Office Advertisement No. 8324/DPMUGJP Dated 18.10.2025 and No. 8841 Dated 12.11.2025, a detailed database (Annexure-I) for the position of Empanelment of Yoga Instructor in different health institutions of Gajapati and Advt. No. 5094/DPMUGJP Dated 21.07.2024, a detail database (Annexure-II) for the position of Senior Treatment Supervisor (STS) under NHM, Gajapati have been published in the district website **www.gajapati.odisha.gov.in**. The lists are purely provisional in nature and is subject to change after further scrutiny/ verification, wherever applicable. All the candidates who had applied for the same are required to go through the list and verify their status of applications.
Candidates are informed to send their objections, if any to the "O/o. CDM & PHO, Gajapati, Paralakhemundi, 761200" so as to reach this office on or before 08.04.2026 (by 05.00 PM) through Regd. Post/Speed Post only and the envelope containing the application should be "superscribed clearly with name of the applied post" for which objection is submitted. No fresh/new documents shall be taken into consideration. The objection received on or before the due date will be disposed of and the findings thereof will be made available in the above district website and no representation in any form will be entertained. No objection will be received after the due date & time. The office of the undersigned will not be held responsible for any postal delay.
Sd/- CDM & PHO-cum-District Mission Director, Gajapati
OIPR : 10001/10105/1/25-26/0001



**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, PODAGADA DAM DIVISION**
AT/PO-KHATIGUDA, DIST-NABARANGPUR, PIN-764085.
Email I.D- eepodagadadam@gmail.com
32001/260/2526
**e-Procurement Notice**
**Bid Identification No.: - EEPDD-08(02)/2025-26, Dated: - 23.03.2026**
Bid Documents consisting of work. Estimated Cost of bid document. Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Civil Works |
| 2. | No. of Works | : | Two Numbers |
| 3. | Estimated cost | : | Rs.56.69 Lakhs (TCN SL NO. 1), Rs.26.04 Lakhs (TCN SL NO. 2) |
| 4. | Eligibility of the bidders | : | 'B' & C Class contractors (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. | Period of completion | : | Three Calendar Months (TCN Sl No.01) Three Calendar Months (TCN Sl No.02) |
| 6. | Date of Clarification | : | 30.03.2026 to 01.04.2026 Only During Office Hour |
| 7. | Time for receipt of bid in the portal | : | From 30.03.2026 (11.00 AM) to 14.04.2026 (up to 5:00 P.M) |
| 8. | Date & place of opening of the bids on-line | : | 15.04.2026(11:00 A.M) O/o The E.E. Podagada Dam Division, UIIDC Khatiguda. |
| 9. | Name and address of the Tender Inviting Authority(TIA) | : | Executive Engineer Podagada Dam Division. At/Po: Khatiguda. District: Nabarangpur |

Further details can be seen from the e-procurement portal http://tendersodisha.gov.in
Sd/- Executive Engineer, Podagada Dam Division, Khatiguda
OIPR : 32001/32095/1/25-26/0003



**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail - eepwdbgh@gmail.com Phone/Fax-06646-234819
34001/270/2526
**INVITATIONS FOR BIDS (I.F.B.)**
**e-Procurement Notice**
**IDENTIFICATION NO.IFB-SE PWD BGH No.29 OF 2025-26**
**No. 1738, Dated. 24.03.2026**

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil & Electrical works as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Civil & Electrical work : 02 Nos.
3) Cost of Tender Paper : Rs.6,000/-& Rs. 10,000/-
4) Class of contractor : "B" Class Contractor & "HT" Electrical Contractor
5) Date & Time of available in web site & receipt of Bids : 11:00 Hrs. of 26.03.2026 to 17:00 Hrs. of 06.04.2026.
6) Date of opening of Technical Bid : 07.04.2026 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website **https://tendersodisha.gov.in** only

Sd/- Superintending Engineer, Bargarh (R&B) Division
OIPR : 34001/34039/1/25-26/0003



**ZILLA PARISHAD GANJAM CHATRAPUR**
19001/102/2526
Zilla Parishad, Ganjam intend to engage an agency for "Social Media Management of Zilla Parishad, Ganjam for managing handles of all user profiles" of Collector & DM, Ganjam and CDO, Zilla Parishad, Ganjam to explore opportunity in social media platform for disseminating the information on different schemes as per details furnished in bid paper.
Name of Work : **"Tender for Engagement of Social Media Agency for Zilla Parishad, Ganjam"**

| Sl. No. | Description | Dates |
|---|---|---|
| 1 | Mode of submission of tender | Off-Line : (also Available on **ganjam.odisha.gov.in**) |
| 2 | Date of Issue of Notice Inviting Bid | 23.03.2026 at 10:00 AM |
| 3 | Period of availability of Bidding Documents from Website | From: Date: 23.03.2026 at 10:00 AM To: Date: 15.04.2026 up to 3:00 PM |
| 4 | Deadline for Receiving Bids (Hard Copy) | Date: - 15.04.2026 up to 3:00 PM |
| 5 | Time, Date for opening Technical Bids | 16.04.2026 at 11:30 AM |
| 6 | Bid Validity | 90 days from the last date of submission |
| 7 | Officer inviting Bids/Tender Inviting Authority | Chief Development Officer-cum-Executive Officer, Zilla Parishad, Ganjam, Chatrapur. |

Sd/- CDO-cum-EO, Zilla Parishad Ganjam, Chatrapur.
OIPR : 19001/19372/1/25-26/0004



**ବ୍ରହ୍ମପୁର ମହାନଗର ନିଗମ**
13001/798/2526
ସଂଖ୍ୟା. ୫୪୧୮ ତାରିଖ : ୧୨.୦୩.୨୦୨୬
**ଗୃହ ଟିକସ ଉପରେ ବିଶେଷ ରିହାତି**
ଏତଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଟିକସ ଆଦାୟ ବାବଦ ମାନ୍ୟବର ଉଚ୍ଚନ୍ୟାୟାଳୟ, ଓଡ଼ିଶା କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ରହିତାଦେଶ ନଥିବା ସମସ୍ତ କରଦାତାଙ୍କୁ ଜଣାଇ ଦିଆଯାଉଅଛି ଯେ, ଯେଉଁମାନେ ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ଘର ଟିକସ, ଏକ କିସ୍ତିରେ ଆସନ୍ତା ତା. ୦୧.୦୪.୨୦୨୬ ରିଖ ଦିନ ଠାରୁ ତା. ୩୧.୦୫.୨୦୨୬ ରିଖ ମଧ୍ୟରେ ସରକାରୀ ଛୁଟି ଦିବସ ବ୍ୟତୀତ ପୈଠ କରିବେ ସେମାନେ ଓଡ଼ିଶା ମହାନଗର ନିଗମ ଅଧିନିୟମ - ୨୦୦୩ ର ଧାରା ୨୫୭ ଉପଧାରା ୦୨ ଅନୁଯାୟୀ ଶତକଡ଼ା ୫% (ପାଞ୍ଚ ଶତାଂଶ) ହାରରେ ରିହାତି ପାଇବେ ।
ପ୍ରକାଶ ଥାଉ କି, ଉପରୋକ୍ତ ରିହାତି ସରକାରୀ କୋଠାବାଡ଼ି ପାଇଁ ମଧ ପ୍ରଯୁଜ୍ୟ ହେବ । କିନ୍ତୁ କୌଣସି କରଦାତା ଏବଂ ସରକାରୀ କୋଠାବାଡ଼ି ଉପରେ ଘର ଟିକସ ଇତ୍ୟାଦି ବକେୟା ଥିଲେ ସେମାନେ ବକେୟା ପୈଠ କଲାପରେ ହିଁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅଗ୍ରୀମ ପୈଠ କଲେ ରିହାତି ପାଇପାରିବେ ।
ପୁନଶ୍ଚ ପ୍ରକାଶ କରାଯାଉଛି କି, କୌଣସି ରହିତାଦେଶ ନଥାଇ ଦୀର୍ଘ ଦିନରୁ ଗୃହ ଟିକସ ବକେୟା ଥିବା କରଦାତା ଯଦି ଆସନ୍ତା ତା. ୩୧.୦୩.୨୦୨୬ ରିଖ ମଧ୍ୟରେ ପୈଠ ନ କରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ସ୍ୱା/- ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ
OIPR : 13001/13035/1/25-26/0010



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**
ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୭୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୬୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ଭୁବନେଶ୍ୱର : ଗାଡକଣ ବେହେରାଙ୍କ ବାରେଣୀ ଉତ୍ସବରେ ବରଗଡ କଂସ ମହାରାଜ ପ୍ରଦୀପ କୁମାର ଜେନା ।

# ଦେବୀନଦୀରେ ବୁଡ଼ିଗଲେ ମାମୁ ଭଣଜା

କଣ୍ଟାପଡ଼ା, (ସବ୍ୟୁ) :କଣ୍ଟାପଡ଼ା ବ୍ଲକ ତଥା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ନିକଟ ଦେବୀନଦୀରେ ମାମୁ ଭଣଜା ବୁଡ଼ିଯାଇଥିଲା ବେଳେ ସ୍ଥାନୀୟ ଲୋକେ ମାମୁଙ୍କୁ ଉଦ୍ଧାର କରିଥିଲେ । ମାତ୍ର ଭଣଜାଙ୍କ ଏ ପଯନ୍ତ ପତ୍ତାମିଳିନାହିଁ । ବୁଧବାର ଅପରାହ୍@ରେ ସ୍ଥାନୀୟ ସିମଳଦା ଗ୍ରାମର ମୁଜାହିଦ ହୁସେନ ଓ ତାଙ୍କ ଭଣଜା ଆଜମ ବେଗ (୧୩) ଦେବୀନଦୀକୁ ଗାଧୋଇବାକୁ ଯାଇଥିଲାବେଳେ ଅଚାନକ ପାଣିରେ ବୁଡ଼ି ଯାଇଥିଲେ । ସେମାନଙ୍କ ଚିତ୍କାର ଶୁଣି ନିକଟରେ ଥିବା ଗ୍ରାମବାସୀ ମାମୁଙ୍କୁ ପାଣିରୁ ଉଦ୍ଧାର କରିଥିଲାବେଳେ ଭଣଜା ଗଭୀର ପାଣିରେ ବୁଡ଼ି ଯାଇଥିଲେ ।

# ଏନଏଚ୍ଆରସିର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଆଇଆଇଟି ଭୁବନେଶ୍ୱର ପରିଦର୍ଶନ

ଜଟଣୀ, (ସବ୍ୟୁ) : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ଭାରତ ସରକାରଙ୍କ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପ୍ରଫେସର ତ୍ରିପାଠୀ ଗସ୍ତ କରିଛନ୍ତି । ଏହି ଗସ୍ତ ମାନବାଧିକାର, ଲିଙ୍ଗଗତ ସମାନତା, ଅନ୍ତର୍ଭୁକ୍ତି ଏବଂ ସମାଜ କଲ୍ୟାଣ ସହିତ ଜଡିତ ପ୍ରତିଷ୍ଠାନର ପଦକ୍ଷେପଗୁଡ଼ିକର ସମୀକ୍ଷା ଉପରେ କେନ୍ଦ୍ରିତ ଥିଲା । ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକରଙ୍କ ନେତୃତ୍ୱରେ ପ୍ରତିଷ୍ଠାନ ନେତୃତ୍ୱଙ୍କ ସହିତ ଆଲୋଚନା ସହିତ ଆରମ୍ଭ ହୋଇଥିଲା, ପରେ ସେନେଟ୍ ହଲରେ ଏକ ଆନୁଷ୍ଠାନିକ ଅଧିବେଶନ ହୋଇଥିଲା, ଯେଉଁଠାରେ ଏକ ନିରାପଦ, ସମାନ ଏବଂ ଅନ୍ତର୍ଭୁକ୍ତ କ୍ୟାମ୍ପସ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଆଇଆଇଟି ଭୁବନେଶ୍ୱରର ସାଂସ୍ଥାଗତ ବ୍ୟବସ୍ଥା ଉପରେ



ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା ।ସମାବେଶକୁ ସମ୍ବୋଧିତ କରି, ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର) ସମ୍ମାନ, ସମାନତା ଏବଂ ପାରସ୍ପରିକ ସମ୍ମାନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତିଷ୍ଠାନର ମହିଳା କଲ୍ୟାଣ କମିଟିର ସଦସ୍ୟ ସଚିବ ଡକ୍ଟର ପ୍ରମା ଭଟ୍ଟାଚାର୍ଯ୍ୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ମହିଳା କଲ୍ୟାଣ କମିଟି ଭଳି ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରତିଷ୍ଠାନର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ ଅଧିବେଶନ ଶେଷ ହୋଇଥିଲା ।

## ଅରୁନ୍ଧତି ଜୁଏଲର୍ସର ଆଡଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ ଅଫର

# ଅକ୍ଷୟ ତୃତୀୟାରେ ମିଳିବ ସୁନାର ସର୍ବନିମ୍ନ ବଜାର ଦର ଓ ସୁନିଶ୍ଚିତ ଉପହାର

ଭୁବନେଶ୍ୱର, (ସବ୍ୟୁ) : ବର୍ତ୍ତମାନ ସୁନା ଦରରେ ଦେଖାଯାଇଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅକ୍ଷୟ ତୃତୀୟା ଅବସରରେ ଅରୁନ୍ଧତି ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର ସ୍ୱର୍ଣ୍ଣ ଅକ୍ଷୟ ଘୋଷଣା କରାଯାଇଛି । ଏଥିରେ ଗ୍ରାହକମାନଙ୍କୁ ମିଳିବ ଆଡଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂର ସୁବିଧା । ଚଳିତ ମାସ ୧୮ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଉପଲବ୍ଧ ହେବାକୁ ଥିବା ଏହି ଅଫର ଜରିଆରେ ଗ୍ରାହକମାନେ ମାତ୍ର ୧୦ ପ୍ରତିଶତ ଅଗ୍ରିମ ମୂଲ୍ୟ ଦେଇ ନିଜ ପସନ୍ଦର ଗହଣା ବୁକିଂ କରିବା ସହ ସୁନାର ସର୍ବନିମ୍ନ ବଜାର ଦରର ଲାଭ ପାଇପାରିବେ । ଏହା ସହିତ ପ୍ରତ୍ୟେକ ଫ୍ଲେକ୍ସି ବୁକିଂ ଉପରେ ଗ୍ରାହକମାନେ ସୁନିଶ୍ଚିତ ହିରା ମୁଦି କିମ୍ବା ସ୍ୱର୍ଣ୍ଣମୁଦ୍ରା ଅଥବା ରୌପ୍ୟ ମୁଦ୍ରା ଭଳି ଆକର୍ଷଣୀୟ ଉପହାର ମଧ୍ୟ ପାଇପାରିବେ । ଏହି ଅଫରର ମୁଖ୍ୟ ବିଶେଷତ୍ୱ

Arundhati JEWELLERS

ହେଉଛି ସୁନା ଗହଣା ନେବା ସମୟରେ ବଜାରରେ ସୁନା ଦର ଯଦି ବୃଦ୍ଧି ପାଏ, ତେବେ ମଧ୍ୟ ଗ୍ରାହକଙ୍କୁ ବୁକିଂ ଦିନର କମ୍ ଦର ଦେବାକୁ ପଡିବ । ଯଦି ସୁନା ଦର କମିଥାଏ ତେବେ ଗ୍ରାହକମାନେ ସେହି କମିଥିବା ନୂଆ ଦରରେ ନିଜର ଅଳଙ୍କାର କିଣିପାରିବେ । ଏହି ଅବସରରେ ଅରୁନ୍ଧତି ଗ୍ରୁପର ଏମଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି ବର୍ତ୍ତମାନ ସମୟରେ ସୁନା ଦରରେ ଦେଖାଦେଉଥିବା ଅସ୍ଥିରତା ଗ୍ରାହକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ଅକ୍ଷୟ ତୃତୀୟା ଭଳି ପବିତ୍ର ଦିନରେ ଗ୍ରାହକଙ୍କୁ କୌଣସି ଆର୍ଥିକ ସ୍ଥିତିର ସମ୍ମୁଖୀନ ହେବାକୁ ନପଡୁ ଏହାହିଁ ଆମର ମୂଳ ଲକ୍ଷ୍ୟ । ଆମର ଏହି ଫ୍ଲେକ୍ସି ଗୋଲ୍ଡ ବୁକିଂ ଅଫର କେବଳ ଏକ ବ୍ୟବସାୟିକ ଯୋଜନା ନୁହେଁ ବରଂ ଗ୍ରାହକଙ୍କ ବିଶ୍ୱାସ ଏବଂ ସେମାନଙ୍କ କଷ୍ଟ ଲବ୍ଧ ଅର୍ଥର ସୁରକ୍ଷା ପାଇଁ ଆମର ଏକ ସଂକଳ୍ପ ।

## ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ

# ରାଷ୍ଟ୍ରୀୟ ସ୍ତରରେ ବିଜୟ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଜରୁରୀ ପରିସ୍ଥିତି ରାଜବନ୍ଦୀମାନଙ୍କର ସର୍ବଭାରତୀୟ ସଂଗଠନ ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ବିଜୟ ଦିବସ ସହିତ ଏହାର ରାଷ୍ଟ୍ରୀୟ ସମ୍ମିଳନୀ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ଇନ୍ଦ୍ରେଶ କୁମାର ଗଣତନ୍ତ୍ରର ସୁରକ୍ଷା ପାଇଁ ସେନାନୀମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ସମଗ୍ର ଦେଶରୁ ପ୍ରାୟ ୫୦୦ଜଣ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ଓଡିଶାରୁ ଲୋକତନ୍ତ୍ର ସେନାନୀ ସଂଘର ରାଜ୍ୟ ସଭାପତି ବିମ୍ବାଧର କୁଅଁରଙ୍କ ନେତୃତ୍ୱରେ ଏକ ୧୪ ଜଣିଆ ପ୍ରତିନିଧି ମଣ୍ଡଳୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ସଭାପତି କୈଳାଶ ସୋନୀ ତାଙ୍କ ବକ୍ତବ୍ୟରେ ଓଡିଶା ସରକାର ରାଜ୍ୟର ଲୋକତନ୍ତ୍ର ସେନାନୀମାନଙ୍କ କଥା ଚିନ୍ତା କରି ସେମାନଙ୍କୁ ସମ୍ମାନୀତ କରିବା ସହ ପେନ୍ସନ୍ ଓ ଚିକିତ୍ସା ସୁବିଧା ଦେବା ପାଇଁ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ସଂସଦୀୟ ବୋର୍ଡର ସଦସ୍ୟ ସତ୍ୟ ନାରାୟଣ ଜଟିଆ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେ, ଓପି ବବର, ଅଶୋକ ଯାଦବ, ବିମ୍ବାଧର କୁଅଁର, ସର୍ବଦାନନ୍ଦ ଉପାସନେ ଓ କେନ୍ଦ୍ରୀୟ କୋଷାଧ୍ୟକ୍ଷ ସନ୍ତୋଷ ଶର୍ମା, ପ୍ରମୁଖ ଉଦ୍‌ବୋଧନ ଦେଇ ଜରୁରୀ ପରିସ୍ଥିତିରେ କାରାବରଣ କରିଥିବା ସେନାନୀମାନଙ୍କର ଅଧୁରା କର୍ଯ୍ୟକୁ ଆଗେଇ ନେବା ପାଇଁ ଆଗାମୀ ଯୁବପିଢୀକୁ ସଂଗଠନ ସହ ଯୋଡିବା ପାଇଁ ଆହ୍ୱାନ ଦେଇଥିଲେ । ଓଡିଶାରୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ ଜୟପ୍ରକାଶ ନାରାୟଣଙ୍କ ଜୀବନୀ ସମଗ୍ର ଦେଶର ସ୍କୁଲ ଓ କଲେଜର ପାଠ୍ୟ ପୁସ୍ତକରେ ସାମିଲ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ ଯାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏହି ଅଧିବେଶନରେ ଅନୁଷ୍ଠାନର ରାଷ୍ଟ୍ରୀୟ ସଭାପତି କୈଳାଶ ସୋନୀ ପୁନର୍ବାର ରାଷ୍ଟ୍ରୀୟ ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଓଡିଶାରୁ ଶ୍ରୀଧର ଦାଶ ରାଷ୍ଟ୍ରୀୟ ସହ ସଚିବ ରୂପେ ମନୋନୀତ ହୋଇଛନ୍ତି । ଆଗାମୀ ବର୍ଷ ଏହି ବିଜୟ ଦିବସ ଓ ରାଷ୍ଟ୍ରୀୟ ସମ୍ମିଳନୀ ଓଡିଶା ପ୍ରଦେଶରେ ଆୟୋଜନ କରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି । ଏହି କାର୍ଯ୍ୟକ୍ରମକୁ ସଂଘର ରାଷ୍ଟ୍ରୀୟ ସଚିବ ମଦନ ବାଥମ ପରିଚାଳନା କରିଥିଲେ ।

# ଆର୍ଟ ଅଫ୍ ଗିଭିଂ ୨୦୨୬ର ଥିମ୍ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଆର୍ଟ ଅଫ୍ ଗିଭିଂର ଚଳିତ ବର୍ଷର ଥିମ୍ ବୁଧବାର ଉନ୍ମୋଚନ ହୋଇଛି । ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଉନ୍ମୋଚନ କରିଥିଲେ । ଆର୍ଟ ଅଫ୍ ଗିଭିଂ ଚଳିତ ବର୍ଷର ଥିମ୍ ରଖାଯାଇଛି 'ସେୟାରଟୁ ସାଇନ୍‌ଦ । ସୂଚନାଯୋଗ୍ୟ, ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ୨୦୧୩ ମସିହାରେ ଆର୍ଟ ଅଫ୍ ଗିଭିଂ ଆରମ୍ଭ ହୋଇଥିଲା । ଆର୍ଟ ଅଫ୍ ଗିଭିଂ ମାଧ୍ୟମରେ ସମାଜରେ ସହଭାଗିତା, ସହଯୋଗ ଓ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବା ସହ ସମାଜରେ ଦାନ ଓ ସେବା ମାଧ୍ୟମରେ ସମାଜରେ ଶାନ୍ତି, ସଦଭାବନା ଓ ଭାଇଚାରର ପ୍ରଚାର ପ୍ରସାର ହେଉଛି ଏହାର ମୂଳ ଉଦ୍ଦେଶ୍ୟ । ଶ୍ରୀ ସାମନ୍ତ ଏହି ଅଭିଯାନ ମାଧ୍ୟମରେ ମନୁଷ୍ୟ ମଧ୍ୟରେ ମାନବିକତା, ସହାନୁଭୂତି ଓ ନିଷ୍କାମ ସେବାର ଭାବନାକୁ ଜାଗ୍ରତ କରିବାରେ ଜୋର ଦେଇ ଆସୁଛନ୍ତି । ଏହାକୁ ଉନ୍ମୋଚନ କରି ଶ୍ରୀ ସାମନ୍ତ କହିଲେ, ଏହି ଅଭିଯାନ ଆଜି ଏକ ବିଶ୍ୱସ୍ତରରେ ପହଞ୍ଚି ପାରିଛି । ବିଭିନ୍ନ ଦେଶର ଅଂଶଗ୍ରହଣକାରୀମାନେ ପ୍ରତିବର୍ଷ ଏହାର କାର୍ଯ୍ୟକଳାପରେ ସକ୍ରିୟ ଭାବରେ ସାମିଲ ହେଉଛନ୍ତି । ପ୍ରତିବର୍ଷ ଏହି ଅଭିଯାନ ଏକ ନୂତନ ଥିମ୍ ନେଇ ଆସିଥାଏ, ଯାହା ମାଧ୍ୟମରେ ଲୋକମାନେ ନିଜର ସମୟ, ସଂପଦ, ଜ୍ଞାନ ଓ ସ୍ନେହ ଅନ୍ୟଙ୍କ ସହିତ ବାଣ୍ଟିବାକୁ ପ୍ରେରିତ ହୋଇଥାନ୍ତି । ଚଳିତବର୍ଷର ଥିମ୍ 'ସେୟାର ଟୁ ସାଇନ୍‌ଦର ମୂଳ ବାର୍ତ୍ତା ହେଉଛିଭୁ ବାଣ୍ଟିବାରେ ଅଛି ସତ୍ୟ ସଫଳତା ଓ ଆନନ୍ଦ । ବିଶ୍ୱବ୍ୟାପୀ ଆର୍ଟ ଅଫ୍ ଗିଭିଂର ଅନୁଗାମୀ ଏବଂ ଶୁଭେଚ୍ଛୁଙ୍କୁ ଏଥିରେ ସାମିଲ ହେବା ପାଇଁ ପ୍ରତିବର୍ଷ ମଇ ୧୭ ତାରିଖରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନର ଦୁଇ ମାସ ପୂର୍ବରୁ ଏହି ବିଷୟବସ୍ତୁ ଉନ୍ମୋଚିତ ହୋଇଥାଏ । ଆର୍ଟ ଅଫ୍ ଗିଭିଂ ଅଭିଯାନରେ ଛାତ୍ରଛାତ୍ରୀ, ସମାଜସେବୀ ଓ ସାଧାରଣ ଲୋକମାନଙ୍କର ବ୍ୟାପକ ସହଭାଗିତା ଦେଖିବାକୁ ମିଳୁଛି । ଏହା ଆଜି କେବଳ ଓଡ଼ିଶାରେ ସୀମିତ ହୋଇ ରହିନାହିଁ, ବରଂ ଭାରତ ସମେତ ବିଶ୍ୱର ୨୨୦ଟି ଦେଶରେ ଆଦୃତ ଲାଭ କରିଛି । ଖାଦ୍ୟ, ବସ୍ତ୍ର ଦାନ, ଶିକ୍ଷା ସହାୟତା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ କିଟ୍‌ର ପଦାଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ପୁସ୍ତକମେଳାରେ ଆଲୋଚନାଚକ୍ର

# ଲେଖକ ସବୁବେଳେ ପାଠକକୁ ଅପେକ୍ଷା କରିଥାଏ

କଟକ, (ସବ୍ୟୁ):ଲେଖକ ଓ ପାଠକ ସବୁବେଳେ ଏକାଠି ବାଟ ଚାଲିଥାନ୍ତି । ବହିଟିଏ ଜୀବନକୁ ଗଢିଥାଏ ଓ ଜୀବନକୁ ମାର୍ଗଦର୍ଶନ ଦେଇଥାଏ ବୋଲି ବାଲିଯାତ୍ରା ପଡିଆରେ




ଆୟୋଜିତ ଜିଲ୍ଲାସ୍ତରୀୟ ପୁସ୍ତକ ମେଳା କଟକ ସାହିତ୍ୟ ସରୋବରରେ ଓଡିଶାର ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ବହିଠାରୁ କେତେ ଦୂରରେ, କେତେ ପାଖରେ ପାଠକ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼କ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ କବି ପିନାକୀ ସିଂହ, ଗବେଷକ ସୁବ୍ରତ ପ୍ରିୟବ୍ରତ ମହାନ୍ତି, ସାମ୍ବାଦିକ କୃଷ୍ଣ ପ୍ରସାଦ ଦାସ, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ ଓ ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ଲେଖକ ଓ ପାଠକ ମଧ୍ୟରେ ସମ୍ପର୍କ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ରୂପରେଖ ସମ୍ବନ୍ଧରେ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ! ଏହି ଆଲୋଚନାଚକ୍ରରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ଡ଼କ୍ଟର ବୈଜୟନ୍ତୀମାଲା ଶତପଥୀ, ମୀରା ବେଉରା, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଯୋଗଦାନ କରିଥିଲେ । ଡ଼କ୍ଟର ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ! କଟକ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ବର୍ନେନ୍ଦୁ ମହାନ୍ତି ଅତିଥିମାନଙ୍କୁ ପୁସ୍ତକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ମହିଳାଙ୍କୁ ସଶକ୍ତ କରିବା ପାଇଁ ବେଦାନ୍ତ ଆଲୁମିନିୟମ ପକ୍ଷରୁ

# ମହିଳା ମାସ ୨୦୨୬ ପାଳନ

ଭୁବନେଶ୍ୱର, (ସବ୍ୟୁ) : ଭାରତ ଅନ୍ତର୍ଜାତୀୟ ମହିଳା ମାସ ୨୦୨୬ ପାଳନ କରୁଥିବା ସମୟରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଏକ ମାସ ବ୍ୟାପୀ ସମ୍ପ୍ରଦାୟ ସମ୍ପର୍କ ଏବଂ ମହିଳା-କୈନ୍ଦ୍ରିକ ପଦକ୍ଷେପ ସମାପ୍ତ କରିଛି । ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା ଅଧିବେଶନ ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନେତୃତ୍ୱ ସ୍ୱୀକୃତି ପର୍ଯ୍ୟନ୍ତ କାର୍ଯ୍ୟକଳାପ ପରିସରଭୁକ୍ତ ହୋଇଥିଲା, ଯାହା ସାମୂହିକ ଭାବରେ ୬,୦୦୦ ରୁ ଅଧିକ ମହିଳା, କିଶୋରୀ ଝିଅ ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ନିକଟରେ ପହଂଚିଥିଲା । ଉତ୍ସବର ଅଂଶ ଭାବରେ ବେଦାନ୍ତ ଆଲୁମିନିୟମର ମହିଳା ପ୍ରସାରରେ କିଛି ପ୍ରମୁଖ ପଦକ୍ଷେପ ମଧ୍ୟରେ:



ଲାଞ୍ଜିଗଡ଼ (ଓଡିଶା): ନଅଟି ଗ୍ରାମ ପଂଚାୟତର ୧,୦୦୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଜିଲ୍ଲା ଶିଳ୍ପ କେନ୍ଦ୍ର ସହିତ ଉଦ୍ୟୋଗ ଯୋଜନା ଲାଭ କରିବାକୁ ଦିଅ ବିଷୟବସ୍ତୁ ଉପରେ କାହାଣୀ କହିବା ସମ୍ବେଦନଶୀଳତାରେ ଅଂଶଗ୍ରହଣ କରିଥିଲେ । ଝାରସୁଗୁଡା (ଓଡିଶା): ଅଧିବେଶନ, ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ନେତୃତ୍ୱ ସ୍ୱୀକୃତି, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁଭଲକ୍ଷ୍ମୀ ସମବାୟ ସହିତ ଏକ ସପ୍ତାହବ୍ୟାପୀ ଉତ୍ସବ ପାଂଚଟି ଗ୍ରାମ ପଂଚାୟତର ୨,୦୦୦ ରୁ ଅଧିକ ମହିଳାଙ୍କୁ ପାରସ୍ପରିକ ଶିକ୍ଷା କାର୍ଯ୍ୟକ୍ରମ, ପାରମ୍ପରିକ ଖେଳ, ସମ୍ପ୍ରଦାୟ ବନ୍ଧନ କାର୍ଯ୍ୟକଳାପ ଏବଂ ସ୍ଥାନୀୟ ନେତାଙ୍କ ସହିତ ସ୍ୱୀକୃତି ସମାରୋହ ପାଇଁ ଏକତ୍ରିତ କରିଥିଲା । ଖଣି କୁଡାଲୋଇ, ଜାମଖାଣି ଏବଂ ଘୋଘରପାଲିରେ, ୩,୦୦୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ଅଂଶଗ୍ରହଣକାରୀ ଖେଳ, ସ୍ୱଚ୍ଛତା ସଚେତନତା କାର୍ଯ୍ୟକଳାପ, ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ବଂଟନ ଏବଂ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀଙ୍କୁ ସମ୍ମାନିତ କରିବାରେ ନିୟୋଜିତ ହୋଇଥିଲେ ।

## ସ୍ୱାମୀ ନିଖୋଜ : ଉଦ୍ଧାର ପାଇଁ ପତ୍ନୀଙ୍କ ଆକୁଳ ନିବେଦନ

ବାଲେଶ୍ୱର (ସବ୍ୟୁ) : ପଶ୍ଚିମବଙ୍ଗର ଏକ କୁକୁଡ଼ା ଫାର୍ମରେ କାମ କରୁଥିବା ଓଡ଼ିଆ ଶ୍ରମିକ ନିଖୋଜ ହେବାଘଟଣାରେ ସ୍ୱାମୀଙ୍କୁ ଖୋଜି ଆଣିବା ପାଇଁ ପନୀ ଆକୁଳ ନିବେଦନ କରିଛନ୍ତି । ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କାନ୍ଥିଭଉଁରୀ ପଞ୍ଚାୟତ କାନ୍ଥିଭଉଁରୀ ଗ୍ରାମର ଅଜିତ କୁଅଁର ଏବଂ ତାଙ୍କର ସମ୍ପର୍କୀୟ ଭାଇ ବାବୁ କୁଅଁର ସୋହରିଆ ଗ୍ରାମର ଜଣେ ଠିକାଦାରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗ ଯାଇଥିଲେ । ସେମାନେ ପୁରିକିଆ ଜିଲ୍ଲା ଜାମକିରି ଥାନା ଲାରା ଅଞ୍ଚଳର ଏକ କୁକୁଡ଼ା ଫାର୍ମରେ କାମ କରୁଥିଲେ । ତେବେ ଗତ ୧୩ ତାରିଖ ଦିନ ଅଜିତ ଘରକୁ ଆସିଥିଲେ ।

# ହରି ଓମ୍ କ୍ଲବର ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ପୁରୁଣା ଭୁବନେଶ୍ୱର ର ରାମେଶ୍ୱର ମନ୍ଦିର ନିକଟରେ ଥିବା ହରି ଓମ୍ କ୍ଲବ ପ୍ରତ୍ୟେକ ଥର ନିସ୍ୱାର୍ଥପର ସେବା ପରି ଗତ କାଲି ,ଶନିବାର ୨୧ ତାରିଖ ରେ ଏକ ବିରାଟ ସ୍ୱାସ୍ଥ୍ୟ ସେବା ର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଧଉଳି ନିକଟସ୍ଥ କୁମାର ଡିହ ଗ୍ରାମ ର ଧଉଳି କ୍ଲବ ଏବଂ ଅଙ୍ଗନବାଡି ପ୍ରାଙ୍ଗଣ ରେ ଆୟୋଜନ କରିଥିଲା । ଏହି ସ୍ୱାସ୍ଥ୍ୟ ଶିବିର କୁ ମନିପାଲ ମଲ୍ଟି ସ୍ପେଶିଆଲିଷ୍ଟ ହସ୍ପିଟାଲ , ଏ ଏସ ଜି ଆଇ ହସ୍ପିଟାଲ ଏବଂ ହାଇଟେକ୍ ର ଡେଣ୍ଟାଲ ହସ୍ପିଟାଲ ର ବିଭିନ୍ନ ବିଭାଗ ର ବିଶିଷ୍ଟ ଡାକ୍ତରେ ଏବଂ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ସେବା କର୍ମଚାରୀ ମାନେ ସହଯୋଗ କରିଥିଲେ । କୁମାର ଡିହ ଗ୍ରାମ ଏବଂ ଆଖ ପାଖ ଗ୍ରାମ ର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ସହିତ ଔଷଧ ମଧ୍ୟ ଯୋଗାଇ ଦିଆ ଯାଇଥିଲା । ଅନୁଷ୍ଠାନ ର ଡାକ୍ତର ନଗେନ୍ଦ୍ର ପରିକା ଏବଂ ଡ଼•ଏସ କେ ଦାସ ମଧ୍ୟ ସହଯୋଗ କରିଥିଲେ ।

ଶିବିର ଟି ସ୍ଥାନୀୟ ଯୁବକ ଏବଂ କ୍ଲବ ର ସଭାପତି ଡ଼•ହାଡ଼ିବନ୍ଧୁ



ପଟ୍ଟନାୟକ ,ପୂର୍ବତନ ସଭାପତି ଶ୍ରୀ ଅଶୋକ ମହାପାତ୍ର, ଜଏଣ୍ଟ ସେକ୍ରେଟାରୀ ସନ୍ତୋଷ ପାତ୍ର , ସଭ୍ୟ ଶ୍ରୀ ସୁରେନ୍ଦ୍ର ମହାପାତ୍ର ଶ୍ରୀମତୀ ସ୍ୱର୍ଣ୍ଣଲତା ମ୍ୟାଡ଼ାମ , ଶ୍ରୀ ନିରଞ୍ଜନ ନାୟକ ଏବଂ ଅନ୍ୟ ସଭ୍ୟ ମାନେ ପରିଚାଳନା କରିଥିଲେ । ରୋଗୀ ମାନଙ୍କୁ ଔଷଧ ,ଚଷମା ଏବଂ ବିନା ଖର୍ଚ୍ଚ ରେ ଇ ସି ଜି ସେବା ମଧ୍ୟ ଯୋଗାଇ ଦିଆ ଯାଇ ଥିଲା । ମନିପାଲ ହସ୍ପିଟାଲ ର ଶୁଭ୍ରଜିତ୍ ସୁନ୍ଦରରାୟ ଓ ଏ ଏସ ଜି ହସ୍ପିଟାଲ୍ ର ଚିରଞ୍ଜିବୀ ଦାସ ହସ୍ପିଟାଲ ଏବଂ ଧଉଳି କ୍ଲବ ତରଫ ରୁ ଶ୍ରୀ ରାମ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୁମାର ଡିହ ଏବଂ ଆଖ ପାଖ ଗ୍ରାମ ର ଲୋକମାନେ ଏହି ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଦ୍ୱାରା ଉପକୃତ ହୋଇ ହରିଓଁ କ୍ଲବ କୁ ଧନ୍ୟବାଦ୍ ଜଣାଇଥିଲେ ।

# ସିଏସ୍ଏମ୍ ଟେକ୍ନୋଲୋଜିସ୍‌କୁ ଗୋଭେଟେକ୍ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ଗଭ୍ଟେକ୍ ସମାଧାନ ପ୍ରଦାନକାରୀ ସିଏସ୍ଏମ୍ ଟେକ୍ନୋଲୋଜିସ୍‌କୁ ନାସ୍କମ୍




ଏସ୍. ଏମ୍. ଇ. ଇନ୍ସ୍ପେୟାର ଆୱାର୍ଡସ୍ ୨୦୨୬ (ଚତୁର୍ଥ ସଂସ୍କରଣ) ମୁମ୍ବାଇରେ 'ଟେକ୍ ଏକ୍ସିଲେନ୍ସ ଇନ୍ ଗଭ୍ଟେକ୍' ପୁରସ୍କାରରେ ସମ୍ମାନିତ କରାଯାଇଛି । ସିଏସ୍ଏମ୍. ଟେକ୍ନୋଲୋଜିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସି. ଏଚ୍. ଆର୍. ଓ. ସୁଶ୍ରୀ ଲଗ୍ନା ପାଣ୍ଡା ଏହି ପୁରସ୍କାର ଗ୍ରହଣ କରିଥିଲେ । "ଏହି ସ୍ୱୀକୃତି ଆମ ପାଖରେ ଥିବା ପୁରସ୍କାର ନୁହେଁନ୍ତ ଏହା ଏକ ଦାୟିତ୍ୱ ଯାହା ଆମେ ଉତ୍ତରାଧିକାରରେ ପାଇଛୁ । ସି. ଏସ୍. ଏମ୍ . ପ୍ରତ୍ୟେକ ଲାଇନ୍ କୋଡ୍ ଜଣେ ନାଗରିକଙ୍କ ଆଶା ବହନ କରେ, ପ୍ରତ୍ୟେକ ପ୍ଲାଟଫର୍ମ ନିରପେକ୍ଷତାର ପ୍ରତିଶ୍ରୁତି । ଆମେ କେବଳ ଶାସନକୁ ଡିଜିଟାଇଜେସନ୍ କରୁନାହୁଁ, ଆମେ ଏହାକୁ ବ୍ୟାପକ ସ୍ତରରେ ମାନବୀକରଣ କରୁଛୁ । ଆମେ ଯେଉଁ ଭବିଷ୍ୟତ ନିର୍ମାଣ କରୁଛୁ ତାହା ହେଉଛି ଯେଉଁଠାରେ ଟେକ୍ନୋଲୋଜି ଶୁଣେ, ଶିଖେ ଏବଂ ସେବା କରେ- ଶାନ୍ତ ଭାବରେ, ଶକ୍ତିଶାଳୀ ଭାବରେ ଏବଂ ବିନା ବ୍ୟତିକ୍ରମରେ ୨୭ ବର୍ଷରୁ ଅଧିକ ସମୟ ଧରି, ସି. ଏସ୍. ଏମ୍. ଟେକ୍ନୋଲୋଜିସ୍ ସେହି ଚୌରାସ୍ତାରେ କାର୍ଯ୍ୟ କରିଛି ଯେଉଁଠାରେ ନୀତି ସମ୍ଭାବନା ପୂରଣ କରିଥାଏ ।

## ସମାଜସେବୀ ଲୋପାମୁଦ୍ରା ମହାନ୍ତିଙ୍କ ଜନ୍ମଦିନ

# ଅଭିନନ୍ଦନିକା "ଲୋପା ଅପା "ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ସମାଜସେବୀ ତଥା ଓଡିଶା ମହିଳା କମିଶନ ପ୍ରାକ୍ତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତିଙ୍କ ୮୦ତମ ଜନ୍ମ ଦିବସ ଅବସରରେ "ଓଡିଶା ଜୀବନ ଦାନ ଅଭିଯାନ "ଓ "ସାହିତ୍ୟାୟନ " ଉଭୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ହୋଟେଲ "ଇରା"ରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହୋଦୟା ଲୋପାମୁଦ୍ରା ମହାନ୍ତିଙ୍କ "ଅଙ୍ଗଦାନ ମହାନ ଦାନ " ନିଷ୍ପତ୍ତି ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଅଛି । କାର୍ଯ୍ୟକ୍ରମରେ ଅତିଥି ରୂପେ ଭାଷାବିତ୍ ଦେବୀ ପ୍ରସନ ପଟ୍ଟନାୟକ ,ବରିଷ୍ଠ ସ୍ତମ୍ଭକାର ତଥା ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ପଠାଣି ସାମନ୍ତ ପ୍ଲାନୋଟୋରିୟମର ପୂର୍ବତମ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ଆଦି ଉପସ୍ଥିତ ରହି ଲୋପାମୁଦ୍ରା ମହାନ୍ତିଙ୍କ "ଅଙ୍ଗଦାନ- ମହାନ ଦାନ "ନିଷ୍ପତ୍ତିକୁ ଅଭିନନ୍ଦନ କରିବା ସହ ଜନ୍ମ ଦିନ ଅବସରରେ ଶୁଭେଚ୍ଛା ପ୍ରଦାନ କରିଥିଲେ । ଏହି ଅବସରରେ ସୃଜନୀ ପରିବାର (ଚେନ୍ନାଇ ) ଓ ବାଉରିବନ୍ଧୁ ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ମିଳିତ



ଆନୁକୂଲ୍ୟରେ ସାରସ୍ୱତ ସାଧିକା ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ ଅଭିନନ୍ଦନିକା "ଲୋପା ଅପା "ଉନ୍ମୋଚିତ ହୋଇଯାଇଅଛି । ଅନ୍ୟତମ ଅତିଥି "ଓଡିଶା ଜୀବନ ଦାନ ଅଭିଯାନ "ର ଆବାହକ ଦେବେନ୍ଦ୍ର ସୁତାର ସଭାରେ ଯୋଗଦେଇ "ମୃତ୍ୟୁ ପରେ ଅଙ୍ଗଦାନ"ର ଉପାଦେୟତା ସହ ସମାଜ ପ୍ରତି ଅଙ୍ଗୀକାର ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମାଧ୍ୟମରେ ଅସୀମ ଅମିତାଭ ଦାସ ,ସୂର୍ଯ୍ୟମଣି ତ୍ରିପାଠୀ ,ମିହିର ସାହୁ ,ପ୍ରଦୀପ ସିହ୍ନା ,କବିତା ବାରିକ ,ପ୍ରଫେସର ପ୍ରମୋଦ ପ୍ରମୁଖ ଉପସ୍ଥିତ ଥିଲେ । "ସାହିତ୍ୟାୟନ "ର ସମ୍ପାଦକ ସଞ୍ଜୟ ମହାନ୍ତି ଓ "ସମଦୃଷ୍ଟି "ର ସମ୍ପାଦକ ବିଘ୍ନେଶ୍ୱର ସାହୁ ଉଭୟ ମଞ୍ଚ ପରିଚାଳନା କରିଥିଲେ ।

# ଡିସିଜିଆଇ ଅନୁମୋଦନ ପାଇଲା ଜେନେରିକ୍ ସେମାଗ୍ଲୁଟାଇଡ୍

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱସ୍ତରୀୟ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଡ଼. ରେଡ୍ଡୀଜ୍ ଲାବୋରେଟୋରୀଜ୍ ଲିମିଟେଡ୍ ଭାରତରେ ଟାଇପ୍-୨ ମଧୁମେହ ଚିକିତ୍ସା ପାଇଁ ଏହାର ଇଞ୍ଜେକ୍ଟେବୁଲ୍ ସେମାଗ୍ଲୁଟାଇଡ୍ ଔଷଧକୁ "ଓବେଡା' ବ୍ରାଣ୍ଡ ନାମରେ ଲଞ୍ଚ୍ କରିବା ଘୋଷଣା କରିଛି । ଏହି ନୂତନ ଔଷଧ ଜିଏଲପି-୧ ରିସେପ୍ଟର ଆଗୋନିଷ୍ଟ ଭିତ୍ତିକ ଚିକିତ୍ସାକୁ ଭାରତରେ ଅଧିକ ସୁଲଭ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଡ଼. ରେଡ୍ଡୀଜ୍ ଭାରତରେ ଜେନେରିକ୍ ସେମାଗ୍ଲୁଟାଇଡ୍ ପାଇଁ ଡିସିଜିଆଇ ଅନୁମୋଦନ ପାଇଥିବା ପ୍ରଥମ କମ୍ପାନୀ । ପେଟେଣ୍ଟ ସମାପ୍ତି ସହିତ ଏହି ଔଷଧ ଲଞ୍ଚ୍ କରାଯାଇଥିବାରୁ ରୋଗୀମାନଙ୍କ ଅପୂରଣୀୟ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ । ଆଇସିଏମଆର୍ ଅଧ୍ୟୟନ ଅନୁଯାୟୀ, ଭାରତରେ ୧୦୧ ମିଲିୟନରୁ ଅଧିକ ଲୋକ ମଧୁମେହରେ ପୀଡ଼ିତ ଏବଂ ପ୍ରାୟ ୧୩୬ ମିଲିୟନ ଲୋକ ପ୍ରି-ଡାଇବେଟିକ୍ ଅବସ୍ଥାରେ ଅଛନ୍ତି । ଏପରି ପରିସ୍ଥିତିରେ ସେମାଗ୍ଲୁଟାଇଡ୍ ଚିକିତ୍ସା ରକ୍ତରେ ଶର୍କରା ନିୟନ୍ତ୍ରଣ ସହିତ ଓଜନ ପରିଚାଳନାରେ ଉପକାରୀ ବୋଲି ପ୍ରମାଣିତ ।

# ପ୍ରୋଲାଇଟ ଓଆରଏସ୍ ପୋର୍ଟଫୋଲିଓକୁ ସୁଦୃଢ଼ କଲା ସିପ୍ଲା ହେଲଥ୍

ଭୁବନେଶ୍ୱର,(ସବ୍ୟୁ): ଭାରତ: ସିପ୍ଲା ହେଲଥ ଲିମିଟେଡର ଡବ୍ଲୁଏଚ୍ଓ-ସୁପାରିଶକୃତ ଓରାଲ୍ ରିହାଇଡ୍ରେସନ୍ ସଲ୍ଟ (ଓଆରଏସ) ଫର୍ମୁଲେସନ୍, ପ୍ରୋଲାଇଟ୍ ଓଆରଏସ, ଏହାର ସମ୍ପୂର୍ଣ୍ଣ ନୂତନ ମସଲା ଗୁଆଭା ସ୍ୱାଦର ଶୁଭାରମ୍ଭ ଘୋଷଣା କରିଛି । ଭାରତୀୟ ଗ୍ରାହକମାନଙ୍କୁ ମନରେ ରଖି ଡିଜାଇନ୍ କରାଯାଇଥିବା ଏହି ନୂତନ ପ୍ରକାର ଓଆରଏସର ପ୍ରମାଣିତ ପ୍ରଭାବକୁ ଭାରତୀୟ ସ୍ୱାଦ ସହିତ ମିଶ୍ରଣ କରିଥାଏ, ଯାହା କେବଳ ପ୍ରଭାବଶାଳୀ ନୁହେଁ ବରଂ ଉପଭୋଗ୍ୟ ମଧ୍ୟ କରିଥାଏନ୍ତ ଏହା ଏକ ପରିଚିତ ସ୍ୱାଦ ସହିତ ବିଜ୍ଞାନ-ସମର୍ଥିତ ଆରାମ ପ୍ରଦାନ କରେ । ଏହି ଶୁଭାରମ୍ଭ ସହିତ, ସିପ୍ଲା ହେଲଥ ଓରାଲ୍ ରିହାଇଡ୍ରେସନ୍ ବର୍ଗ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି, ଯେଉଁଠାରେ ପ୍ରୋଲାଇଟ୍ ଓଆରଏସ ବର୍ଷ ବର୍ଷ ଧରି ଏକ ବିଶ୍ୱସ୍ତ ନାମ ହୋଇଆସିଛି । ମସଲା ଗୁଆଭା ପ୍ରକାରର ଯୋଗ ସହିତ, ପୋର୍ଟଫୋଲିଓରେ ବର୍ତ୍ତମାନ ଏଗାରଟି ସ୍ୱାଦ ରହିଛି - ସମସ୍ତ ବିଜ୍ଞାନ ଦ୍ୱାରା ସମର୍ଥିତ - ଏବଂ ହାଇଡ୍ରେସନ୍ ସମାଧାନର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ନିରନ୍ତର ବିକଶିତ ହେଉଛି ଯାହା ଆପୋଷ ବିନା ପ୍ରଭାବଶାଳୀ ଏବଂ ସ୍ୱାଦିଷ୍ଟ ।

# ସ୍ଥାୟୀ ଯୁଦ୍ଧ ବିରତି ପାଇଁ ଇରାନର କଡ଼ା ସର୍ତ୍ତ



**ନୂଆଦିଲ୍ଲୀ:** ଆମେରିକା ଓ ଇସ୍ରାଏଲ ସହ ଯୁଦ୍ଧ କରୁଥିବା ଇରାନ ଏହାକୁ ବନ୍ଦ କରିବା ପାଇଁ ରଖିଛି କଡ଼ା ସର୍ତ୍ତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆଲୋଚନାର ପ୍ରସ୍ତାବ ଦେଇଥିଲେ ହେଁ ଇରାନ ରଖିଛି ଅନେକ ଦାବି। ଗଲ୍ଫ ଦେଶରେ ଥିବା ସମସ୍ତ ଆମେରିକା ମିଲିଟାରୀ ବେସ୍ ବନ୍ଦ ଠାରୁ ଆରମ୍ଭ କରି ତେହରାନ ଉପରେ ଲାଗିଥିବା କଟକଣା ପ୍ରତ୍ୟାହାର ଓ ପ୍ରମୁଖ ଜଳପଥ ହର୍ମୁଜ ଉପରେ ନିଜର ନିୟନ୍ତ୍ରଣ ହାସଲ ଭଳି ସର୍ତ୍ତ ଉପସ୍ଥାପନ କରିଛି ଇରାନ।

ଯୁଦ୍ଧ ବନ୍ଦ ପାଇଁ ଇରାନ ଏବେ ବୁଝାମଣା ଟେବୁଲକୁ ଆସୁଥିବା ଆମେରିକା ପ୍ରଥମେ ଦାବି କରିଥିଲା। ଏହାକୁ ତେହରାନ ଦୃଢ଼ ଭାବେ ଖଣ୍ଡନ କରିବା ସହ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଡିଲ୍ କରିବାକୁ କୌଣସି ସୁଯୋଗ ନାହିଁ ବୋଲି କହିଛି। ତେହରାନ ସ୍ପଷ୍ଟ କରିଛି ଯେ ଯୁଦ୍ଧ ବିରତି ବୁଝାମଣା ନେଇ ପୁଣି ଆଲୋଚନା ଆରମ୍ଭ କରିବାର ସ୍ଥିତି ଏବେ ବି ବେଶ କଷ୍ଟକର। ଦୁଇ ପକ୍ଷ ମଧ୍ୟରେ ପରୋକ୍ଷ ଆଲୋଚନା ଆରମ୍ଭ ହେବାର ସମ୍ଭାବନା ରହିଥିଲେ ହେଁ ଏବେ ବି ସବୁ କିଛି ଆଶାଆଶଙ୍କାରେ ରହିଥିବା ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ରିପୋର୍ଟ କୁହାଯାଇଛି।ଗଲ୍ଫ ଦେଶରେ ଥିବା ସମସ୍ତ ଆମେରିକୀୟ ବେସ ବନ୍ଦ କରିବା, ଯୁଦ୍ଧରେ ହୋଇଥିବା କ୍ଷତି ପାଇଁ ଆର୍ଥିକ ସହାୟତା ଓ ହେଜବୋଲ୍ଲା ବିରୋଧରରେ ଇସ୍ରାଏଲ ଜାରି ରଖିଥିବା ଅଭିଯାନ ବନ୍ଦ କରିବା ଭଳି ସର୍ତ୍ତ ଇରାନୀୟ ନେତୃବୃନ୍ଦ ଉପସ୍ଥାପନ କରିଛନ୍ତି। ବିଶ୍ୱର ପ୍ରମୁଖ ପଣ୍ୟବାହୀ ଜାହାଜ ଚଳାଚଳ ମାର୍ଗ ହେଉଛନ୍ତି ଷ୍ଟ୍ରେଟ ଅଫ ହର୍ମୁଜ। ଏବେ ଏମିତ ଏକ ନୀତି ପ୍ରସ୍ତୁତ କରାଯାଉ, ଯାହା ଫଳରେ ହର୍ମୁଜ ପାର କରୁଥିବା ଜାହାଜଗୁଡ଼ିକ ଠାରୁ ଇରାନ ଟ୍ରାଞ୍ଜିଟ ଫି' ଆଦାୟ କରିବ।

ଆଉ ଏକ ପ୍ରମୁଖ ସର୍ତ୍ତରେ ଇରାନ ହର୍ମୁଜ ଉପରେ ନିଜର ନିୟନ୍ତ୍ରଣ ରଖିବାକୁ ଚାହୁଁଛି। ଏଥିସହ ପୁଣି ଯେମିତି ଉତ୍ତେଜନା ନ ବଢ଼ିବ, ତା'ର ଗ୍ୟାରେଣ୍ଟୀ ମଧ୍ୟ ଇରାନ ଚାହୁଁଛି। ଯେକୌଣସି ପ୍ରକାରର ଯୁଦ୍ଧ ବିରତି ପୂର୍ବରୁ ଇରାନ ନିଜ ଉପରେ ଲାଗିଥିବା ସମସ୍ତ କଟକଣାକୁ ଉଠାଇବା ଲକ୍ଷ୍ୟରେ ବି ରହିଛି। ସର୍ବସମ୍ମୁଖରେ ଇରାନ ଏପରି କଡ଼ା ସର୍ତ୍ତ ରଖିଥିଲେ ହେଁ ରୁଦ୍ଧଦ୍ୱାରା ଆଲୋଚନା ବେଳେ କିଛି କୋହଳ ଆଭିମୁଖ୍ୟ ଆପଣାଇବାର ସମ୍ଭାବନା ଥିବା ମଧ୍ୟ ଜଣାପଡ଼ିଛି। ଚ୍ୟାନେଲ ୧୨ରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଯୁଦ୍ଧ ବିରତି ପାଇଁ ଇରାନ ନିଜର ବାଲାଷ୍ଟିକ ମିସାଇଲ କାର୍ଯ୍ୟକ୍ରମକୁ ୫ ବର୍ଷ ପାଇଁ ସ୍ଥଗିତ ରଖିପାରେ। ସେହିପରି ୟୁରାନିୟମ ଠୁଳ କରିବା ସ୍ତରକୁ ହ୍ରାସ କରିବା ଉପରେ ମଧ୍ୟ ରାଜି ହୋଇପାରେ। ଇରାନ ନିଜର ୬୦% ସଂରକ୍ଷିତ ୟୁରାନିୟମ ଭଣ୍ଡାର ଉପରେ ଆଲୋଚନା କରିପାରେ ଓ ଯାଞ୍ଚ ପାଇଁ International Atomic Energy Agencyକୁ ମଧ୍ୟ ଅନୁମତି ଦେବ। ହେଜବୋଲ୍ଲା, ହମାସ ଓ ଇରାକୀ ମିଲିସିଆ ଭଳି ବିଦ୍ରୋହୀ ସଂଗଠନକୁ ପାଣ୍ଠି ବନ୍ଦ କରିବାକୁ ମଧ୍ୟ ଇରାନ ରାଜି ହେବାର ସମ୍ଭାବନା ରହିଛି।

# କୂଟନୈତିକ ସମାଧାନ ପାଇଁ ପ୍ରସ୍ତୁତି



**ତେହେରାନ:** ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରତିଦିନ ଏକ ନୂଆ ମୋଡ଼ ନେଉଛି। ଇରାନ ପୁଣି ଆମେରିକାର ସାମରିକ ଭିତ୍ତିଭୂମି ଉପରେ ଟାର୍ଗେଟ୍ ଆକ୍ରମଣ କରିଥିବା ବେଳେ ଇରାନରେ ଆମେରିକା-ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ଜାରି ରହିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଯୁଦ୍ଧବନ୍ଦ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏକ ବୈଠକ ପରିଚାଳନା କରିବାପାଇଁ ତୁର୍କୀ, ଇଜିପ୍ଟ ଏବଂ ପାକିସ୍ତାନର ମଧ୍ୟସ୍ଥିମାନେ କାର୍ଯ୍ୟ କରୁଛନ୍ତି। ଉଭୟ ଆମେରିକା ଏବଂ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଦୂରରେ ରହିଥିବା ସତ୍ତ୍ୱେ, ତୁର୍କୀ, ଇଜିପ୍ଟ ଏବଂ ପାକିସ୍ତାନ ଏଦିଗରେ କାମ କରୁଛନ୍ତି ବୋଲି ୱାଲଷ୍ଟ୍ରିଟ ଜର୍ଣ୍ଣାଲ ରିପୋର୍ଟ କରିଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ଉଦ୍ଦେଶ୍ୟରେ ଶାନ୍ତି ଆଲୋଚନାକୁ ସହଜ କରିବାକୁ ପ୍ରସ୍ତାବ ଦେଇଛି ଏବଂ ଏହି ପଦକ୍ଷେପକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ସାର୍ବଜନୀନ ଭାବରେ ପ୍ରୋତ୍ସାହିତ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଉପସାଗରୀୟ ଆରବ ରାଷ୍ଟ୍ରଗୁଡ଼ିକ ଏକ ଦ୍ରୁତ କୂଟନୈତିକ ସମାଧାନର ସମ୍ଭାବନାକୁ ନେଇ ଅସନ୍ତୁଷ୍ଟ ହେଉଛନ୍ତି। ସାଉଦି ଆରବ ଏବଂ ୟୁଏଇ ନେତାମାନେ ଇରାନର କ୍ଷମତାକୁ ଯଥେଷ୍ଟ ଦୁର୍ବଳ ହେବା ପର୍ଯ୍ୟନ୍ତ ଏବଂ ଏହା ଆଉ ଏହି ଅଞ୍ଚଳ ପାଇଁ ରଣନୈତିକ ବିପଦ ସୃଷ୍ଟି ନକରିବା ପର୍ଯ୍ୟନ୍ତ ସାମରିକ ଚାପ ଜାରି ରଖିବାକୁ ୱାସିଂଟନ ନିକଟରେ ଦାବି କରୁଛନ୍ତି। ଅନ୍ୟପକ୍ଷେ ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଆମେରିକା ଏବଂ ଇରାନକୁ ଆଲୋଚନା ଟେବୁଲକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି କିନ୍ତୁ ଏହା ପ୍ରାଥମିକ ପର୍ଯ୍ୟାୟରେ ରହିଛି। ମଧ୍ୟସ୍ଥିମାନେ ବିଶ୍ୱାସ-ନିର୍ମାଣ ପାଇଁ ଚେଷ୍ଟା କରୁଛନ୍ତି ଯାହା ଶତ୍ରୁତାରେ ବିରତି ପାଇଁ ପଥ ପ୍ରଶସ୍ତ କରିପାରିବ ଏବଂ ଶେଷରେ ଯୁଦ୍ଧକୁ କିପରି ସମାପ୍ତ କରାଯିବ ସେ ବିଷୟରେ ଏକ ବ୍ୟାପକ ବୁଝାମଣା ସୃଷ୍ଟି କରିପାରିବ। ଅନ୍ୟପକ୍ଷେ ଉତ୍ତେଜନା ହ୍ରାସ ପାଇଁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତାବ ମଧ୍ୟସ୍ଥିଙ୍କ ମାଧ୍ୟମରେ ତେହେରାନକୁ ପଠାଯାଇଛି। କିନ୍ତୁ ଇରାନ ଅଧିକାରୀମାନେ ସାର୍ବଜନୀନ ଭାବରେ କହିଛନ୍ତି ଯେ ସେମାନେ ଆଲୋଚନାରେ ସାମିଲ ନୁହନ୍ତି ଏବଂ ସେମାନଙ୍କର ଉଦ୍ଦେଶ୍ୟ ହାସଲ ନହେବା ପର୍ଯ୍ୟନ୍ତ ସାମରିକ ଅଭିଯାନ ଜାରି ରଖିବା ସେମାନଙ୍କର ଉଦ୍ଦେଶ୍ୟ ବୋଲି ସଙ୍କେତ ଦେଇଛନ୍ତି।

## ଦିଲ୍ଲୀରେ ବିଦେଶୀ ତିଆରି ହାଇଟେକ୍ ଅସ୍ତ୍ରଶସ୍ତ୍ର ଜବତ

**ନୂଆଦିଲ୍ଲୀ:** ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚ ଆନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ଯୋଗାଣ କରୁଥିବା ଏକ ମଡ୍ୟୁଲର ପର୍ଦ୍ଦାଫାସ କରିଛି। ଦିଲ୍ଲୀ ପୋଲିସ କ୍ରାଇମବ୍ରାଞ୍ଚ ପାକିସ୍ତାନ,ନେପାଳ ଏବଂ ବାଂଲାଦେଶ ସହିତ ଲିଙ୍କ୍ ଥିବା ଏକ ପ୍ରମୁଖ ଆନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ଚାଲାଣ ମଡ୍ୟୁଲର ପର୍ଦ୍ଦାଫାସ କରିଛି। ଏହି ଗ୍ୟାଙ୍ଗ ସହିତ ଜଡିତ ଦଶ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୧ଟି ବିଦେଶୀ ନିର୍ମିତ ପିସ୍ତଲ, ମେସିନ୍ ଗନ୍, ୨୦୦ ଜୀବନ୍ତ କାର୍ଟୁସ୍ ଏବଂ ସ୍ୱୟଂଚାଳିତ ପିସ୍ତଲ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ପାକିସ୍ତାନରୁ ଭାରତ-ନେପାଳ ସୀମା ଦେଇ ଦେଶକୁ ଚୋରା ଚାଲାଣ କରାଯାଉଥିଲା। ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଦିଲ୍ଲୀ-ଏନସିଆର ଏବଂ ଅନ୍ୟାନ୍ୟ ରାଜ୍ୟର କୁଖ୍ୟାତ ଅପରାଧୀ ଗ୍ୟାଙ୍ଗଗୁଡ଼ିକୁ ଯୋଗାଣ କରାଯିବା ପାଇଁ ଉଦ୍ଦିଷ୍ଟ ଥିଲା। ଉଦ୍ଧାର ଅସ୍ତ୍ରଶସ୍ତ୍ରଗୁଡ଼ିକ ମଧ୍ୟରେ ଏକ PX-5.7 ପିସ୍ତଲ ଅନ୍ତର୍ଭୁକ୍ତ, ଯାହା ସାଧାରଣତଃ କେବଳ ସ୍ୱତନ୍ତ୍ର ବାହିନୀ ଦ୍ୱାରା ବ୍ୟବହୃତ ହୁଏ।



# ମାସିକିଆ ଯୁଦ୍ଧ ବିରତି, ପରମାଣୁ ଯୁଦ୍ଧାସ୍ତ୍ରକୁ ନା



**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଶେଷ କରିବା ପାଇଁ ଆମେରିକା ପକ୍ଷରୁ ଇରାନ୍‌କୁ ଗୋଟିଏ ୧୫ ପଏଣ୍ଟ ପ୍ରସ୍ତାବ ଦିଆଯାଇଛି। ତେହେରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର ନିୟନ୍ତ୍ରଣ, ଛାୟା ଗ୍ରୁପଗୁଡ଼ିକୁ ସମର୍ଥନ ବନ୍ଦ କରିବା ଓ ହର୍ମୁଜ୍ ପ୍ରଣାଳୀ ପୁନଃ ଖୋଲିବା ଭଳି ସର୍ତ୍ତ ୧୫ଟିକିଆ ସୂତ୍ରୀରେ ରହିଛି। ୱାଶିଂଟନ୍ ଆଲୋଚନା ସପକ୍ଷରେ ଥିବା ବେଳେ ଏହାକୁ ସାକାର କରିବାକୁ ମାସେ ଯୁଦ୍ଧ ବିରତି ମଧ୍ୟ ଲଗାଇ ପାରେ। କିନ୍ତୁ ପ୍ରସ୍ତାବରେ ଥିବା ସର୍ତ୍ତଗୁଡ଼ିକୁ ଆରମ୍ଭରୁ ହିଁ ଇରାନ ବିରୋଧ କରି ଆସୁଛି। ତେଣୁ ଏବେ ଆମେରିକା ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ୧୫ ସୂତ୍ରୀ ପ୍ରସ୍ତାବରେ ଇରାନ ରାଜି ହେବାର ସମ୍ଭାବନା ବହୁତ କମ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଇରାନ ଏହି ସର୍ତ୍ତରେ ରାଜି ନ ହୋଇ ଓଲଟା ନିଜର ଦାବି ଗୁଡ଼ିକ ଉପସ୍ଥାପନ କରିଛି। ଆମେରିକା ଏହି ଶାନ୍ତି ପ୍ରସ୍ତାବ ମାଧ୍ୟମରେ ଇରାନର କ୍ଷେପଣାସ୍ତ୍ର କ୍ଷମତା ଓ ସାମରିକ ଭିତ୍ତିଭୂମିକୁ ମଧ୍ୟ ନଷ୍ଟ କରିବାର ଯୋଜନା ରଖିଛି। ଇରାନ ନିଜର ଆଣବିକ ଯୁଦ୍ଧାସ୍ତ୍ର ବିକଶିତ ଯୋଜନାକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ମଧ୍ୟ ଆମେରିକା ସର୍ତ୍ତ ରଖିଛି। ଏହା ବଦଳରେ ଆମେରିକା ଆଂଶିକ ଭାବେ ଇରାନ ଉପରେ ଲାଗିଥିବା କଟକଣାକୁ ପ୍ରତ୍ୟାହାର କରିବ। ତେହେରାନର ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଆମେରିକା ସହଯୋଗ କରିବ। ଅନ୍ୟପକ୍ଷରେ ଇସ୍ରାଏଲ୍ ଅଧିକାରୀମାନେ ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରସ୍ତାବରେ ଚିକତ ହୋଇଛନ୍ତି। ସେମାନେ ଇରାନ ସହ ଯୁଦ୍ଧ ଜାରି ରଖିବାକୁ ଟ୍ରମ୍ପଙ୍କୁ ଉତ୍ସାହିତ କରୁଛନ୍ତି। ଗୋଟିଏ ପଟେ ଇରାନ ସୀମାରେ ଆମେରିକା ଅତିରିକ୍ତ ୩ ହଜାର ସୈନିକ ମୁତୟନ କରିଥିବା ବେଳେ ଅନ୍ୟପଟେ ଯୁଦ୍ଧ ବିରତି ପାଇଁ ପ୍ରସ୍ତାବ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ଏହି ପ୍ରସ୍ତାବକୁ ପାକିସ୍ତାନର ମଧ୍ୟସ୍ଥତା ମାଧ୍ୟମରେ ଆମେରିକା ପକ୍ଷରୁ ଇରାନ୍‌କୁ ପଠାଯାଇଛି। ପାକିସ୍ତାନ ମଧ୍ୟ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ନିଜ ଦେଶରେ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛି।

## ଆମେରିକାର ବ୍ରହ୍ମାସ୍ତ୍ର ବି-୨ ବମ୍ବର

**ନୂଆଦିଲ୍ଲୀ:** ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ପାଖରେ ଏମିତି ଏକ ଅସ୍ତ୍ର ଅଛି, ଯାହା ଶତ୍ରୁର ରାଡାର୍କୁ ଚକମା ଦେଇ ପାତାଳ ଭିତରେ ଲୁଚିଥିବା ବଙ୍କରକୁ ମଧ୍ୟ ଧ୍ୱଂସ କରିପାରେ । ଆମେ କହୁଛୁ ଆମେରିକାର ଘାତକ B-2 Spirit Stealth Bomber ବିଷୟରେ। ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଏହାକୁ କାହିଁକି ସବୁଠାରୁ ବିପଜ୍ଜନକ ମନେକରାଯାଏ, ଆସନ୍ତୁ ଜାଣିବା ଏହି ସମ୍ବନ୍ଧରେ...



ଆକାଶରେ ଏକ ଚିଲ ଭଳି ଦେଖାଯାଉଥିବା ଏହି ବିମାନଟି ହେଉଛି ଆମେରିକାର B-2 Spirit । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର 'ଷ୍ଟିଲ୍ଥ୍ ଟେକ୍ନୋଲୋଜି'। ଶତ୍ରୁ ପକ୍ଷର କୌଣସି ବି ରାଡାର୍ ଏହାକୁ ଧରିପାରିବ ନାହିଁ। ଶତ୍ରୁ ଜାଣିବା ଆଗରୁ ଏହା ତା'ର ସୀମା ଭିତରକୁ ପଶି ବୋମା ବର୍ଷା କରି ଫେରିଆସିବାରେ ସକ୍ଷମ।

ଯଦି ଆମେ ଏହାର ଶକ୍ତି ବିଷୟରେ କଥା ହେବା, ତେବେ B-2 ସାଧାରଣତଃ ୪୦,୦୦୦ ପାଉଣ୍ଡ ଓଜନର ଅସ୍ତ୍ରଶସ୍ତ୍ର ବହନ କରିପାରେ। କିନ୍ତୁ ଆବଶ୍ୟକ ପଡ଼ିଲେ ଏହା ୬୦,୦୦୦ ପାଉଣ୍ଡ ପର୍ଯ୍ୟନ୍ତ ଭାର ଉଠାଇ ପାରିବ। ଏହି ବିମାନ ଏକାସାଙ୍ଗରେ ୮୦ଟି JDAM ବୋମା ନେଇପାରେ ଏବଂ ମାତ୍ର କିଛି ସେକେଣ୍ଡ ମଧ୍ୟରେ ସେଗୁଡ଼ିକୁ ଶତ୍ରୁ ଶିବିର ଉପରେ ନିକ୍ଷେପ କରିପାରେ।

# ପିଏନ୍‌ଜି ନନେଲେ ଏଲ୍‌ପିଜି ସଂଯୋଗ କଟିଯିବ




**ନୂଆଦିଲ୍ଲୀ:** ଯଦି ଆପଣଙ୍କ ଘର ପାଖରେ ଏକ ପିଏନ୍ଜି ଗ୍ୟାସ ପାଇପଲାଇନ ରହିଛି ଓ ଆପଣ ପିଏନ୍ଜି ସଂଯୋଗ ନେଇନାହାଁନ୍ତି, ତେବେ ଆଗାମୀ ତିନି ମାସ ମଧ୍ୟରେ ଆପଣଙ୍କର ଏଲ୍ପିଜି ସିଲିଣ୍ଡର ଯୋଗାଣ ବନ୍ଦ ହୋଇଯିବ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଓ ଗ୍ୟାସ ଅଭାବକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରାକୃତିକ ଗ୍ୟାସ ଏବଂ ପେଟ୍ରୋଲିୟମ ଉତ୍ପାଦ ବଣ୍ଟନ ଆଦେଶ ୨୦୨୬ କାର୍ଯ୍ୟକାରୀ କରିଛନ୍ତି। ଏହା ଅଧୀନରେ ଏବେ ପାଇପ୍ ଗ୍ୟାସ୍ ସଂଯୋଗ ନେବା ବାଧ୍ୟତାମୂଳକ ହେବ। ଏହା ପୂର୍ବରୁ ଏକ ନୋଟିସ୍ ଜାରି କରାଯିବ। ଯଦି କେହି ନୋଟିସ୍ ପାଇବା ପରେ ମଧ୍ୟ ସଂଯୋଗ ନେବେ ନାହିଁ, ତେବେ ୯୦ ଦିନ ପରେ ସେମାନଙ୍କର ଏଲପିଜି ଯୋଗାଣ ବନ୍ଦ କରିଦିଆଯିବ। ଆବାସିକ ସୋସାଇଟିଗୁଡ଼ିକୁ ମଧ୍ୟ ପାଇପ୍ ଲାଇନ ଅନୁମୋଦନ ନେବାକୁ ପଡିବ।

ପିଏନଜି ପାଇପଲାଇନ ପାଇଁ ଆବାସିକ ସୋସାଇଟିଗୁଡ଼ିକୁ ୩ ଦିନ ମଧ୍ୟରେ ଅନୁମୋଦନ ଦେବାକୁ ପଡିବ। ହାଉସିଂ ସୋସାଇଟି କିମ୍ବା ଆବାସିକ କଲ୍ୟାଣ ସଂଘର ବିରୋଧ ଯୋଗୁଁ ପାଇପଲାଇନ କାମ ପ୍ରାୟତଃ ଅଟକି ରହିଛି। ଆଗକୁ ଆଉ ଏପରି ହେବ ନାହିଁ। ଯଦି କୌଣସି କମ୍ପାନି ପାଇପଲାଇନ ପାଇଁ ରାସ୍ତା ମାଗେ ତେବେ ସୋସାଇଟିକୁ ୩ ଦିନ ମଧ୍ୟରେ ଅନୁମୋଦନ ଦେବାକୁ ପଡିବ। ଯଦି ସୋସାଇଟି ମନା କରେ କିମ୍ବା ବିଳମ୍ବ କରେ ତେବେ ସେଠାରେ ରହୁଥିବା ସମସ୍ତ ଘରକୁ ଏଲପିଜି ଯୋଗାଣ ବନ୍ଦ ହୋଇଯିବ। ଛୋଟ ଅଞ୍ଚଳଗୁଡ଼ିକୁ ୧୦ ଦିନ ମଧ୍ୟରେ ଅନୁମୋଦନ ମିଳିବ। ଆଉ ସରକାରୀ ବିଭାଗଗୁଡ଼ିକୁ ପାଇପଲାଇନ ବିଛାଇବା ପାଇଁ ଫାଇଲଗୁଡ଼ିକୁ ଅଟକାଇ ପାରିବେ ନାହିଁ। ଛୋଟ ନେଟୱାର୍କ ପାଇଁ ୧୦ ଦିନ ମଧ୍ୟରେ ଓ ବଡ଼ ଲାଇନ ପାଇଁ ୬୦ ଦିନ ମଧ୍ୟରେ ଅନୁମୋଦନ ବାଧ୍ୟତାମୂଳକ। ଯଦି ବିଭାଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନଦିଏ, ତେବେ ଏହାକୁ ସ୍ୱୟଂଚାଳିତ ଅନୁମୋଦନ ଭାବରେ ବିବେଚନା କରାଯିବ ଓ କାର୍ଯ୍ୟ ଆରମ୍ଭ କରାଯିବ।

ମାର୍ଚ୍ଚ ୧୪ ତାରିଖରେ ସରକାର ପିଏନଜି ସଂଯୋଗ ସମ୍ପର୍କରେ ନୂତନ ନିୟମ ଜାରି କରିଥିଲେ। ଏହି ନିୟମ ଅନୁଯାୟୀ ଯଦି ଆପଣଙ୍କ ଘରେ ପାଇପ୍ ଯୁକ୍ତ ପ୍ରାକୃତିକ ଗ୍ୟାସ୍ ସଂଯୋଗ ଅଛି, ତେବେ ଆପଣଙ୍କୁ ଏଲ୍ପିଜି ସିଲିଣ୍ଡର ହସ୍ତାନ୍ତର କରିବାକୁ ପଡିବ। ନୂତନ ନିର୍ଦ୍ଦେଶ ଅନୁଯାୟୀ ପିଏନଜି ଉପଭୋକ୍ତାମାନେ ନୂତନ ଏଲପିଜି ସଂଯୋଗ ପାଇବେ ନାହିଁ କିମ୍ବା ସେମାନଙ୍କର ପୁରୁଣା ସିଲିଣ୍ଡରକୁ ପୁନଃପୂରଣ କରାଯିବ ନାହିଁ। ସରକାର ପୂର୍ବରୁ ଚାରି ଥର ଏଲ୍ପିଜି ସିଲିଣ୍ଡର ଯୋଗାଣ ସମ୍ପର୍କରେ ନୂତନ ନିୟମ ଜାରି କରିଛନ୍ତି।

# ବାୟୁ ପ୍ରତିରକ୍ଷା କ୍ଷେତ୍ରରେ ଭାରତର ବଡ଼ ଉପଲବ୍ଧି




**ନୂଆଦିଲ୍ଲୀ:** ଭାରତ ଏହାର ବାୟୁ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (DRDO) ଏକ ସ୍ୱଦେଶୀ ଦୀର୍ଘ-ପରିସର ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରୋଜେକ୍ଟ କୁଶାର ପ୍ରଥମ ବିକାଶ ପରୀକ୍ଷଣ ସଫଳତାର ସହ ସମାପ୍ତ କରିଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।

ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ (BEL) ମଧ୍ୟ DRDO ସହିତ ଏହି ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସାମ୍ପ୍ରତିକ ପରୀକ୍ଷଣରେ ଭୂମି ବୈଧତା ଏବଂ ଡୁଆଲ୍-ପଲ୍ସ ରକେଟ୍ ମୋଟର ଭଳି ପ୍ରମୁଖ ପ୍ରଣାଳୀର ସଫଳତାର ସହିତ ପରୀକ୍ଷଣ କରାଯାଇଛି। ଏହା ସହିତ, ପ୍ରକଳ୍ପଟି ବର୍ତ୍ତମାନ ପରବର୍ତ୍ତୀ ପର୍ଯ୍ୟାୟ, "ସମନ୍ୱିତ ଉଡ଼ାଣ ପରୀକ୍ଷା" ଆଡ଼କୁ ଗତି କରୁଛି, ଯାହା ଏହି ବର୍ଷ ହେବାର ଆଶା କରାଯାଉଛି।

ପ୍ରୋଜେକ୍ଟ କୁଶା, ଯାହାକୁ ଆନୁଷ୍ଠାନିକ ଭାବରେ ଏକ୍ସଟେଣ୍ଡେଡ୍ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ୍ (ERADS) କୁହାଯାଏ, ଏହା ଭାରତର ସ୍ୱଦେଶୀ ଦୀର୍ଘ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ। ଏହାକୁ ରୁଷର ଉନ୍ନତ S-400 ଏବଂ S-500 ସିଷ୍ଟମର ପ୍ରତିରୂପ ଭାବରେ ବିକଶିତ କରାଯାଉଛି। ପ୍ରାୟ ୨୧,୭୦୦ କୋଟି ମୂଲ୍ୟର ଏହି ପ୍ରୋଜେକ୍ଟ ଦେଶର ଗୁରୁତ୍ୱପୂର୍ଣ୍ଣ ସହର ଏବଂ ସାମରିକ ଘାଟି ପାଇଁ ଏକ ଦୃଢ଼ ପ୍ରତିରକ୍ଷା କବଚ ଯୋଗାଇବା ଲକ୍ଷ୍ୟ ରଖିଛି। ପ୍ରୋଜେକ୍ଟ କୁଶାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ବହୁ-ସ୍ତରୀୟ ପ୍ରତିରକ୍ଷା କ୍ଷମତା। ଏଥିରେ ତିନି ପ୍ରକାରର ଇଣ୍ଟରସେପ୍ଟର ମିସାଇଲ ଅନ୍ତର୍ଭୁକ୍ତ ହେବ।

1- M1 କ୍ଷେପଣାସ୍ତ୍ର: ୧୫୦ କିଲୋମିଟର ପର୍ଯ୍ୟନ୍ତ ପରିସର, ଯୁଦ୍ଧ ବିମାନ ଏବଂ ସଠିକ୍ ଅସ୍ତ୍ରଶସ୍ତ୍ରକୁ ଅଟକାଇବା ପାଇଁ ସୁଦୃଢ଼।

## ୪୫, ୩୫ ନା ୨୫ ଦିନ... କେବେ ମିଳିବ ସିଲିଣ୍ଡର ?

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ପରେ, ସାରା ବିଶ୍ୱରେ ଇନ୍ଧନ ଅଭାବ ଦେଖାଦେବା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି, ଭାରତରେ କଳାବଜାରୀ ଆରମ୍ଭ ହୋଇଛି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଏବଂ ନିରନ୍ତର ଅପଡେଟ୍ ପ୍ରଦାନ କରୁଛନ୍ତି। ଏବେ ଗ୍ୟାସ ସିଲିଣ୍ଡର ରିଫିଲିଂ ସମ୍ପର୍କରେ କିଛି ରିପୋର୍ଟ ପ୍ରସାରିତ ହୋଇଥିଲା। ଯାହାକୁ ପେଟ୍ରୋଲିୟମ ଏବଂ ଗ୍ୟାସ ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ ଖଣ୍ଡନ କରିଛି।

ଏକ ବିବୃତ୍ତି ଜାରି କରି ମନ୍ତ୍ରଣାଳୟ କହିଛି, "ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ କିଛି ସମାଚାର ରିପୋର୍ଟ ଏବଂ ସୋସିଆଲ ମିଡିଆ ପୋଷ୍ଟରେ ଏଲପିଜି ସିଲିଣ୍ଡର ବୁକିଂ ପାଇଁ ଏକ ସଂଶୋଧିତ ସମୟ ସୀମା ଦାବି କରାଯାଉଛି। ଏହା ଦ୍ୱାରା ସ୍ପଷ୍ଟ କରାଯାଇଛି ଯେ ଏପରି କୌଣସି ପରିବର୍ତ୍ତନ କାର୍ଯ୍ୟକାରୀ କରାଯାଇ ନାହିଁ। ସିଲିଣ୍ଡର ବୁକିଂ ପାଇଁ କୌଣସି ପରିବର୍ତ୍ତନ କରାଯାଇ ନାହିଁ।"

ମନ୍ତ୍ରଣାଳୟ ଅନୁଯାୟୀ, ସମ୍ବାଦ ରିପୋର୍ଟ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଦାବି ଗୁଡ଼ିକ ସୂଚାଇ ଦେଉଛି ଯେ ସିଲିଣ୍ଡର ବୁକିଂ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ସ୍ଥିର କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (PMUY) ଅଧୀନରେ ଜାରି ସଂଯୋଗ ପାଇଁ ୪୫ ଦିନ; ଅଣ-PMUY ସିଲିଣ୍ଡର ସଂଯୋଗ ପାଇଁ ୨୫ ଦିନ; ଏବଂ ଅଣ-PMUY ଡବଲ-ସିଲିଣ୍ଡର ସଂଯୋଗ ପାଇଁ ୩୫ ଦିନ।

ଏହା ଉଲ୍ଲେଖନୀୟ ଯେ ଭାରତ ସରକାର ସାରା ଦେଶରେ ମହିଳାମାନଙ୍କୁ ମାଗଣା ଗ୍ୟାସ ସିଲିଣ୍ଡର ଯୋଗାଇବା ଲକ୍ଷ୍ୟରେ ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ, ଦେଶବ୍ୟାପୀ ଲକ୍ଷ ଲକ୍ଷ ମହିଳା ବର୍ତ୍ତମାନ ମାଗଣା ଗ୍ୟାସ ସିଲିଣ୍ଡର ପ୍ରଦାନରୁ ଉପକୃତ ହେଉଛନ୍ତି।



# ଇରାନ ଯୁଦ୍ଧର ଦୋଷ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉପରେ ଲଦିଲେ ରାଷ୍ଟ୍ରପତି ଟ୍ରମ୍ପ



**ନୂଆଦିଲ୍ଲୀ:** ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧ ସମୟରେ ସବୁଠାରୁ ଚର୍ଚ୍ଚାରେ ରହୁଥିବା ବ୍ୟକ୍ତି ହେଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ସହ ଯୁଦ୍ଧ କରିବା ଆମେରିକାକୁ ମହଙ୍ଗା ପଡ଼ିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ୫ ଦିନିଆ ବିରତି ଲାଗୁ କରିଛନ୍ତି।ଇରାନ ଅନୁରୋଧରେ ଶାନ୍ତି ପାଇଁ ଆଲୋଚନା ଚାଲିଥିବାରୁ ଟ୍ରମ୍ପ ଯୁଦ୍ଧ ବିରତି ଲାଗୁ କରିଥିବା କହିଛନ୍ତି। ହେଲେ ଟ୍ରମ୍ପ ଯୁଦ୍ଧ ବିରତି ପଛରେ କେବଳ ଭୟ ରହିଥିବା କହିଛି ଇରାନ। ଏଥିସହ ଶାନ୍ତି ଆଲୋଚନା ପାଇଁ ଇରାନ ଅନୁରୋଧ କରି ନଥିବା ମଧ୍ୟ କହିଛି। ଇରାନ ସହ ଯୁଦ୍ଧ କରିବା ଯୋଗୁ ଆମେରିକାକୁ ପ୍ରବଳ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏଥିଯୋଗୁ ଟ୍ରମ୍ପଙ୍କୁ ଆମେରିକା ଭିତରେ ମଧ୍ୟ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏସବୁ ଭିତରେ ଏବେ ଟ୍ରମ୍ପ ଇରାନ ସହ ଯୁଦ୍ଧର ସବୁ ଦୋଷ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥ୍ଙ୍କ ଉପରେ ଲଦି ଦେଇଛନ୍ତି। ପୂର୍ବରୁ ଇସ୍ରାଏଲ ଚାପରେ ଟ୍ରମ୍ପ ଇରାନ ସହ ଯୁଦ୍ଧ କରିଥିବା ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଥିଲା। ଏବେ ଟ୍ରମ୍ପ ନିଜେ ହେଗସେଥ୍ଙ୍କ ନାଁ କହିଛନ୍ତି। ଫକ୍ସ ନ୍ୟୁଜର ପୂର୍ବତନ ଉପସ୍ଥାପକ, ଜଣେ ମେଡାଲ ପ୍ରାପ୍ତ ସୈନ୍ୟ ଓ ନିଜକୁ ଯୁଦ୍ଧର ବିରୋଧୀ ବୋଲି କହୁଥିବା ହେଗ୍ସେଥ୍ ମାର୍ଚ୍ଚ ମାସ ଆରମ୍ଭରେ ନିଜର ସମାଲୋଚକଙ୍କୁ କଡ଼ା ଜବାବ ଦେଇଥିଲା। ସମାଲୋଚକମାନେ ଇରାନ ସହ ଯୁଦ୍ଧକୁ ଅସ୍ପଷ୍ଟ କହିବା ସହ ଏହାର ଅନ୍ତ ଉପରେ ପ୍ରଶ୍ନ ଉଠାଇଥିଲେ। ଆମେରିକା ଯୁଦ୍ଧରେ ହସ୍ତକ୍ଷେପ କରିବାର କୌଣସି କାରଣ ନଥିବା ମଧ୍ୟ ସେମାନେ କହିଥିଲେ। କିନ୍ତୁ ହେଗସେଥ୍ ସେମାନଙ୍କୁ କହିଥିଲେ ଯେ "ଆମେରିକା ଜିତୁଛି। ଏହି ଯୁଦ୍ଧ ଶୀଘ୍ର ଶେଷ ହେବ।" ଇରାନ ସହ ଯୁଦ୍ଧରୁ ଆମେରିକା କ'ଣ ଚାହୁଁଛି ପ୍ରଶ୍ନର ଉତ୍ତରରେ ସେ ଏକଥା କହିଥିଲେ। ଏବେ ହେଗସେଥ୍ଙ୍କ ବସ୍ ଟ୍ରମ୍ପ ତାଙ୍କୁ ପୂରା ଯୁଦ୍ଧ ପାଇଁ ଦାୟୀ କରିଛନ୍ତି। ଇରାନ ସହ ଯୁଦ୍ଧ କରିବା ସପକ୍ଷରେ ପ୍ରଥମେ ହେଗସେଥ୍ କହିଥିଲେ ବୋଲି ଟ୍ରମ୍ପ ସମସ୍ତଙ୍କୁ ଜଣାଇଛନ୍ତି। ହେଗସେଥ୍ ପାଖରେ ବସିଥିବା ବେଳେ ଟ୍ରମ୍ପ କହିଛନ୍ତି ଯେ "ପିଟ୍, ମୁଁ ଭାବୁଛି ତୁମେ ପ୍ରଥମେ ଯୁଦ୍ଧ କଥା କଥା ଉଠାଇଥିଲ। ତୁମେ କହିଥିଲ ଯେ ଚାଲ ଯୁଦ୍ଧ କରିବା। କାରଣ ସେମାନଙ୍କୁ ପରମାଣୁ ଅସ୍ତ୍ର ରଖିବାକୁ ଆମେରିକା ଅନୁମତି ଦେଇପାରିବ ନାହିଁ।" ଏକଥା ଶୁଣି ହେଗ୍ସେଥ୍ କେବଳ ଚୁପ ରହିଥିଲେ। ଏବେ ୨୫ ଦିନ ଧରି ଜାରି ରହିଥିବା ଏହି ଯୁଦ୍ଧର ସ୍ଥାୟୀ ସମାଧାନର ରାସ୍ତା ବାହାରି ନାହିଁ। ଇରାନର ହର୍ମୁଜ ଅବରୋଧ ଯୋଗୁ ଶକ୍ତି ମୂଲ୍ୟ ଆକାଶ ଛୁଆଁ ହୋଇଛି। ଆମେରିକାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଖାସ ଏଥିପାଇଁ ଏବେ ଟ୍ରମ୍ପ ଯୁଦ୍ଧର ଦୋଷ ଅନ୍ୟମାନଙ୍କ ଉପରେ ଲଦିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

## ଜାତୀୟ ଇନଡୋର ଆଥଲେଟିକ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଗୌରବ ଆଣିଲେ ଗୁରବିନ୍ଦରବୀର

ଭୁବନେଶ୍ୱର,୨୫ା୩(ସବ୍ୟୁ): ଓଡ଼ିଶା କ୍ରୀଡା ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଛି। ସଫଳତାର ସହ ଦୁଇ ଦିନିଆ ଜାତୀୟ ଇନଡୋର ଚାମ୍ପିଅନସିପ ଅନୁଷ୍ଠିତ ହୋଇଛି। ଓଡ଼ିଶା ଦେଶ ପ୍ରଥମ ରାଜ୍ୟ ଭାବେରେ ବିଶ୍ୱସ୍ତରୀୟ କ୍ରୀଡା ଇନଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡା କ୍ଷେତ୍ରରେ ଏକ ମାଇଲ ଷ୍ଟୋନ ସ୍ଥାପନ କରିଛି। ପ୍ରତିଯୋଗିତାର ଦ୍ୱିତୀୟ ତଥା ଶେଷ ଦିନ ୬୦ ମିଟର ଦୌଡରେ ଗୌରବ ଆଣିଛନ୍ତି ପଞ୍ଜାବର ୨୬ ବର୍ଷୀୟ ଅନ୍ତର୍ଜାତୀୟ ଧାବକ ଗୁରବିନ୍ଦର ବୀର ସିଂ। ୬୦ ମିଟର ଫାଇନାଲରେ ୩ ଜଣ ଆଥଲେଟ୍‌ଙ୍କ ଆରମ୍ଭ ଖରାପ ହୋଇଥିଲା। କିନ୍ତୁ ଗୁରବିନ୍ଦର ନିଜ ଏକାଗ୍ରତା ହରାଇନଥିଲେ। ସେ ଫିନିସିଂ ଲାଇନକୁ ୬.୬ ସେକେଣ୍ଡ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ସେ ପୂର୍ବ ଜାତୀୟ ରେକର୍ଡକୁ ମଧ୍ୟ ପଛରେ ପକାଇଛନ୍ତି। ପୂର୍ବରୁ ୬୦ ମିଟରରେ ଟାଇମିଂ ୬.୬୭ ସେକେଣ୍ଡ ଥିଲା। ୨୦୨୨ରେ ଏହି ରେକର୍ଡ ଭିକେ ଏଲାକିଆଡସାନ ସ୍ଥାପନ କରିଥିଲେ। ୨୦୨୬ ବର୍ଷ ଆରମ୍ଭରୁ ଗୁରବିନ୍ଦର ବୀର ରେକର୍ଡ ଅଭିଯାନ ବର୍ଷତମାମ ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବ। ମହିଳା ବର୍ଗରେ ମହାରାଷ୍ଟ୍ରର ୨୨ ବର୍ଷୀୟା ହରିତା ବାନ୍ଦ୍ରା ୭.୩୨ ସେକେଣ୍ଡ ଟାଇମିଂ ସହ ୬୦ ମିଟର ଅତିକ୍ରମ କରି ସ୍ୱର୍ଣ୍ଣ ଜିତିଛନ୍ତି।

ପୁରୁଷ ୬୦ ମିଟର ଦୌଡ଼ରେ ଗୁରିନ୍ଦର ବୀର ସିଂଙ୍କ ସ୍ୱର୍ଣ୍ଣ ପଦକ ବ୍ୟତୀତ ଓଡ଼ିଶାର ଲାଲୁ ପ୍ରସାଦ ଭୂଇଁ ରୌପ୍ୟ ପଦକ ଜିତିଥିଲେ। ପୁରୁଷ ୨୦ ବର୍ଷରୁ କମ ୬୦ ମିଟରରେ ମହାରାଷ୍ଟ୍ରର କ୍ଷିତିଜ ସୁନୀଲ ସ୍ୱର୍ଣ୍ଣ, ପୁରୁଷ ୪୦୦ ମିଟରରେ ରିଲାଏନ୍ସ ଫାଉଣ୍ଡେସନର ମହମ୍ମଦ ସିନାନ ସ୍ୱର୍ଣ୍ଣ ବାଡୁସା ରୌପ୍ୟ ଓଡ଼ିଶାର ଆର୍ଯ୍ୟନ ଏକ୍କା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୨୦ ବର୍ଷରୁ କମ ବର୍ଗରେ ଉମେଶ ସାହାଣୀ ସ୍ୱର୍ଣ୍ଣ, ଓଡ଼ିଶାର ବାପି ହାଂସଦା ରୌପ୍ୟ ଜିତିଛନ୍ତି।

ପୁରୁଷ ଦେଢ଼ ହଜାର ମିଟରରେ ବିନୋଦ ସ୍ୱର୍ଣ୍ଣ, ପୁରୁଷ ୨୦ ବର୍ଷରୁ କମ୍ ୩୦୦୦ ମିଟରରେ ଓଡ଼ିଶାର ଦୋଳମଣି ଚିରଗଣ ସ୍ୱର୍ଣ୍ଣ, ପୁରୁଷ ଟ୍ରିପଲ ଜମ୍ପରେ ବିମଳ ମୁକେଶ ସ୍ୱର୍ଣ୍ଣ, ଓଡ଼ିଶାର ନରେଶ ରୋହିଦାସ ତୃତୀୟ ସ୍ଥାନ ଅଧିକ କରିଛନ୍ତି। ଓଡ଼ିଶା ନରେଶ ରୋହିଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ପୋଲଭୋଲ୍ଟରେ ତାମିଲନାଡୁର ରିଗାଲଙ୍କୁ ସ୍ୱର୍ଣ୍ଣ, ପୁରୁଷ ହାଇଜମ୍ପରେ ଓଡ଼ିଶାର ସ୍ୱାଧୀନ କୁମାର ସ୍ୱର୍ଣ୍ଣ, ପୁରୁଷ ୨୦ ବର୍ଷରୁ କମ୍ ହାଇଜମ୍ପରେ ରାଜସ୍ଥାନର ବସନ୍ତଙ୍କୁ ସ୍ୱର୍ଣ୍ଣ, ମହିଳା ୬୦ ମିଟରରେ ହରିତା ବାନ୍ଦ୍ରା ସ୍ୱର୍ଣ୍ଣ, ମହିଳା ୨୦ ବର୍ଷରୁ କମ ୬୦ ମିଟର ଦୌଡ଼ରେ ଗୁଜରାଟର କାଜଲ କୁମାର ହୀରାବାଇଙ୍କୁ ସ୍ୱର୍ଣ୍ଣ, ମହିଳା ୪୦୦ ମିଟରର ଉତ୍ତର ପ୍ରଦେଶର କୁମାର ସଲୋନୀ ନାଗରଙ୍କୁ ସ୍ୱର୍ଣ୍ଣ, ଓଡ଼ିଶାର ସୁଖି ବାସ୍କେ ରୌପ୍ୟ ପଦକ ଜିତିଛନତି। ମହିଳା ୨୦ ବର୍ଷରୁ କମ୍ ଓଡ଼ିଶାର ଅର୍ପିତା ରୌପ୍ୟ ପଦକ ଜିତିଛନ୍ତି।



## ଆର୍‌ସିବିକୁ କିଣିଲା ଆଦିତ୍ୟ ବିର୍ଲା



ନୂଆଦିଲ୍ଲୀ,୨୫ା୩(ଏଜେନ୍ସି): ରାଜସ୍ଥାନ ରୟାଲ୍ସ ପରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିକ୍ରି ହୋଇଛି। ୧୬ ହଜାର କୋଟିରୁ ଅଧିକ ଟଙ୍କାରେ ଆରସିବିରୁ କ୍ରୟ କରିଛନ୍ତି ଆଦିତ୍ୟ ବିର୍ଲା ଗ୍ରୁପ୍ ଓ ଟାଇମ୍ସ ଅଫ୍ ଇଣ୍ଡିଆ। ଆଇପିଏଲ୍‌ର ଦୁଇ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଓ ବେଙ୍ଗାଲୁରୁ ବ୍ରିକି ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍ ଓ ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପର ନେତୃତ୍ୱାଧୀନ ୪ ଜଣିଆ କନସୋର୍ଟିୟମ ୧୬, ୬୦୬ କୋଟି ଟଙ୍କା ମୂଲ୍ୟରେ ଆରସିବି ଫ୍ରାଞ୍ଚାଇଜକୁ କିଣିଛନ୍ତି। ସେହିପରି ଆମେରିକାର ପ୍ରତିଷ୍ଠିତ ଉଦ୍ୟୋଗ ପ୍ରତି କାଲ ସୋମାନି ୧୫, ୩୦୦ କୋଟି ମୂଲ୍ୟରେ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍ କିଣିଥିଲା। ଆରସିବିକୁ କିଣିଥିବା ଆଦିତ୍ୟ ବିର୍ଲା ଗ୍ରୁପ୍ ଓ ଟାଇମ୍ସ ଅଫ୍ ଗ୍ରୁପ୍ ବ୍ୟତୀତ ଅନ୍ୟ ଦୁଇଟି କମ୍ପାନୀର ବୋଲ୍ଡ ଭେଞ୍ଚର୍ସ ଓ ବ୍ଲାଷ୍ଟୋନ ପର୍ପେଚୁଆଲ ରହିଛନ୍ତି। ଆରସିବି ଆଇପିଏଲର ସବୁଠୁ ଦାମୀ ଫ୍ରାଞ୍ଚାଇଜ୍ ହୋଇଛି। ୨୦୦୮ ମସିହାରେ ୟୁନାଇଟେଡ ସ୍ପିରିଟ୍ ଲିମିଟେଡ ୪୫୦ କୋଟି ଟଙ୍କାରେ ଆରସିବି ଫ୍ରାଞ୍ଚାଇଜ୍ କିଣିଥିଲା। ଏବିଜି ଗ୍ରୁପ୍‌ର କନସୋଟିଏମ୍ ଏହି ଅର୍ଥରେ ଉଭୟ ମହିଳା ଓ ପୁରୁଷ ଦଳର ମାଲିକାନା ହାସଲ କରିଛି। ନୂଆ ମାଲିକାଲା ସଂରଞ୍ଚନାରେ ଆଦିତ୍ୟ ବିର୍ଲା ଗ୍ରୁପର ନିର୍ଦ୍ଦେଶକ ଆର୍ଯ୍ୟମାନ ବିର୍ଲା ଆରସିବି ଦଳର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରହିବେ। ସେହିପରି ଟାଇମ୍ସ ଅଫ୍ ଇଣ୍ଡିଆ ମୁଖ୍ୟ ସତ୍ୟନ ଗଜୱାନୀ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ।

## ଖେଲୋ ଇଣ୍ଡିଆ ମହିଳା ବାସ୍କେଟବଲ

# ଏସ୍‌ବି, ବିଏଏ ବିଜୟୀ



ଭୁବନେଶ୍ୱର,୨୫ା୩(ସବ୍ୟୁ): ଭୁବନେଶ୍ୱରରେ ଚାଲିଥିବା ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦିନରେ ଦଳ ଗୁଡିକ ଖୁବ୍ ରୋମାଞ୍ଚକର ପ୍ରଦର୍ଶନ ଦେଖାଇଥିଲେ। ପ୍ରଥମ ମ୍ୟାଚରେ ମହିଳା ଏସବି ମହିଳା ଦଳ ୪୧-୨୭ ବ୍ୟବଧାନରେ କେଟି ଗ୍ଲୋବାଲକୁ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିଏଏ ୩୬-୧୦ରେ ସିଡିଏଏକୁ ପରାଜିତ କରିଥିଲା। ତୃତୀୟ ମ୍ୟାଚରେ ଏଣ୍ଟରଟେନର ଦଳ ୩୫-୨୬ ବ୍ୟବଧାନରେ ଏମପିଏସ୍‌କୁ ହରାଇଥିଲା। ଚତୁର୍ଥ ମ୍ୟାଚରେ କିସ୍ ଏ ଦଳ ୨୫-୧୪ ବ୍ୟବଧାନରେ ଓଡିଏମ୍ ଗ୍ଲୋବାଲକୁ ପରାଜିତ କରିଥିଲା। ଶେଷ ମ୍ୟାଚରେ ଏସଏସୟୁ ଦଳ ୨୫-୯ରେ କିସ୍ ସି'କୁ ପରାଜିତ କରିଥିଲା। ଓଡ଼ିଶା ବାସ୍କେଟବଲ ଆସୋସିଏସନର ପ୍ରତିନିଧି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଆଇପିଏଲରୁ ବାସନ୍ଦ ହେଲେ ଇଂଲଣ୍ଡ କ୍ରିକେଟର




ନୂଆଦିଲ୍ଲୀ,୨୫ା୩(ଏଜେନ୍ସି): ଆଇପିଏଲ ଆରମ୍ଭ ହେବାର ଠିକ ପୂର୍ବରୁ ଇଂଲଣ୍ଡର ତାରକା ବ୍ୟାଟର ବେନ ଡକେଟ୍ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି। ଡକେଟ ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି ହେଲେ ସେ ଫ୍ରାଞ୍ଚାଇଜକୁ ଜଣାଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ଯାହା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପର ତାଙ୍କ ଉପରେ ଦୁଇ ବର୍ଷ ବ୍ୟାନ ଲାଗିଛି। ଡକେଟରୁ ଖେଳାଳି ନିଲାମରୁ ଦିଲ୍ଲୀ କ୍ୟାପିଟାଲ୍ସ ୨ କୋଟି ଟଙ୍କାରେ କିଣିଥିଲା। ଏହା ସହିତ ସେ ରାହୁଲଙ୍କ ସହିତ ଇନିଂସ ଓପନ କରିବେ ବୋଲି କୁହାଯାଉଛି। ହେଲେ ସେ ଚଳିତ ସିଜନରେ ଖେଳି ପାରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ପଦକ୍ଷେପ ଯୋଗୁଁ ଆଗାମୀ ଦୁଇଟି ସଂସ୍କରଣରେ ତାଙ୍କୁ ଖେଳିବାର ସୁଯୋଗ ମିଳିବ ନାହିଁ। ଡକେଟ ତାଙ୍କୁ ୨୦୨୭ ଓ ୨୦୨୮ ଆଇପିଏଲ୍ ଖେଳିପାରିବେ ନାହିଁ। ଡକେଟଙ୍କ ଅନୁପସ୍ଥିତିରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ଓପନିଂ ପାଇଁ ଅନେକ ବିକଳ୍ପ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ କହିଛନ୍ତି ହେମଙ୍ଗ ବଦାନୀ କହିଛନ୍ତି ରାହୁଲ ଏଥର ଓପନିଂ କରିବେ। ତାଙ୍କ ସହିତ ଅବିଶେକ ପୋରେଲ, ପୃଥ୍ୱୀ ସହ କିମ୍ବା ପାଥୁମ ନିଶାଙ୍କ ମୈଦାନକୁ ଓହ୍ଲାଇବେ।

## ରାଜସ୍ଥାନର ଖେଳାଳି ଏବେ ଆରସିବିର ମାଲିକ

ନୂଆଦିଲ୍ଲୀ,୨୫ା୩(ଏଜେନ୍ସି): ଆର୍ଯ୍ୟମାନ ବିର୍ଲା କିଏ ? କାହିଁକି ତାଙ୍କ ବିଷୟରେ ଏବେ ଚର୍ଚ୍ଚା। ଦିନେ ସେ ଆଇପିଏଲ୍ ଖେଳୁଥିଲେ। ଏବେ ଆଇପିଏଲ ଫ୍ରାଞ୍ଚାଇଜର ମାଲିକ ବନିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ୍ ଲିଗ୍ ଆଇପିଏଲରେ ମଧ୍ୟ ତାଙ୍କୁ କିଣାଯାଇଥିଲା। ବେନ ଷ୍ଟୋକ୍ସ ଓ ଜୋଶ ବଟ୍ଟଲରଙ୍କ ସହ ସେ ଡ୍ରେସିଂ ରୁମ ସେୟାର କରିଥିଲେ। ତଥାପି ତାଙ୍କୁ ଆଇପିଏଲରେ ମ୍ୟାଚ ଖେଳିବାକୁ ସୁଯୋଗ ମିଳିନଥିଲା। କିନ୍ତୁ ସମୟ ସହ ସବୁ କିଛି ବଦଳି ଯାଇଛି। ଏବେ ସେ ଆଇପିଏଲର ସେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ମାଲିକ ବନି ଯାଇଛନ୍ତି। ଦିନ ଥିଲା ଆଇପିଏଲ ନିଲାମରେ ବିକ୍ରି ହେବା ପାଇଁ ଆର୍ଯ୍ୟମାନ ନାଁ ଦେଇଥିଲେ। ହେଲେ ଏବେ ସେ ଗୋଟିଏ ଦଳ ଆରସିବିର ମାଲିକାନା ହାସଲ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଦଳର ମାଲିକାନା ଆଦିତ୍ୟ ବିର୍ଲା ଗ୍ରୁପ୍ ହାସଲ କରିଛି।

ଆର୍ଯ୍ୟମାନ ବିର୍ଲା ହେଉଛନ୍ତି ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ। କୁମାର ମଙ୍ଗଲମ୍ ବିର୍ଲାଙ୍କ ପୁଅ। ୨୮ ବର୍ଷିୟ ଆର୍ଯ୍ୟମାନ ଜଣେ ପୂର୍ବତନ କ୍ରିକେଟର। ସେ ଏକଦା ମଧ୍ୟପ୍ରଦେଶ ପାଇଁ ଘରୋଇ କ୍ରିକେଟ୍ ଖେଳୁଥିଲେ। ଆରସିବିର ଅଧିନାୟକ ରଜତ ପଟିଦାର ଓ ଭେଙ୍କଟେଶ ଆୟରାଙ୍କ ଭଳି ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ମଧ୍ୟ ସେୟାର କରିଥିଲେ। ବାମହାତି ଆର୍ଯ୍ୟମାନ ୯ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୪୧୪ ରନ୍ କରିଥିଲେ। ବେଙ୍ଗଲ ବିପକ୍ଷ ମ୍ୟାଚରେ ସେ ଶତକ ମାରି ଥିଲେ। ୪ଟି ଲିଷ୍ଟ ଏ' ସେ ମାତ୍ର ୩୬ ରନ୍ କରିଥିଲେ।

୨୦୧୮ ଆଇପିଏଲ୍ ମେଗା ନିଲାମରେ ଆର୍ଯ୍ୟମାନ ନାଁ ପଞ୍ଜିକରଣ କରିଥିଲେ। ତାଙ୍କୁ ରାଜସ୍ଥାନ ରୟାଲ୍ସ ୩୦ ଲକ୍ଷ ଟଙ୍କା ଦେଇ କିଣିଥିଲା। କିନ୍ତୁ ଫ୍ରାଞ୍ଚାଇଜ୍ ପାଇଁ ସେ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ପାଇନଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୨୦୨୦ ସଂସ୍କରଣ ପୂର୍ବରୁ ରାଜସ୍ଥାନ ରିଲିଜ କରିଦେଇଥିଲା। ସମାନ ସମୟରେ ଆର୍ଯ୍ୟମାନ ମାନସିକ ଚିନ୍ତା ଯୋଗୁଁ କ୍ରିକେଟରୁ ଦୂରେଇ ଯାଇଥିଲେ। ସେ ପ୍ରତ୍ୟାବର୍ତ୍ତନ କରିବାର ସଂକେତ ଦେଇଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଏବେ ସେ ଆଦିତ୍ୟ ବିର୍ଲା ମ୍ୟାନେଜମେଣ୍ଟ କର୍ପୋରେସନର ନିର୍ଦ୍ଦେଶକ ଅଛନ୍ତି।

## ଜାତୀୟ ପାରା ଫେନସିଂ ଚାମ୍ପିଅନସିପ୍

# ପ୍ରଥମ ଦିନ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର,୨୫ା୩(ସବ୍ୟୁ): ରାଜସ୍ଥାନ ଜୟପୁରର ଏସଏମଏସ ଇନଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଜାତୀୟ ପାରା ଫେନସିଂ ଚାମ୍ପିଅନସିପର ପ୍ରଥମ ଦିନ ଓଡ଼ିଶା ୫ ପଦକ ଜିତିଛି। ଦୁଇଟି ସ୍ୱର୍ଣ୍ଣ ସହ ୩ଟି ବ୍ରୋଞ୍ଜ ପଦକ ହାତେଇଛନ୍ତି ଓଡ଼ିଶା ପାରା ଫେନସିଂ ଖେଳାଳି।

ପୁରୁଷ ସାବ୍ରେ ବର୍ଗ ଏ'ରେ ପବିତ୍ର ସାହୁ ୧୫-୧୨ ବ୍ୟବଧାନରେ ପଶ୍ଚିମବଙ୍ଗର କ୍ରିଷ୍ଣା ଶର୍ମାଙ୍କୁ ପରାଜିତ କରି ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ଫୋଲି ବର୍ଗରେ କୁମାରୀ ମାଲତୀ ପାନାଓରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ୧୫-୬ ବ୍ୟବଧାନରେ ହରିୟାଣାର ରେଖାଙ୍କୁ ପରାଜିତ କରି ସ୍ୱର୍ଣ୍ଣ ହାତେଇଛନ୍ତି। ସିଲା ମନ୍ତ୍ରୀ ୧୫-୦ ବ୍ୟବଧାନରେ ମାଲତୀ ପାନାଓରେଙ୍କ ନିକଟରୁ ପରାଜିତ ହୋଇ ବ୍ରୋଞ୍ଜ ଜିତିଛନ୍ତି। ପୁରୁଷ ସାବ୍ରେ ବର୍ଗ ବି'ରେ ରୁଦ୍ର ନାରାୟଣ ବେହେରା ଓ ରାହୁଲ ମଲ୍ଲିକ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତେଣୁ ପ୍ରଥମ ଦିନ ଓଡ଼ିଶା ଦୁଇଟି ସ୍ୱର୍ଣ୍ଣ ଓ ୩ଟି ବ୍ରୋଞ୍ଜ ସହ ୫ଟି ପଦକ ହାତେଇଛନ୍ତି।



## ସର୍ବଭାରତୀୟ ବେସାମରିକ ଭଲିବଲ ଟୁର୍ଣ୍ଣାମେଣ୍ଟ

# ବିଜୟ ସହ ଅଭିଯାନ ଶେଷ କଲା ଓଡିଶା

ଭୁବନେଶ୍ୱର,୨୫ା୩(ସବ୍ୟୁ): ସର୍ବଭାରତୀୟ ବେସାମରିକ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ଶେଷ ଲିଗ ମ୍ୟାଚରେ ବିଜୟ ସହ ନିଜର ଅଭିଯାନ ଶେଷ କରିଛି । ଦିଲ୍ଲୀର ପିତାମପୁର ଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳ ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରକୁ ୨-୦ ସେଟରେ ପରାସ୍ତ କରିଥିଲା ମାତ୍ର ଦିଲ୍ଲୀ ଟିମ ଠାରୁ ୨-୧ ସେଟରେ ହାରିବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଖେଳିବାରେ ବିଫଳ ହୋଇଛି । ମାତ୍ର ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ଭଲ ଅଭିଜ୍ଞତା ନେଇ ଫେରୁଛି । ଓଡ଼ିଶା ଦଳର ଅଧିନାୟକ ଚନ୍ଦନ କୁମାର ମଣ୍ଡଳଙ୍କ ନେତୃତ୍ୱରେ ଏବଂ ଦଳର କୋଚ୍ ପ୍ରକାଶ ଚନ୍ଦ୍ର ରଥ ଏବଂ ମ୍ୟାନେଜର ଭାବେ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱବଧାନରେ ଓଡିଶା ଦଳ ଦିଲ୍ଲୀ ଯାତ୍ରା କରିଥିଲା । ଏହି ଦଳରେ ଚନ୍ଦନ କୁମାର ମଣ୍ଡଳ(ଅଧିନାୟକ), ଅକ୍ଷୟ ମିଶ୍ର, ଆଶୁତୋଷ ତ୍ରିପାଠୀ, ଜଗନ୍ନାଥ ବଳ, ଅବିନାଶ ଜେନା, ନାରାୟଣ ଦାସ, ବିଚିତ୍ର ପ୍ରଧାନ(ଉପ-ଅଧିନାୟକ), ରାଜେଶ ସେନାପତି, ପାର୍ଥସାରଥି ଜେନା, ପ୍ରକାଶ ଚନ୍ଦ୍ର ବେହେରା, ରଶ୍ମିରଞ୍ଜନ ଦାଶ, ଜଳେନ୍ଦ୍ର ପ୍ରିବାକା ଏବଂ ଆଶିଷ ବେହେରା ପ୍ରମୁଖ ସାମିଲ ଥିଲେ ।




ସୂଚନା
ସମୟ BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

# ରସେଲଙ୍କ ନଂ.୧୨ ଜର୍ସିକୁ ଅବସର

 କୋଲକାତା,୨୫ା୩(ଏଜେନ୍ସି): କୋଲକାତା ନାଇଟ ରାଇଡର୍ସ ପୂର୍ବତନ ତାରକା ଅଲରାଉଣ୍ଡ ଆନ୍ଦ୍ରେ ରସେଲଙ୍କ ସମ୍ମାନ ପାଇଁ ସେ ବ୍ୟବହାର କରୁଥିବା ନଂ.୧୨ ଜର୍ସିକୁ ଅବସର ଦିଆଯାଇଛି। ରସେଲ ଆଇପିଏଲରେ ୨୦୧୪ରୁ ୨୦୨୫ ପର୍ଯ୍ୟନ୍ତ କୋଲକାତା ପକ୍ଷରୁ ଖେଳିଛନ୍ତି। ୨୦୧୭ରେ ସେ ଖେଳିନଥିଲେ। ଗତ ନଭେମ୍ବରରେ ସେ ଆଇପିଏଲରେ ଅବସର ନେଇଥିଲେ। ଏବେ ତାଙ୍କୁ ଦଳର ପାୱାର କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୪ ଓ ୨୦୨୪ରେ ଟାଇଟଲ ହାସଲ କରିଥିବା କୋଲକାତା ଦଳର ସେ ସଦସ୍ୟ ଥିଲେ। ୨୦୨୪ରେ ସେ ତାଙ୍କ ଯୋଗଦାନ ଅଧିକ ଥିଲା। ସେ ୨୨୨ ରନ୍ କରିବା ସହ ୧୯ ୱିକେଟ୍ ନେଇଥିଲେ। ଏଥର କୋଚ ଭୂମିକା ତୁଲାଇବାକୁ ଅଧିକ ଧ୍ୟାନ ଦେବେ ବୋଲି ରସେଲ କହିଛନ୍ତି। ପ୍ରଶିକ୍ଷଣରେ ମଧ୍ୟ ତାଙ୍କ ଶୈଳୀ ଆକ୍ରାମକ ରହିବ। ରସେଲ କେକେଆର ବ୍ୟତୀତ ନାଇଟରାଇଡର୍ସର ଅନ୍ୟ ଫ୍ରାଞ୍ଚାଇଜ୍ ସହ ଖେଳିଛନ୍ତି। ଆଇଏଲଟିରେ ଆବୁଧାବୀ ନାଇଟ ରାଇଡର୍ସ ଓ ସିପିଏଲରେ ମଧ୍ୟ ଖେଳିଛନ୍ତି। ଏହି ଦୁଇଟି ଦଳ ପକ୍ଷରୁ ୪ଟି ଲେଖାଏଁ ସିଜିନ ଖେଳିଥିଲେ।




# ଏଲ୍‌ଏଲ୍‌ସିସି କପ: ଜମାଣିଆ ବିଜୟ ସହ ସେମିରେ ଏଲ୍‌ଏଲ୍‌ସିସି

ଭୁବନେଶ୍ୱର,୨୫ା୩(ସବ୍ୟୁ): ଏଲ୍‌ଏଲ୍‌ସିସି କପରେ ରୋମାଞ୍ଚକ ବିଜୟ ସହ ଆୟୋଜକ ଏଲ୍‌ଏଲ୍‌ସିସି ସେମିଫାଇନାଲରେ ପ୍ରବେଶ କରିଛି। ଏଲ୍‌ଏଲ୍‌ସିସି ୨୧ ରନ୍ ବ୍ୟବଧାନରେ କଟକର ସୋଲାର କ୍ରିକେଟକୁ ହରାଇ ସେମିରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଏଲ୍‌ଏଲ୍‌ସିସି ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ କୁକୁନ ବେହେରା ସର୍ବାଧିକ ୬୪ ରନ୍ କରିଥିଲେ। ରୋହିତ ବିଭାର ୫୦ ରନର ଇନିଂସ ଖେଳିଥିଲେ। ଏହି ଦୁଇ ବ୍ୟାଟରଙ୍କୁ ଛାଡି ଦେଲେ ସୋଲାର ବୋଲିଂ ଆଗରେ ଅନ୍ୟ କେହି ସାମ୍ନା କରିପାରିନଥିଲେ। ସୋଲାର ପକ୍ଷରୁ ବିରଭଦ୍ର ସାହୁ ୪ଟି, ଆକାଶ ଟୁଡୁ ଓ ପ୍ରିୟାଂଶୁ ବିଶ୍ୱାଳ ୨ଟି ଲେଖାଏଁ ସଫଳତା ପାଇଥିଲେ। ସେହିପରି ଆୟୁଷ ରାଉତ ଗୋଟିଏ ୱିକେଟ୍ ସହ ଜଣଙ୍କୁ ରନଆଉଟ୍ କରିଥିଲେ।

ସୋଲାରକୁ ୧୯୫ ରନର ବିଜୟଲକ୍ଷ୍ୟ ମିଳିଥିଲା। କିନ୍ତୁ ଦଳ ୧୭ ଓଭର ସୁଧା ଦଳୀୟ ସ୍କୋର ୧୦୯ ରନରେ ପହଞ୍ଚିଥିଲା। ମୋହିତ ପଙ୍କଜ ୩୨ ରନ୍ କରିଥିବା ଗିରିଙ୍କୁ ଆଉଟ୍ କରିବା ପରେ ସୋଲାର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଆୟୁଷ ମାତ୍ର ୪ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳ ୩୧.୨ ଓଭରରେ ୧୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ମୋହିତ ସାହୁ ୭ ଓଭରରେ ୩ଟି ମେଡେନ ସହ ୧୬ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ତାଙ୍କୁ ସୁବେନ୍ଦୁ ପଟ୍ଟନାୟକ ମ୍ୟାନ ଅଫ୍ ଦ ମ୍ୟାଚ ଦେଇଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ପାଟଶାଣୀ ୩ଟି, ସୁନୀଲ ନାୟକ ୨ଟି, ପ୍ରତୀକ ସାମନ୍ତରାୟ ଓ ଜୟଦୀପ ରାଜ ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି